

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୪ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 04 AUGUST 2023

Vol.No. 35 ■ No. 206 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



# ଜ୍ଞାନବ୍ୟାପୀ ମସଜିଦ ମାମଲାରେ ମୁସଲିମ୍ ପକ୍ଷକୁ ଝଟକା

## ଏଏସଆଇ ସର୍ଭେକୁ ହାଇକୋର୍ଟଙ୍କ ସମ୍ମତି



ନୂଆଦିଲ୍ଲୀ,୩/୦୮ : ଉତ୍ତର ପ୍ରଦେଶ ବାରାଣାସୀ ଜ୍ଞାନବ୍ୟାପୀ ମସଜିଦ ମାମଲାରେ ମୁସଲିମ ପକ୍ଷକୁ ବଡ ଝଟକା। ଆହ୍ଲାବାଦ ହାଇକୋର୍ଟ ମାମଲାର ଶୁଣାଣି କରି ମୁସଲମାନ ପକ୍ଷରୁ କରାଯାଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି। କୋର୍ଟ ଅଞ୍ଜୁମନ ଇନ୍ତଜାମିଆ ମସଜିଦ କମିଟିର ଆବେଦନକୁ ଖାରଜ କରି ମସଜିଦରେ ଏଏସଆଇ ସର୍ଭେକୁ ସବୁଜ ସଙ୍କେତ ଦେଇଛନ୍ତି। ପୂର୍ବରୁ ୨୧ ଜୁଲାଇରେ ବାରଣାସୀ ଜିଲ୍ଲା ଜଜ୍ ଜ୍ଞାନବ୍ୟାପୀ ମସଜିଦେରେ ଆର୍କୋଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ(ଇଝଓ)କୁ ସର୍ଭେ ପାଇଁ ଆଦେଶ ଦେଇଥିଲେ। କିନ୍ତୁ ମୁସଲିମ୍ ପକ୍ଷ ଏନେଇ ପ୍ରଥମେ ସୁପ୍ରିମକୋର୍ଟ ଏବଂ ପରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆଜି ହାଇକୋର୍ଟ ମାମଲାର ଶୁଣାଣି କରି ଆବେଦନକୁ ଖାରଜ କରି ଏଏସଆଇ ସର୍ଭେକୁ ସମ୍ମତି ଜଣାଇଛନ୍ତି। ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି, 'ନ୍ୟାୟହିତ ପାଇଁ ଏଏସଆଇ ସର୍ଭେ ଜରୁରୀ। କେତେକ ସର୍ତ୍ତ ଆଧାରରେ ଏହାକୁ ଲାଗୁ କରିବାର ଆବଶ୍ୟକତା ରିହିଛି।' ମୁସଲିମ ପକ୍ଷ ଆବେଦନ କରିଥିଲା ଯେ, ଏହି ସର୍ଭେ ଢାଞ୍ଚାରେ କ୍ଷତି ପହଞ୍ଚାଇବ। ତେଣୁ ଜ୍ଞାନବ୍ୟାପୀ ମସଜିଦ ମାମଲାରେ ସର୍ଭେ ଦାୟିତ୍ୱ ଏଏସଆଇକୁ ଦିଆନଯାଉ। ଏହା ପରେ ଏଏସଆଇ ପକ୍ଷରୁ ଏକ ଆଫିଡେଭିଟ ଦାଖଲ କରାଯାଇ କୁହାଯାଇଥିଲା, ସର୍ଭେରୁ ମସଜିଦକୁ କୌଣସି କ୍ଷତି ପହଞ୍ଚିବ ନାହିଁ ବୋଲି ଶୁଣାଣି ସମୟରେ ଭାରତର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଏକ ପ୍ରମାଣପତ୍ର ଦେଇଛି। ଆଜି ଆହ୍ଲାବାଦ ହାଇକୋର୍ଟ ମାମଲାର ଶୁଣାଣି କରି ସର୍ଭେ ଏଏସଆଇ କରିବ ବୋଲି ସ୍ପଷ୍ଟ କରିଛନ୍ତି। କୋର୍ଟଙ୍କ ନିଷ୍ପତ୍ତି ପରେ ଜ୍ଞାନବ୍ୟାପୀ କ୍ୟାମ୍ପସର ଏଏସଆଇ ସର୍ଭେ ଯେକୌଣସି ସମୟରେ ଆରମ୍ଭ ହୋଇପାରିବ। ହିନ୍ଦୁ ପକ୍ଷର ପରାମର୍ଶଦାତାଙ୍କ ଅନୁଯାୟୀ, ଯେକୌଣସି ପର୍ଯ୍ୟାୟରେ ଏହି ସର୍ଭେ ଆରମ୍ଭ ହୋଇପାରିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଆଜି ଓଡିଶା ଆସିବେ ଅମିତ ଶାହା



ଭୁବନେଶ୍ୱର, ୩/୦୮ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । ଓଡିଶା ଗସ୍ତ ବେଳେ ଅମିତ ଶାହା ଉଭୟ ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବେ। ଆସନ୍ତାକାଲି ରାତି ୧୦ଟା ୪୦ ମିନିଟରେ ଅମିତ ଶାହା ଭୁବନେଶ୍ୱରରେ ପହଂଚିବେ। ଶ୍ରୀ ଶାହା ସ୍ଥାନୀୟ ଏକ ହୋଟେଲରେ ରାତ୍ରିଯାପନ କରିବାକୁ ଥିବାବେଳେ ଶନିବାର ଦିନ ୧୧ଟାରୁ ୧୨ଟା ଯାଏଁ ଜାତୀୟ ରାଜପଥ ପ୍ରକଳ୍ପ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବେ। ଦିନ ୧୨ଟାରୁ ସାଢ଼େ ୧୨ଟା ୩୦ ପର୍ଯ୍ୟନ୍ତ ନକ୍ସଲ ଦମନ ପଦକ୍ଷେପ ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବୈଠକରେ ଯୋଗ ଦେବେ। ଏହା ପରେ ୧: ୨୦ ମିନିଟରେ ବିଜେପି ପାର୍ଟି ଅଫିସରେ ମଧ୍ୟାହ୍ନ ଭୋଜନ କରିବା ପରେ ଅପରାହ୍ନ ୨ଟା ରୁ ୫ଟା ପର୍ଯ୍ୟନ୍ତ ଦଳୀୟ କର୍ମକର୍ତା ଓ ବରିଷ୍ଠ ନେତୃବୃନ୍ଦଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିବେ। ସନ୍ଧ୍ୟା ୬ଟାରେ ଭୁବନେଶ୍ୱର ଛାଡିବା ପୂର୍ବରୁ ବିମାନବନ୍ଦର ଲାଉଞ୍ଜରେ ଏକ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଖୋଲିଲା ମାର୍କେଟ୍ ବିଲ୍ଡିଂ





ଭୁବନେଶ୍ୱର, ୩/୦୮ (ନି.ପ୍ର): ଦୀର୍ଘ ଦିନ ବନ୍ଦ ରହିବା ପରେ ଗୁରୁବାର ଖୋଲିଛି ଭୁବନେଶ୍ୱର ୟୁନିଟ-୨ ମାର୍କେଟ ବିଲ୍ଡିଂ। ମାର୍କେଟ ବିଲ୍ଡିଂ ଖୋଲିଥିଲେ ବି ଶୋ' ରୁମ୍ ଗୁଡିକ ଖୋଲିନି। ମାର୍କେଟ ବିଲ୍ଡିଂର କେବଳ ରିଟେଲ୍ ଦୋକାନ ଗୁଡ଼ିକ ଖୋଲିଛି । ମାତ୍ର ମାର୍କେଟ ବିଲ୍ଡିଂ ଭିତରେ ଥିବା ପ୍ରମୁଖ ଶୋ' ରୁମ୍ ଗୁଡ଼ିକ ଖୋଲାଯାଇନାହିଁ । ସେଂଟ୍ରାଲ ମାର୍କେଟ ବିଲ୍ଡିଂ କସଂଘ- ବିଏମସି ଆଲୋଚନା ଜାରି ରହିଛି। ବିଏମ୍ସି ପକ୍ଷରୁ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଲିଖିତ ପ୍ରତିଶ୍ରୁତି ମିଳି ନଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ ଭୁବନେଶ୍ୱର ୟୁନିଟ-୨ ମାର୍କେଟ ବିଲ୍ଡିଂରୁ ଉଠା ଦୋକାନୀଙ୍କୁ ଉଚ୍ଛେଦ ଦାବି ନେଇ ଗତ ଜୁଲାଇ ୧୭ ତାରିଖରୁ ମାର୍କେଟ୍ ବିଲ୍ଡିଂ ବନ୍ଦ ରହିଛି । ବିଏମସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଏହାର ପ୍ରତିବାଦରେ ସେଂଟ୍ରାଲ ମାର୍କେଟ ବିଲ୍ଡିଂ ସଂଘ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା।

## ୟୁଜି ଓ ପିଜି ନାମଲେଖା ତାରିଖ ଘୁଂଚିଲା

ଭୁବନେଶ୍ୱର, ୩/୦୮ (ନି.ପ୍ର): ସଂପ୍ରତି ରାଜ୍ୟର କେତେକ ଭାଗରେ ବର୍ଷାଜନିତ ଖରାପ ପାଣିପାଗ ଯୋଗୁଁ ଦେଖାଦେଇଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୟୁ.ଜି. ଓ ପି.ଜି. ନାମଲେଖା ତାରିଖରେ ପରିବର୍ତନ କରାଯାଇଛି। ୟୁ.ଜି. ନାମଲେଖା ଓ ଆବେଦନକାରୀଙ୍କ ରିପୋର୍ଟିଂ (ଦ୍ୱିତୀୟ ପର୍ଯ୍ୟାୟ ଚୟନ) ଏବଂ ପି.ଜି.(ପ୍ରଥମ ପର୍ଯ୍ୟାୟ ଚୟନ)କୁ ଆଗାମୀ ୫ ତାରିଖ ଶନିବାରକୁ ଘୁଂଚାଇ ଦିଆଯାଇଛି ବୋଲି ଉଚ୍ଚଶିକ୍ଷା ବିଭାଗ ଉପ ନିର୍ଦ୍ଦେଶକ ଜଣାଇଛନ୍ତି।

# ମଧ୍ୟମ ଧରଣର ବନ୍ୟା ଆଶଙ୍କା

■ ୧୨ ଜିଲ୍ଲାର ୪୮୧ଟି ଗାଁ ପ୍ରଭାବିତ

■ବର୍ଷା ଛାଡ଼ିଲେ କ୍ଷୟକ୍ଷତି ଆକଳନ



ଭୁବନେଶ୍ୱର, ୩/୦୮ (ନି.ପ୍ର): ରାଜ୍ୟରେ ଏକ ମଧ୍ୟମ ଧରଣର ବନ୍ୟା ଆଶଙ୍କା କରାଯାଉଛି। ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି ) ସତ୍ୟବ୍ରତ ସାହୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଲଗାଣ ବର୍ଷା ଯୋଗୁଁ ରାଜ୍ୟର କିଛି ଜିଲ୍ଲାରେ ବନ୍ୟା ସ୍ଥିତି ଉପୁଜିଛି। ଲଗାଣ ବର୍ଷାରେ ୧୨ ଜିଲ୍ଲାର ୪୮୧ଟି ଗାଁ ପ୍ରଭାବିତ ହୋଇଛି। ବର୍ଷା ଛାଡ଼ିଲେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ କୁହାଯାଇଛି। ସମ୍ଭାବ୍ୟ ବନ୍ୟା ପାଇଁ ମହାନଦୀ ସିଷ୍ଟମର ୭ ଜିଲ୍ଲାରେ ପ୍ରସ୍ତୁତି ହୋଇଛି। ବିଭିନ୍ନ ଜିଲ୍ଲାରେ ୨୩ ଓଡ୍ରାଫ୍, ୮ ଏନ୍ଡିଆରଏଫ୍, ୬୨ଟି ଅଗ୍ନିଶମ ଟିମ୍ ମୁତୟନ ହୋଇଛନ୍ତି। ରାଜ୍ୟରେ ବନ୍ୟା ଆଶଙ୍କା ନେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି ) ଗୁରୁବାର ସକାଳେ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି। ଏଥିରେ ଜଳସମ୍ପଦ ଅଧିକାରୀଙ୍କ ସହ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସମ୍ଭାବ୍ୟ ବନ୍ୟାକୁ ନେଇ ୭ଟି ଜିଲ୍ଲାକୁ ଆଲର୍ଟ କରାଯାଇଛି ।
ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତିଙ୍କ ସୂଚନା ମୁତାବକ ବର୍ତମାନ ମୁଣ୍ଡଳୀରେ ୭ ଲକ୍ଷ ୯୮ ହଜାର ୫୯୯ କ୍ୟୁସେକ ପାଣି ପ୍ରବାହିତ ହେଉଥିବାବେଳେ ଜଳସ୍ତର ଅପ ଷ୍ଟ୍ରିମରେ ୯୨ ଫୁଟ ଓ ଡାଉନ ଷ୍ଟ୍ରିମରେ ୮୮ ଫୁଟ ରହିଛି । ମଧ୍ୟାହ୍ନ ସୁଦ୍ଧା ୮ ଲକ୍ଷ ୫୦ ହଜାର କ୍ୟୁସେକ ପାଣି ପ୍ରବାହିତ ହେବାକୁ ଥିବାବେଳେ ସନ୍ଧ୍ୟା ସୁଦ୍ଧା ୯ରୁ ୯ ଲକ୍ଷ ୫୦ ହଜାର କ୍ୟୁସେକ ପାଣି ପ୍ରବାହିତ ହେବ। ମୁଣ୍ଡଳୀରେ ୮ ଲକ୍ଷ କ୍ୟୁସେକ ପାଣି ପ୍ରବାହିତ ହେବାକୁ ଥିବାବେଳେ ସମ୍ଭାବ୍ୟ ବନ୍ୟାକୁ ନେଇ ୭ଟି ଜିଲ୍ଲାକୁ ଆଲର୍ଟ କରାଯାଇଛି । ଏହି ଜିଲ୍ଲାଗୁଡ଼ିକ ହେଉଛି ଅନୁଗୁଳ, ନୟାଗଡ, କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡା । ନୟାଗଡ଼ ଓ କଟକରେ ବନ୍ୟା ଜଳ ଅଧିକ କ୍ଷତି ଘଟାଇବା ଆଶଙ୍କା ଥିବାରୁ ଏହି ୨ ଜିଲ୍ଲାକୁ ପ୍ରାଥମିକତା ଦିଆଯାଉଛି। ଏନଡିଆରଏଫ ଓ ଓଡ୍ରାଫ ଟିମ୍ ଏହି ସବୁ ଜିଲ୍ଲାକୁ ପଠାଇ ଦିଆଯାଇଛି। ଅଗ୍ନିଶମ ବିଭାଗର ୨ଟି ଲେଖାଏ ଟିମ୍ ପଠାଯାଇଛି। ଏହାବାଦ ୧୫ ଜିଲ୍ଲାକୁ ୮ ଟି ଏନଡିଆରଏଫ୍ ଟିମ, ୧୩ଟି ଓଡ୍ରାଫ ଯଏବଂ ୨୩ଟି ଅତିରିକ୍ତ ଅଗ୍ନିଶମବାହିନୀର ଟିମ ପଠାଯାଇଛି। ପ୍ରଭାବିତ ୧୫ ଜିଲ୍ଲା ଗୁଡିକ ହେଲା ଭଦ୍ରକ, ଯାଜପୁର, ସମ୍ବଲପୁର, କେନ୍ଦୁଝର, ମୟୂରଭଂଜ, ଅନୁଗୁଳ, ସୋନପୁର, ବୌଦ୍ଧ, କନ୍ଧମାଳ, ବାଲେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା। ବିଶେଷକରି ଦୁର୍ବଳ ନଦୀ ବନ୍ଧ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ମଣିପୁରରେ ପୁଣି ସଂଘର୍ଷ: ସୁରକ୍ଷାକର୍ମୀଙ୍କ ଗୁଳିମାଡ଼

ମଣିପୁର,୩/୦୮ : ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ଅଶାନ୍ତ ହୋଇପଡ଼ିଥିବା ମଣିପୁରରେ ଶାନ୍ତି ଫେରିବାର ନାଁ ଧରୁନି। ମେ' ୩ ତାରିଖରୁ ମଣିପୁର ଜଳୁଥିବା ବେଳେ ଆଜି ଏହାକୁ ୩ ମାସ ପୂରିଛି। ଏହି ସଂଘର୍ଷରେ ୧୫୦ରୁ ଅଧିକ ଲୋକ ପ୍ରାଣ ହରାଇ ସାରିଥିବା ବେଳେ ଲକ୍ଷାଧିକ ଲୋକ ବାସହୀନ ହୋଇପଡ଼ିଛନ୍ତି।



ସୁରକ୍ଷାକର୍ମୀ ଶାନ୍ତି ଫେରାଇ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଆଜି ବିଷ୍ଣୁପୁରରେ ପୁଣି ହିଂସା ଦେଖିବାକୁ ମିଳିଛି। ଏଠାରେ ମୈତେ ସଂପ୍ରଦାୟର ଲୋକ ମିଳିତ ଭାବେ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ କରିଛନ୍ତି। ସେମାନେ କିଛି ଦୋକାନରେ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପ୍ରଥମେ ସୁରକ୍ଷାକର୍ମୀମାନେ ଲୁହ ବୁହା ଗ୍ୟାସ ପ୍ରୟୋଗ କରିଥିଲେ। କିନ୍ତୁ ସ୍ଥିତି ବିଗିଡ଼ିବାରୁ ସୁରକ୍ଷାକର୍ମୀମାନେ ବାଧ୍ୟ ହୋଇ ଗୁଳି ଚଳାଇଛନ୍ତି। ଏହାର ଜବାବରେ ମୈତେ ସଂପ୍ରଦାୟର ଲୋକମାନେ ମଧ୍ୟ ପଥର ମାଡ଼ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଲାଗି ରହିଛି। ଏହି ସଂଘର୍ଷରେ ୧୭ ଜଣ ଆହତ ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ରାଜଧାନୀ ଇମ୍ଫାଲର କିଛି ସ୍ଥାନରେ ଆଜି ମଧ ଉତ୍ତେଜନା ଦେଖିବାକୁ ମିଳିଛି।

# ବିଜେପି ଆମର ପ୍ରମୁଖ ବିରୋଧୀ : ପିନାକୀ ମିଶ୍ର



ଭୁବନେଶ୍ୱର, ୩/୦୮ (ନି.ପ୍ର): ବିଜେପିକୁ ଆମେ ଖୋଲା ସମର୍ଥନ କରିନୁ। ରାଜ୍ୟରେ ବିଜେପି ଆମର ପ୍ରମୁଖ ବିରୋଧୀ । ଓଡ଼ିଶାରେ କଂଗ୍ରେସ ସଂପୂର୍ଣ୍ଣ ମୂଳପୋଛ ହୋଇଗଲାଣି। ଆମେ ଉଭୟ କଂଗ୍ରେସ ଓ ବିଜେପିଠାରୁ ସମଦୂରତ୍ୱ ରଖିଛୁ ବୋଲି କହିଛନ୍ତି ବିଜେଡି ସାଂସଦ ପିନାକୀ ମିଶ୍ର। ଦିଲ୍ଲୀ ବିଲ୍ କୁ ସଂସଦରେ ବିଜେଡିର ସମର୍ଥନ କୁ ସମାଲୋଚନା ପରେ ବିଜେଡି ପକ୍ଷରୁ ପ୍ରତିକ୍ରିୟା ରଖି ଏହା କହିଛନ୍ତି ସାଂସଦ ପିନାକୀ ମିଶ୍ର । ଲୋକସଭାରେ ସେ କହିଛନ୍ତି ଯେ ବିଲ୍‌କୁ ଆମେ ସାମ୍ବିଧାନିକ ଦୃଷ୍ଟିକୋଣରୁ ସମର୍ଥନ କରିଛୁ।


ସାଗରିକା

ଧ୍ୱନି ପ୍ରତିଧ୍ୱନି

୩୪ଶ

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୩

ଅବଗଣନା

୦୨ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ଲୋଭନୀୟ ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ।

୬ ଅଗଷ୍ଟ, ୨୦୨୩, ରବିବାର ପୂର୍ବାହ୍ନ @ ୯ ଘଟିକା

ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର


# ଦିଲ୍ଲୀ ବିଲ୍ ଲୋକସଭାରେ ପାସ୍: ବିରୋଧୀଙ୍କ କକ୍ଷ ତ୍ୟାଗ



ନୂଆଦିଲ୍ଲୀ,୩/୦୮ : ପ୍ରବଳ ହଟ୍ଟଗୋଳ ଓ ନାରାବାଜୀ ମଧ୍ୟରେ ଆଜି ଲୋକସଭାରେ ପାରିତ ହୋଇଛି ଦିଲ୍ଲୀ ବିଲ୍। ରାଜଧାନୀ ଦିଲ୍ଲୀର ପ୍ରଶାସନିକ ନିଯୁକ୍ତି ଓ ବଦଳି ଉପରେ କେନ୍ଦ୍ର ସରକାର ନିଜର ନିୟନ୍ତ୍ରଣ ରଖିବା ପାଇଁ National Capital Territory of Delhi (Amendment) Bill, ୨୦୨୩ ଲୋକସଭାରେ ଆଗତ କରିଥିଲେ। ଏହି ବିଲ୍ ଉପରେ ୪ ଘଣ୍ଟା କାଳ ବିତର୍କ ହୋଇଥିଲା। ଶେଷରେ ବିରୋଧୀଙ୍କ ସବୁ ପ୍ରଶ୍ନର ଉତ୍ତର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଦେଇଥିଲେ। ସେ ବିରୋଧୀ ବିଶେଷ କରି ଦିଲ୍ଲୀର କ୍ଷମତାସୀନ ଆପ୍‌କୁ ସମାଲୋଚନା କରିଥିଲେ। ଏହାପରେ ଏହି ବିଲ୍ ଲୋକସଭାରେ ପାରିତ ହୋଇଛି। ଏହାକୁ ବିରୋଧ କରି ବିରୋଧୀ ଦଳର ସାଂସଦମାନେ କକ୍ଷ ତ୍ୟାଗ କରିଥିଲେ। ପ୍ରଶାସନିକ ସେବାର ଅଧିକାର ଦିଲ୍ଲୀର ନିର୍ବାଚିତ ସରକାରଙ୍କର ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହାପରେ କେନ୍ଦ୍ର ସରକାର ସ୍ୱତନ୍ତ୍ର ଅଧ୍ୟାଦେଶ ଆଣି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମାତ ଦେଇଥିଲେ। ଏବେ ଉକ୍ତ ଅଧ୍ୟାଦେଶ ବଦଳରେ କେନ୍ଦ୍ର ସରକାର ନ୍ୟାଶନାଲ କ୍ୟାପିଟାଲ୍ ଟେରିଟୋରୀ ଅଫ ଦିଲ୍ଲୀ (ସଂଶୋଧନ) ବିଲ୍ ୨୦୨୩ ଆଣିଥିଲେ। ଏହି ବିଲ୍ ଗୃହରେ ଉପସ୍ଥାପନ ହେବା ଦିନ ଠାରୁ ବିରୋଧୀ ଏହାକୁ ଅସାମ୍ବିଧାନିକ କହିଥିଲେ। ଗୋଟିଏ ନିର୍ବାଚିତ ସରକାରଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଏହି ବିଲ୍ ଅଣାଯାଇଥିବା ସେମାନେ ମତ ରଖିଥିଲେ। ହେଲେ ସରକାର ଏହାର ଓକିଲାତି କରିବା ସହ ଆଜି ଏହାକୁ ଲୋକସଭାରେ ପାରିତ କରିବାର ସକ୍ଷମ ହୋଇଛନ୍ତି। ଏବେ ଏହା ରାଜ୍ୟସଭାରେ ଆଗତ ହେବ। ରାଜ୍ୟସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ବିଲ୍ ପାରିତ କରିବାକୁ ଆବଶ୍ୟକ ସଂଖ୍ୟା ନଥିଲା। କିନ୍ତୁ ୱାଇଏସଆର କଂଗ୍ରେସ ଓ ବିଜେଡି ଭଳି ଅଣ ଏନଡିଏ ଦଳ ବିଲ୍‌କୁ ସମର୍ଥନ କରିବେ ବୋଲି କହିଛନ୍ତି। ତେଣୁ ଲୋକସଭା ଭଳି ରାଜ୍ୟସଭାରେ ମଧ୍ୟ ଏହି ବିଲ୍ ପାରିତ ହେବା ଏକ ପ୍ରକାରର ନିଶ୍ଚିତ। ଆଜି ଲୋକସଭାରେ ଦିଲ୍ଲୀ ବିଲ୍ ପାରିତ ହେବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବିଜେପି ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲା ଯେ ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବ। ହେଲେ ଆଜି ବିଜେପି ଦିଲ୍ଲୀବାସୀଙ୍କୁ ପଛପଟୁ ଛୁରା ମାରିଛି। ଏବେ ଠାରୁ ମୋଦିଜୀ କହୁଥିବା କଥାକୁ କେହି ବି ବିଶ୍ୱାସ କରନ୍ତୁ ନାହିଁ ବୋଲି ସେ ଅନୁରୋଧ କରିଛନ୍ତି।

# ଉତ୍କଳ ସମ୍ମିଳନୀ ମାଲକାନଗିରି ତରଫରୁ ଗାଁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିର,୦୩।୦୮(ନି.ପ୍ର.): ମାଲକାନଗିରି ସଦର ମହକୁମା ବ୍ଲକ ଅଧିନସ୍ଥ ମନସା କଲୋନୀ; କୋରକୋଣ୍ଡା ବ୍ଲକର ବୁଦୁ ଗୁଡ଼ା ଓ ଆମ୍ବଗଛିଆ ଗ୍ରାମ ରେ ମାଲକାନଗିରି ଉତ୍କଳ ସମ୍ମିଳନୀ ତରଫରୁ ଗାଁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖାର ସଭାପତି ତଥା ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡଃ ରଞ୍ଜନ କୁମାର ସ୍ୱାଇଁ, ସମ୍ବାଦ ସାହିତ୍ୟ ଘରର ସଭାପତି ତଥା ପ୍ରକୃତି ବନ୍ଧୁ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ ତଥା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ମାଲକାନଗିରି ର ସଭାପତି ରବାନ୍ଦ୍ର କୁମାର ମହାରଣା, ଉତ୍କଳ ସମ୍ମିଳନୀର ଆଜୀବନ ସଭ୍ୟ ତଥା ରାଜ୍ୟପାଳ ପୁରସ୍କାର ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବେଣୁ ପାଣି ଖାଡ଼ଙ୍ଗା, ସମାଜସେବୀ ଜ୍ଞାନଚାନ୍ଦ ଜଗନ୍ନାଥ, ତମସା ସି.ଆର.ସି.ସି ଚିତରଞ୍ଜନ ସରକାର; ବୁଦୁଗୁଡ଼ା ସି.ଆର.ସି.ସି ସୁଧାଂଶୁ ସରକାର, ବୁଦୁଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳକଣ୍ଠ ବେହେରା, ମନସା କଲୋନୀର ପ୍ରଧାନ ଶିକ୍ଷୟିତ୍ରୀ ଲୀଳାବତୀ ଆଚାର୍ଯ୍ୟ, ପ୍ରଧାନଶିକ୍ଷକ ଗିରିଧର ଆମ୍ବ ଗୋଛିଆ, ବନପାଳ ରାଜେଶ ସେଠୀ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରତ୍ୟେକ ଗ୍ରାମରେ ଗ୍ରାମର ଜନସାଧାରଣ, ମହିଳା, ଯୁବକ ଓ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟ ପ୍ରାଙ୍ଗଣରେ ଏକତ୍ରିତ କରାଇ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ ବୃକ୍ଷରୋପଣର ଆବଶ୍ୟକତା ଓ ଉପକାରିତା ସଂପର୍କରେ ଅବଗତ କରାଇବା ପରେ ସମସ୍ତଙ୍କ ସହଯୋଗରେ ଏହି ବିଦ୍ୟାଳୟଗୁଡ଼ିକରେ ବନ ବିଭାଗ, ମାଲକାନଗିରିଙ୍କ ସହାୟତାରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା ।

# ଗଛପଡ଼ି ଭାଙ୍ଗିଲା ଘର: ସହାୟତା ଦାବି

କୋରାଇ,୦୩।୦୮(ନି.ପ୍ର.): ରାଜ୍ୟରେ ଜାରି ରହିଥିବା ଲଗାଣ ବର୍ଷା ଓ ପବନ କାରଣରୁ ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହେବା ସହ ଆଜି କୋରାଇ ବ୍ଲକ ପାଣିକୋଇଲି ପଂଚାୟତର ଖଜୁରୀପୁର ଗ୍ରାମର ହରିଜନ ସାହିର ଦୈତାରୀ ମଲିକଙ୍କ ଘର ଉପରେ କାଲି ରାତି ତିନିଟା ସମୟରେ ଏକ ବଡ଼ ଅଶ୍ୱଥ ଗଛ ପଡ଼ି ତାଙ୍କର ଦୁଇ ବଖରା ଚାଳ ଘରଟି ସଂପୂର୍ଣ ରୁପେ ଭାଙ୍ଗି ଯାଇଛି । ଯାଜପୁର ରୋଡ଼ ଓ ବୈତରଣୀ ରୋଡ଼ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି କଟର ସାହାଯ୍ୟରେ ଗଛଟିକୁ କାଟିଥିଲେ । ଖବର ପାଇ ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା, ନାଏବ ସରପଂଚ ଦେବେନ୍ଦ୍ର କୁମାର ସ୍ୱାଇଁ, ପାଣିକୋଇଲି ରାଜସ୍ୱ ନିରୀକ୍ଷକ କିଶୋର ମଲ୍ଲିକ, ଲୋକନାଥ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଂଚି ତାଙ୍କୁ ପାଲ ପ୍ରଦାନ କରିଥିଲେ । ଦୈତାରୀ ନିହାତି ଗରୀବ ଶ୍ରେଣୀୟ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ଲାଗି ନିବେଦନ କରିଛନ୍ତି । ଏହି ପରି ବିଭିନ୍ନସ୍ଥାନରେ ଗଛ ଉପୁଡି ପଡିଛି । ଫଳରେ ରାସ୍ତା ମଧ ବନ୍ଦ ରହିଛି । ବର୍ଷା ଯୋଗୁ ବଜାରଘାଟ ଶୂନଶାନ ରହିଛି । ଘରୁ ବାହାରି ପାରୁନାହାନ୍ତି ଲୋକେ । ଏଭଳି ବର୍ଷା ଲାଗିରହିଲେ ସାଧାରଣରେ ହନ୍ତସନ୍ତ ହେବା ସାରହେବ ।

# ଜେଏସପିଏଲ ସମ୍ମୁଖରେ ଟ୍ରକ ମାଲିକଙ୍କ ଧାରଣା

ଚମ୍ପୁଆ,୦୩।୦୮(ନି.ପ୍ର.): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଆଂଚଳିକ ଟ୍ରକ ମାଲିକ ସଂଘ ପକ୍ଷରୁ ଜେଏସପିଏଲ ଦେଓଝର ଖଣିରୁ ପୁନର୍ବାର ପରିବହନ କାର୍ଯ୍ୟ ଚାଲୁ କରିବା ଦାବୀରେ ଜେଏସପିଏଲ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିବା ଜଣା ପଡିଛି । ସୂଚନା ଅନୁଯାୟୀ, ଗତ ଏକ ବର୍ଷ ହେବ ଜେଏସପିଏଲ କମ୍ପାନୀ ଓ ଆଂଚଳିକ ଟ୍ରକ ମାଲିକ ସଂଘ ମଧ୍ୟ ରେ ଏକ ଚୁକ୍ତିନାମା ହୋଇ ଥିଲା, ସେଥିରେ ପ୍ରତ୍ୟେକ ଦିନ ୪୦ଟି ଟ୍ରକ ଜେଏସପିଏଲ ଦେଓଝର ଠାରୁ ଜେଏସପିଏଲ ଅନୁଗୁଳକୁ ପରିବହନ କାର୍ଯ୍ୟ ରେ ନିୟୋଜିତ କରିବା ପାଇଁ ସମ୍ମତି ପ୍ରକାଶ ପାଇଥିଲା । ଚୁକ୍ତି ମୁତାବକ କିଛି ଦିନ ଠିକ ଠାକ ଚାଲିଲା କ୍ଷ ମଝିରେ ମଝିରେ କିଛି ଦିନ ବନ୍ଦ ମଧ୍ୟ ରହୁ ଥିଲା । ଆଜକୁ ପ୍ରାୟ ଏକ ମାସ ହେବ କମ୍ପାନୀ ପରିବହନ କାର୍ଯ୍ୟକୁ ସମ୍ପୂର୍ଣ ରୂପେ ବନ୍ଦ କରି ଦିଆ ଯାଇଛି । ଏହା ପରେ ଟ୍ରକ ମାଲିକ ସଂଘ ତରଫରୁ ପୁନର୍ବାର ପରିବହନ କାମକୁ ଚାଲୁ କରିବା ପାଇଁ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଥିଲା । କିନ୍ତୁ କମ୍ପାନୀ ବିଭିନ୍ନ ଆଳ ଦେଖାଇ ପରିବହନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଯୋଜନା କରି ଥିବା ଜାଣିବାକୁ ମିଳିଛି । ପୁନର୍ବାର ଚାଲୁ କରିବା ପାଇଁ କମ୍ପାନୀ ଦିନ ପରେ ଦିନ ଗଡେଇ ଚାଲିଛି । କମ୍ପାନୀର ଏପରି ମନୋଭାବ ଯୋଗୁ ଟ୍ରକ ମାଲିକ ମାନେ ଟ୍ରକ ଋଣ ପରିଶୋଧ କରିବା ପାଇଁ ଅକ୍ଷମ ହେବାକୁ ବସିଲେଣି ଓ ପରିବାର ଚଳାଇବା ନିମନ୍ତେ କଷ୍ଟକର ହୋଇ ପଡିଲାଣି । ଫଳରେ ବାଧ ହୋଇ ଟ୍ରକ ମାଲିକ ମାନେ ଜେଏସପିଏଲ କମ୍ପାନୀର ମୁଖ୍ୟ ଫାଟକ ସାମନାରେ ଭୀଷଣ ବର୍ଷା ସତ୍ୱେ ଧାରଣାରେ ବସିଥିବା ଦେଖା ଯାଇଛି । କମ୍ପାନୀ କର୍ତ୍ତୃପକ୍ଷ ଏଥି ପାଇଁ ଧ୍ୟାନ ଦେବାକୁ ଟ୍ରକ ମାଲିକ ସଂଘ କର୍ମ କର୍ତ୍ତା ମାନେ ଦାବୀ କରି ଟ୍ରକ ଚାଲିବା ଦାବିରେ ଅଡ଼ି ବସିଛନ୍ତି ।

# ସମ୍ପୂର୍ଣ୍ଣା ଏନ୍‌ଜିଓ ସଂଗଠନ ଦ୍ୱାରା ବଲାଙ୍ଗୀର କଲେଜ ଛକ କଲ୍ୟାଣ ମଣ୍ଡପ ଓ ସାମ୍ବାଦିକ ଭବନ ଠାରେ ବିଭିନ୍ନ ପ୍ରତିଭାକୁ ନେଇ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ

ବଲାଙ୍ଗୀର,୦୩।୦୮(ନି.ପ୍ର.): ସମ୍ପୂର୍ଣ୍ଣା ଏନ୍‌ଜିଓ(ମହିଳାମାନଙ୍କୁ ନେଇ ଗଠିତ)ଙ୍କ ତରଫରୁ ବଲାଙ୍ଗୀର କଲେଜ ଛକ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ନାର୍ଯ୍ୟ ପ୍ରତିଭା, ଦକ୍ଷତାର ବିକାଶକୁ ନେଇ, ଘରୋଇ ପିଠାମଣ୍ଡା ତଥା ସମ୍ବଲପୁରୀ ନୃତ୍ୟ ଆୟୋଜନ କରି ତହିରେ ପ୍ରତିଯୋଗିମାନଙ୍କ ମଧରେ ନୈପୁନ୍ନତା, ପାରଦର୍ଶିତା ପରିପ୍ରକାଶ କରିବା ସୁଯୋଗ ଦେବା ସାଙ୍ଗେ ସାଙ୍ଗେ ଜଜ୍‌ମାନଙ୍କ ଦ୍ୱାରା କ୍ରମାଗରେ ସମ୍ମାନ ପାଇଁ ଚୟନ ହୋଇଛନ୍ତି ଓ ସାମ୍ବାଦିକ ଭବନ ଠାରେ ସମସ୍ତ ପ୍ରକ୍ରିୟାର ଆୟୋଜନ କରି ବିୟୁଟି ତଥା ଫେସନ ସୋ ପ୍ରତିଯୋଗିତା ହେବା ସହ ପ୍ରତିଯୋଗୀ ଓ ବିଜୟୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ କାର୍ଯ୍ୟକ୍ରମରେ ବିଜୟ ଲାଭ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ ହେବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ପ୍ରତିଯୋଗି ତଥା ବହୁ ସଂଖ୍ୟକ ଦର୍ଶକବୃନ୍ଦ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମର ପରିଚାଳକ ସମ୍ପୂର୍ଣ୍ଣା ଏନ୍?ଜିଓ ର ସଭାପତି ସନ୍ତୋଷି ମେହେର, ସମ୍ପାଦକ ରଶ୍ମି ପାତ୍ର, କୋଷାଧକ୍ଷ ସଂଜଳି ଶତପଥି, ପୁଷ୍ପାଞ୍ଜଳି ମେହେର କାର୍ଯ୍ୟକ୍ରମକୁ ଆକର୍ଷଣିୟ କରିଥିଲେ । ପ୍ରତିଯୋଗିମାନଙ୍କ ମଧରେ ବିଜୟଲାଭ କରିଥିବା ବିଭିନ୍ନ ବିଭାଗର ପ୍ରତିଭା ବିଜୟୀମାନଙ୍କ ନାମ ନିମ୍ନୋକ୍ତରେ ପ୍ରଦତ କରାଗଲା । ପିଠାମଣ୍ଡା ବିଭାଗରେ ମୋନାଲିସା ପଣ୍ଡା ପ୍ରଥମ, ଅନୁପମା ସାହୁ ଦ୍ୱିତୀୟ, ମନାଲିସା ବାବୁ ତୃତୀୟ, ଡେଜି ପଣ୍ଡା ତୃତୀୟ, ସମ୍ବଲପୁରୀ ନାଚରେ (ଜୁନିୟର) ଅନିସା ପଟେଲ ପ୍ରଥମ, ଅନେୟା ମେହେର ଦ୍ୱିତୀୟ, ଇପ୍‌ସିତା ପଟ୍ଟନାୟକ ତୃତୀୟ, (ସିନିୟର ରେ) ମଧୁସ୍ମିତା ଥାଟି ପ୍ରଥମ, ଲୋପମୁଦ୍ରା ସାହୁ ଦ୍ୱିତୀୟ, ସ୍ନେହା ପାଣିଗ୍ରାହୀ ତୃତୀୟ, ମେକ୍‌ଅପ ପ୍ରତିଯୋଗିତା ରଶ୍ମି ସିଂହ ପ୍ରଥମ, ଲିସା ପଟେଲ ଦ୍ୱିତୀୟ, ଗୌରୀ ଭଦ୍ରା ତୃତୀୟ, ଫେସନ ସୋ ଜୁନିୟରରେ ଅନେୟା ମେହେର ପ୍ରଥମ,ସାଇଶ୍ରୀ ଗୁରୁ ଦ୍ୱିତୀୟ, ଶ୍ରଦ୍ଧାଞ୍ଜଳି ମେହେର ତୃତୀୟ, ସିନିୟରରେ ଅନୁପମା ସିଂହ ପ୍ରଥମ, ସସ୍ମିତା ପାତ୍ର ଦ୍ୱିତୀୟ, ଅର୍ପିତା ନନ୍ଦ ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି ।

# ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା ପର୍ଯ୍ୟବେକ୍ଷକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମାଲକାନଗିର,୦୩।୦୮(ନି.ପ୍ର.): ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ନୂତନ ଭାବେ ପର୍ଯ୍ୟ ବେକ୍ଷକ ହେବା ପରେ ପ୍ରଥମ ଥର ପାଇଁ ଜିଲ୍ଲା ଗସ୍ତରେ ଆସିଥିବା କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆଜି ଶ୍ରୀ ମିଶ୍ର ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଥିବା ବେଳେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ନଗର ଭବନରେ ଏହି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନାର ଅୟୋଜନ କରା ଯାଇଥିଲା । ଏହି ଅବସରରେ ବିଜୁ ଜନତା ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସ୍ୱତନ୍ତ୍ର ପ୍ରତିନିଧି ପ୍ରକାଶ ମହାନ୍ତି, କେଶିଶି ସଭାପତି ତଥା ବିଜୁ ରାଜ୍ୟ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ବିଜୁ ଜନତା ଦଳର ସଭାପତି ପୂର୍ଣଚନ୍ଦ୍ର ବାକା, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ବିଜୁ ଜନତା ଦଳର ଉପ ସଭାପତି ହୃଦାନନ୍ଦ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି, ଜିଲ୍ଲା ଯୁବ ଜନତା ଦଳର ସଭାପତି ତଥା ଏସଡିସି ଅଧକ୍ଷ ଆଡମା ରାବା, ମହିଳା ପର୍ଜବେକ୍ଷୀକା ଲୋରା ମହାପାତ୍ର, ଜିଲ୍ଲା ମହିଳା ଜନତା ଦଳର ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଜିଲ୍ଲା ଛାତ୍ର ଜନତା ଦଳର ସଭାପତି ତାପସ ରଞ୍ଜନ ନାୟକ, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ମାନସ ମାଡକାମୀ, ଜିଲ୍ଲା ପରିଷଦ ଅଧକ୍ଷ୍ୟା ସମାରି ଟାଙ୍ଗୁଲ, ଉପାଧକ୍ଷ ପତିତ ପାବନ ବୈଦ୍ୟ, ପୌର ଅଧକ୍ଷ ମନୋଜ କୁମାର ବାରିକ, ପୌର ଉପଧକ୍ଷା କବିତା ମହନ୍ତ, ସହ ପର୍ଜବେକ୍ଷକ ସାମୁଏଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ସମସ୍ତେ ଫୁଲ ତୋଡା ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦେଇଥିଲେ । ଏହି ଅବସରରେ ଶ୍ରୀ ମିଶ୍ର ଦଳକୁ କିପରି ରୂପେ ଆହୁରି ଅଧିକ ସଂଗଠିତ ଓ ସୁଦୃଢ କରି ହେବ ସେନେଇ ମତ ରଖିଥିଲେ । ଜିଲ୍ଲାରେ ବର୍ତ୍ତମାନ ବିଜୁ ଜନତା ଦଳ ଲୋକଙ୍କ ମୁଖ୍ୟ ପସନ୍ଦ ଥିବା ବେଳେ ଆମ ଓଡିଶା ନବୀନ ଓଡିଶା ମିସନ ମାଧମରେ ପ୍ରତୀଟି ଭୋଟରଙ୍କ ନିକଟରେ ପହଂଚି ସରକାରୀ ଯୋଜନାର ସୁଫଳ ବିଷୟରେ ଅବଗତ କରାଇବାକୁ ସେ ଆବାହନ ଦେଇଥିଲେ । ତୃଣମୂଳ ସ୍ତରରୁ ଦଳକୁ ସଙ୍ଗଠିତ କରିବା ପାଇଁ ଶ୍ରୀ ମିଶ୍ର ଗୁରୁମନ୍ତ୍ର ଦେଇଥିଲେ । ଏହି ଅବସରରେ ପ୍ରକାଶ ମହାନ୍ତି ଦଳୀୟ କର୍ମୀଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବା ସହ ଆଗାମୀ ନିର୍ବାଚନ ପାଇଁ ବର୍ତ୍ତମାନ ଠାରୁ ପ୍ରସ୍ତୁତ ହେବା ପାଇଁ ଆବାହନ ଦେଇଥିଲେ । ସେହିପରି ଦଳର ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତା ମାନେ ମଧ ନିଜର ମତ ପୋଷଣ କରିଥିଲେ । ଏହି ସଭାକୁ ଜିଲ୍ଲାର ବରିଷ୍ଟ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା ପରିଚାଳନା କରିଥିବା ବେଳେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ଓକିଲ ସଂଘ ସଭାପତି ସଭାପତି ଲମ୍ୱୋଦର ତୁରୁକୁ, ରାଜ୍ୟ ବିଜୁ ଯୁବ ଜନତା ଦଳର ସମ୍ପାଦକ ରବି ରାଜେସ, ମାଲକାନଗିରି ନିର୍ବାଚନ ମଣ୍ଡଳି ପର୍ଜବେକ୍ଷକ ପ୍ରଶାନ୍ତ ବିଡିକା ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳି ପର୍ଜବେକ୍ଷକ ରାଧା ବିନୋଦ ସାମନ୍ତରାୟଙ୍କ ସହ ଜିଲ୍ଲାର ସମସ୍ତ ବ୍ଲକ ଅଧକ୍ଷ/ ଅଧକ୍ଷ୍ୟା, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ପୌର ପରିଷଦର ୱାର୍ଡମେମ୍ବର, ଜିଲ୍ଲା ବିଜୁ ଜନତା ଦଳ, ଯୁବ ଓ ଛାତ୍ର ଜନତା ଦଳର ସମସ୍ତ ନେତୃମଣ୍ଡଳୀ ଓ କର୍ମୀ ମାନେ ଉପସ୍ଥିତ ଥିଲେ । ପରିଶେଷରେ ଜିଲ୍ଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ ଧନ୍ୟବାଦ ଅର୍ପଣ ସଭା ସାଙ୍ଗ କରିଥିଲେ ।

# ଜଟଣୀ ରେଳ ଷ୍ଟେସନରୁ ୬୩ କିଲୋ ଗଞ୍ଜେଇ ଜବତ, ୩ ଗିରଫ

ଖୋର୍ଦ୍ଧା,୦୩।୦୮(ନି.ପ୍ର.): ଖୋର୍ଦ୍ଧାରୋଡ଼ ରେଲୱେ ଷ୍ଟେସନରୁ ୱେଷ୍ଟ ବେଙ୍ଗଲ ଓ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଖୋର୍ଦ୍ଧାରୋଡ ଆର.ପି.ଏଫ୍ ଓ ଜି.ଆର.ପି. କର୍ମଚାରୀଙ୍କ ମିଳିତ ଚଢ଼ାଉ କରି ୬୩ କିଲୋ ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ମୁରସିଡାବାଦର ଏମ. ଡ଼ି. ୟୁନୁଷ ଏସ.କେ. (୧୯), ତାହାଜୁଲ ଏସ. କେ. (୨୩) ଏବଂ ଏମଡ଼ି. ଗିଆସୁଦ୍ଦିନ ମଣ୍ଡଳ (୨୬). । ଏନେଇ ଜିଆରପି ଥାନା ପୋଲିସ ୭୦/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି । ସୂଚନା ମୁତାବକ ଗତ ୩୧ ତାରିଖ ସୋମବାର ଦିନ ଖୋର୍ଦ୍ଧାରୋଡ଼ ଜିଆରପି ଏବଂ ଆର.ପି.ଏଫ୍ କର୍ମଚାରୀ ମାନେ ୧ନମ୍ବର ପ୍ଲାଟଫର୍ମ ର ସୁରକ୍ଷା ବ୍ୟବସ୍ଥା ଯାଂଚ କରୁଥିବା ସମୟରେ ଅଭିଯୁକ୍ତମାନେ ତିନୋଟି ବ୍ୟାଗ ଧରି ବାଙ୍ଗାଲୋର-ହାଉଡ଼ା ଏକ୍ସପ୍ରେସ ଟ୍ରେନରେ ଯିବା ପାଇଁ ଅପେକ୍ଷା କରିଥିଲେ । ସେମାନଙ୍କ ଉପରେ ସନ୍ଦେହ ହେବାରୁ ଯାଂଚ ସମୟରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଦ୍ୱିତିୟ କ୍ୟାମ୍ପସ ପାଇ ଉଚ୍ଚ ଶିକ୍ଷା ବିଭାଗର ୩ ଜଣିଆ ଟିମଙ୍କ ପରିଦର୍ଶନ

ଜୟପୁର,୦୩।୦୮(ନି.ପ୍ର.): ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ଦ୍ୱିତିୟ କ୍ୟାମ୍ପସ ନିର୍ମାଣ ପାଇଁ ଜମି ଚିହ୍ନଟ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଉଚ୍ଚ ଶିକ୍ଷା ବିଭାଗ ୩ ଜଣିଆ ଟିମ ଗସ୍ତ କରିଛନ୍ତି । ବିକ୍ରମ ଦେବ କଲେଜ ବିଶ୍ୱ ବିଦ୍ୟାଳୟ ଘୋଷଣା ପରେ ଦ୍ୱିତିୟ କ୍ୟାମ୍ପସ ହେବ । ଏନେଇ ଉଚ୍ଚ ଶିକ୍ଷା ବିଭାଗର ୩ଜଣ ଜଣିଆ ଟିମ ଜୟପୁର ରେ ପହଂଚିଥିଲେ । ଏହି ଟିମରେ ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଭାଇସ ଚ୍ୟାୟରପରସନ ଅଶୋକ କୁମାର ଦାସ, ଆକାଡମିକ କନସଲଟାଂଟ ପ୍ରଫେସର ମିହିର କୁମାର ଦାସ, ଉଚ୍ଚ ଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ଜୟପୁର ରେ ପହଂଚିଥିଲେ । ଏହି ଟିମ ସହ ଆଂଚିଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ତ୍ରିନାଥ ପ୍ରସାଦ ରଥ, ବିଶ୍ୱ ବିଦ୍ୟାଳୟର କୁଳ ସଚିବ ଗୋପାଳ ହାଲଦାର,ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ, ତହସିଲଦାର ସାଗରିକା ଷଡଙ୍ଗି ଉପସ୍ଥିତ ରହି ସହର ଓ ଆଖ ପାଖ ରେ ଥିବା ସରକାରି ଜାଗା ପରିଦର୍ଶନ କରିଛନ୍ତି । ଜୟପୁର ସହରର ଜଗନ୍ନାଥ ସାଗର ନିକଟରେ, ବାରିଣିପୁଟ, ରଣ୍ଡାପାଲ୍ଲି, ଆମ୍ବାଗୁଡା, ଜୟନ୍ତିଗିରି ଠାରେ ଖାଲି ଥିବା ୬ଟି ସରକାରି ଜାଗା ଦେଖିଛନ୍ତି । ଏ ସମସ୍ତ ଜାଗା ଉପରେ ଆସନ୍ତା କାଲି ଜିଲାପାଳଙ୍କ ସହ ଆଲୋଚନା ହେବ । ପରେ ସ୍ଥିର କରାଯିବ ବୋଲି ସୁଚନା ମିଳିଛି । ଚଳିତ ବର୍ଷଠାରୁ ବିଶ୍ୱବିଦ୍ୟାଳୟର ଶିକ୍ଷା ବର୍ଷ ଆରମ୍ଭ ହେବା କୁ ଉଦ୍ୟମ ଚାଲିଛି । ୭୨ ଏକର ଜମିର ବିକାଶ, ପାନୀୟ ଜଳ ବ୍ୟବସ୍ଥା. ଇଲିଟ୍ରିସିଟି, ପାଚେରିର ବିକାଶ ପ୍ରଥମ ପର୍ଯ୍ୟୟରେ କରିବା ପାଇ ନିଷ୍ପତି ନିଆଯାଇ ଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଗଣ ମାଧମକୁ ସୁଚନା ଦେଇଛନ୍ତି ।

# ପଣ୍ଡକିଟାଲ ଚାଷ ଜମିରେ ଟ୍ରାକଟର ଓଲଟି ଚାଳକର ମୃତ୍ୟୁ

ବଲାଙ୍ଗିର,୦୩।୦୮(ନି.ପ୍ର.): ବଲାଙ୍ଗିର ଜିଲ୍ଲା ଅଗାଲପୁର ଥାନା ଅର୍ନ୍ତଗତ ପଣ୍ଡକିଟାଲ ଗ୍ରାମରେ ଏକ ଅଘଟଣ ଘଟିଛି । ଚାଷ ଜମିରେ ଟ୍ରାକ୍ଟର ଓଲଟି ପଡିବା ଫଳରେ ଟ୍ରାକ୍ଟର ଚାଳକ ର ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ସୁନୀଲ ମଟାରୀ(୧୯) । ସୂଚନା ଅନୁସରେ ଗତକାଲି ପଣ୍ଡକିଟାଲ ଗ୍ରାମର ଚାଷ ଜମିରେ ତଳି ରୁଆ କାର୍ଯ୍ୟ ଚାଲିଥିଲା । ଟ୍ରାକ୍ଟର ରେ ଜମି କାଦୁଅ କରିବାକୁ ସୁନୀଲ ଦେବ ଲୟ ବାରିକ ଙ୍କ( ଓ ଡି ୧୭ ବି ୫୦୮୪ )ଟ୍ରାକ୍ଟର ନେଇ ଆସିଥିଲେ । ଏହି ସମୟ ରେ କୌଣସି କାରଣ ବଶତଃ ଟ୍ରାକ୍ଟର ଟି କାଦୁଅ ରେ ଫସି ଯାଇଥିଲା ଉଠାଇଲା ବେଳେ ଓଲଟି ପଡିଥିଲା । ଗାଡିତଳେ ଚାପି ହୋଇ ରହିଯାଇଥିଲେ ସୁନୀଲ । ଉଦ୍ଧାର ବେଳକୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇ ଯାଇ ଥିଲା । ଖବର ପାଇ ଆଗଲପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି । ମାମଲା ରୁଜୁ କରାଯାଇ ତଦନ୍ତ କରୁଛନ୍ତି ।

# ସୁଧୁରୁନି ସିଙ୍ଗଡ଼ା ବାଙ୍କସାହି ବେରୁଦା ରାସ୍ତା ଅବସ୍ଥା, ଗ୍ରାମ୍ୟ ଉନ୍ନୟନ ବିଭାଗର ଦୃଷ୍ଟି ପଡିବ କେବେ ?

କୋରେଇ,୦୩।୦୮(ନି.ପ୍ର.): ନିଦ ଭାଙ୍ଗୁନି ଗ୍ରାମ୍ୟ ଉନ୍ନୟନ ବିଭାଗର, ଯାହାଦ୍ୱାରା ସିଙ୍ଗଡ଼ା ବାଙ୍କସାହି ବେରୁଦା ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି । ବିଶେଷ ଭାବରେ ସିଙ୍ଗଡ଼ା,ବାଙ୍କସାହି-ବେରୁଦା ରାସ୍ତାଟି ବର୍ତମାନ ବିପଦପୂର୍ଣ୍ଣ ଅବସ୍ଥାରେ ଗତି କରୁଛି । ଯେଉଁ କାରଣରୁ ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ଅଣଚଉଡା ଏବଂ ଦଦରା ରାସ୍ତାରେ ବିପଦପୂର୍ଣ୍ଣ ଅବସ୍ଥାରେ ଚଳପଚଳ କରିବାକୁ ବାଧ ହେଉଛନ୍ତି । ଗୋଳେଇପୁର ପଂଚାୟତ ଏବଂ ପାଣିକୋଇଲି ପଂଚାୟତର ଉଭୟ ଜମି ଦେଇ ଯାଇଥିବା ୨ଗୋଟି ରାସ୍ତାରୁ ୧୬ ନମ୍ବର ଜାତୀୟ ରାଜପଥ ଆରମ୍ଭ ହୋଇଥିବା ଉକ୍ତ ରାସ୍ତାଟି ସିଙ୍ଗଡ଼ା ଠାରୁପବାଙ୍କସାହି ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି, ଯାହା ଦ୍ୱାରା ଉଭୟ ପଂଚାୟତରେ ଗ୍ରାମବାସୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଉକ୍ତ ଢଳେଇ ରାସ୍ତାଟି ସାରା ବଡ ବଡ ଖାଲ ସୃଷ୍ଟି ହୋଇଛି,ରାସ୍ତା ମଝିରୁ ଫାଟି ବାଇକ ଆରୋହୀ କିମ୍ବା ସାଇକେଲ ଆରୋହୀଙ୍କ ପାଇଁ ଜମଦଣ୍ଡ ସଦୃଶ ବୋଲି ଚାହିଁ ରହିଛି । ଗୋଟେ ପଟେ ରାସ୍ତା ଅଣଚଉଡା ଅନ୍ୟପଟେ ରାସ୍ତାର ଅବସ୍ଥା ଶୋଚନୀୟ ହେବା ଦ୍ୱାରା ସ୍କୁଲ କଲେଜର ଛାତ୍ର/ଛାତ୍ରୀ ମାନେ ନାନା ଅସୁବିଧା ଦେଇ ଉକ୍ତ ରାସ୍ତା ଦେଇ ଗତି କରୁଛନ୍ତି । ଆମ୍ବୁଲାନ୍ସ ଏବଂ ଚାରିଚକିଆ ଯିବା କଷ୍ଟକର ବ୍ୟାପାର ହୋଇଛି । ଅନ୍ୟପକ୍ଷରେ ଯାଜପୁର ସଦର ବ୍ଲକ ଅଧିନସ୍ଥ ବେରୁଦା ଗ୍ରାମପଂଚାୟତ ଓ ବେରୁଦା ଗ୍ରାମର ହାଇସ୍କୁଲ ଠାରୁ ବାଙ୍କସାହି ରାସ୍ତା ୨.୭୦୦ ମିଟର ହେବ । ଆଗରୁ ଉକ୍ତ ରାସ୍ତା ନ ଥିବାରୁ ଲୋକମାନେ ଶଗଡ଼ ଗାଡ଼ି ଓ ତାପରେ ଟ୍ରାକ୍ଟର ଓ ସାଇକେଲରେ ଯିବା ଆସିବା କରୁଥିଲେ । ଉକ୍ତ ରାସ୍ତାଟିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ହାତକୁ ନେବା ପରେ ଜନସାଧାରଣ ଭାବିଥିଲି ସେମାନଙ୍କ ଦୁଃଖହଟିଗଲାସେହି ରାସ୍ତା ମାଟି କେଲୁଅ ହୋଇଥିବାରୁ ଏଷ୍ଟିମେଂଟ ହୋଇଥିଲା ବାଲି ରାସ୍ତା ତଳେ ୧ମିଟର ବାଲି ପଡି ରାସ୍ତା କରାଯିବ ମାତ୍ର ତାହା କରାଗଲାନାହିଁ । ଫଳରେ କେଲୁଅ ମାଟି ଫାଟି ୧.୫ରାସ୍ତା ମଝିରେ ସିଧା ଓ ଲମ୍ବା କରି ୨ଇଂଚ ଚଉଡାର ଫାଟି ଯାଇଛି ରାସ୍ତା । ରାସ୍ତାର ଗୋଟିଏ ପଟେ ପାଣି ଜମା ହୋଇଥିବାରୁ ରାସ୍ତାର ଗୋଟିଏ ପଟେ ପାଣି ଖାଇ ଧାନ ଫସଲ ନଷ୍ଟ ହେଉଛି । ଯାହାକୁ ନେଇ ଚାଷୀ ମାନେ ନାନା କ୍ଷତିର ସମ୍ମୁଖିନ ହେଉଛନ୍ତି । ଏଥିପ୍ରତି ଦୃଷ୍ଟି ଦେବାକୁ ୪ମାସ ତଳେ ସମାଜସେବୀ ବିଷ୍ଣୁ ଚରଣ ରାୟ ବିଭାଗୀୟ ଉପରିସ୍ଥ ଅଧିକାରୀକୁ ସାକ୍ଷାତ କରି ଦୃଷ୍ଟି ଆକର୍ଷଣ କରିଥିଲେ । ଏତଦବ୍ୟତୀତ ରାସ୍ତାର ଦୁଇପଟେ ଲମ୍ବା ଘାସ ଓ ତଣ୍ଟି ଏପାଖରୁ ସେପାଖ ଲାଗି ଯିବାପରେ ଚଳପଚଳକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ଏଥିପ୍ରତି ଦୃଷ୍ଟି ଦେବାକୁ ବେରୁଦା ସରପଂଚ ତାରାକାନ୍ତି ପଣ୍ଡା, ଭୁଇଁପୁର ସରପଂଚ ଲିଜା ପାତ୍ର ଓ ଭୁବନେଶ୍ୱରପୁର ସରପଂଚ ମନନ୍ଦିପା ରାୟ, ଜିଲ୍ଲା ପରିଷଦ ସଭ୍ୟା ସୁନିତା ରାଉତ ତଥା ସାନ ବାଙ୍କସାହିର ମହେନ୍ଦ୍ର ମହାପାତ୍ର ଗୋଳେଇପୁର ସରପଂଚ ଓ ପାଣିକୋଇଲି ସରପଂଚ ପ୍ରମୁଖ ଦାବି କରିଛନ୍ତି ।

# ଲଗାଣ ବର୍ଷା ଫଳରେ ତଳିଆ ଅଂଚଳ ଜଳମଗ୍ନ, ଧାନ, ପନିପରିବା ଫସଲ ନଷ୍ଟ ଆଶଙ୍କା

କୋରେଇ,୦୩।୦୮(ନି.ପ୍ର.): ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗିରହିଛି । ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ କୋରେଇ ବ୍ଲକର ବିଭିନ୍ନ ନଦୀକୂଳ ବର୍ତି ଅଂଚଳ ମାନଙ୍କରେ ଅବସ୍ଥିତ ପଂଚାୟତ ମାନଙ୍କରେ ବର୍ଷାର ପାଣି ଜମି ରହିଛି । ଯାହା ଫଳରେ ଗୋଳେଇପୁର ପଂଚାୟତ, ପାଣିକୋଇଲି ପଂଚାୟତ, ବଡ଼ବିରୁହାଁ ପଂଚାୟତର ରହିଥିବା ଚାଷୀ ବିଭିନ୍ନ ଫସଲ ଓ ଧାନ ଚାଷ କରିଥିବା ଚାଷୀଙ୍କ ବିଲରେ ପେଟେ ଉଚାର ପାଣି ଜଳମଗ୍ନ ହୋଇରହିଛି । ଯାହା ଦ୍ୱାରା ଧନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । କେତେକ ସ୍ଥାନରେ ଜାତାୟତ ଅବ୍ୟାକାନ୍ସରେ ବିଛିନ୍ନ ହୋଇଥିବା ଜଣାଯାଇଛି । ଯଦି ବର୍ଷା ଲାଗିକି ରୁହେ କିମ୍ବା ଏଭଳି ପାଣି ଜମିକି ରୁହେ ତେବେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ବୋଲି ସ୍ପଷ୍ଟ ଅନୁମେୟ । ଗୋଳେଇପୁର ପଂଚାୟତରେ ହୋଇଥିବା ୨୦ ଏକରରୁ ଉର୍ଦ୍ଧ ସୁନୁଶୁନିଆ ଶାଗ, ଧାନ ଚାଷୀ ଏବଂ ବଡତ୍ରିଲୋଚନପୁର ଗ୍ରାମରେ ବିଭିନ୍ନ ଫସଲ ଉପରେ ଉପରୁ ଗଡୁଥିବା ବଦଳିପାଣି ଜଳମଗ୍ନ ଅବସ୍ଥାରେ ୧୦ଫୁଟରୁ ଉର୍ଦ୍ଧ୍ୱ ହେବ ପାଣି ପଖର ବେଗରେ ପ୍ରଭାବିତ ହେଉଛି । ସେହିପରି ପାଣିକୋଇଲି ପଂଚାୟତର ଅଧିକାଂଶ ଗ୍ରାମ ଏବଂ ବଡ଼ବିରୁହା ରେ ହୋଇଥିବା ବିଭିନ୍ନ ପନିପରିବା ଚାଷ ଓ ଧାନ ଚାଷରେ ପାଣି ଜମିରହିବା ଦ୍ୱାରା ଫସଲ ନଷ୍ଟ ହୋଇଥିବା ଚାଷୀ ମାନେ କୁହନ୍ତି । ସୂଚନାନୁଯାୟୀ ଏଯାବତ ସାହାପୁର ସ୍ଥିତ ଖରସ୍ରୋତା ନଦୀର ବଢି ପାଣି ବଢି ନଥିବା ଦେଖିବାକୁ ମିଳିଛି । ସେହିପରି ଭାବରେ ଏହି ୩ଗୋଟି ପଂଚାୟତ ମାନଙ୍କରେ ବୈତରଣୀ ନଦୀର ଆଶଙ୍କା ଅଳ୍ପ ପରିମାଣରେ ପଡିବ ବୋଲି ଅନୁମାନ କରାଯାଉଛି । ତେବେ ଯଦି ବନ୍ୟା ପରିସ୍ଥିତି ଉପୁଜେ ତେବେ ଏହି ଏରିଆ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବା ସହ ଧନ ଜୀବନ ଅସ୍ତବ୍ୟସ୍ତ ହେବ ବୋଲି ତାହା ଅନୁମାନ କରାଯାଉଛି । ତେଣୁ ଜିଲ୍ଲା ପ୍ରଶାସନ ଏହି ତଳିଆ ଅଂଚଳକୁ ଦୃଷ୍ଟି ଆକର୍ଷଣ କରିବାକୁ ଦାବି ହୋଇଛି ।

# ବିଶ୍ୱସ୍ତରୀୟ ସହର ବର୍ଷାରେ ଉବୁଟୁବୁ

ପୁରୀ,୦୩।୦୮(ନି.ପ୍ର.): ଲଗାତର ୩ ଦିନ ବର୍ଷା ଯୋଗୁଁ ବିଶ୍ୱସ୍ତରୀୟ ସହର ପୁରୀ ଅବସ୍ଥା ବେହାଲ ହୋଇଥିବା ବେଳେ ସାହୀ ଗଳି କନ୍ଦିରେ ନଳା ପାଣି ଭାସୁଛି । ରଥଯାତ୍ରା ସମୟରେ ଡ୍ରେନ ଗୁଡ଼ିକ ଅଳ୍ପ ଅଳ୍ପ ସଫା ହୋଇଥିବାରୁ ସେଗୁଡ଼ିକରେ ପୁଣି ବାଲି ଭର୍ତି ହୋଇଯାଇଛି । ଯାହାଫଳରେ ଡ୍ରେନରେ ବର୍ଷା ପାଣି ନିଷ୍କାସନ ନହୋଇ ପଙ୍କ ସହ ମଇଳା ପାଣି ରାସ୍ତା ଉପରେ ଭାସୁଥିବା ଦେଖିବାକୁ ମିଳୁଛି । କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଡ୍ରେନ ନିର୍ମାଣ ହୋଇଥିଲେ ମଧ ସେଥିରେ ବର୍ଷା ପାଣି ଓ ବାସଗୃହ ପାଣି ଠିକ୍ ଭାବରେ ଯାଇ ପାରୁନାହିଁ । ପୌରସଂସ୍ଥା ନିର୍ଦ୍ଦେଶରେ ଡ୍ରେନେଜ ବିଭାଗ ଡ୍ରେନ ନିର୍ମାଣ କରିଥିଲେ ମଧ ତାହାର ମାଲିକ ପୌରସଂସ୍ଥା । ରକ୍ଷଣାବେକ୍ଷଣ ଓ ସଫା କରିବା ଦାୟୀତ୍ୱ ପୌରସଂସ୍ଥାର । ପୌରସଂସ୍ଥାର କର୍ମଚାରୀଙ୍କ ବେପରୁଆ କାର୍ଯ୍ୟ ଓ ବଡ଼ଦାଣ୍ଡର ଦୁଇ ପାର୍ଶ୍ୱର ମୁଖ୍ୟ ଡ୍ରେନ ସଫେଇ ଜାଗୃତି କରିଥିବା ବେଳେ ସେଥିରେ ମଧ ବାଲି ଭର୍ତି ହୋଇଗଲାଣି । ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ନଳାପାଣି ଚକଟି ଜଗା ଦର୍ଶନ କରୁଛନ୍ତି । ପ୍ରତି ୱାର୍ଡ଼ରେ ନିର୍ବାଚିତ କାଉନସିଲର ନଥିବାରୁ ସାହିର ନଳା ଦାୟୀତ୍ୱ ଠିକ୍ ଭାବେ ତୁଲାଉ ନଥିବାରୁ ନଳା ପାଣି ସାହିରେ ଭାସୁଛି । ଲଗାଣ ବର୍ଷା ଯୋଗୁ ବଡ଼ଦାଣ୍ଡ ସମେତ ସୁଜାତ ନଗର, ତ୍ରିଦେବ ନଗର, ମାଟିତୋଟା, ଲୋକନାଥ ଘାଟ, ଗୋପୀନାଥପୁର, ବାଲିଘାଟ ଅଂଚଳ, ସିଦ୍ଧମହାବୀର, ରାମଚଣ୍ଡୀ ସାହି ବାଲିବସ୍ତି ଅଚଂଳ, ଦତତୋଟା, ବଳିଆପଣ୍ଡା ଆଦି ଅଚଂଳରେ ବର୍ଷା ଜଳ ନିଷ୍କାସନ ନହୋଇପାରିବାରୁ ରାସ୍ତା ଉପରେ ଲହଡ଼ି ମାରୁଛି । ଅପରିଷ୍କାର ପାଣିରେ ଯାଆସ କରି ଛୋଟ ଶିଶୁ ଓ ସାହିବାସିନ୍ଦା ମାନେ ବିଭିନ୍ନ ଚର୍ମ ରୋଗରେ ପୀଡ଼ିତ ହେଉଥିବା ଦେଖିବାକୁ ମିଳୁଛି ।

# ବ୍ରହ୍ମଗିରି :ବ୍ରିଜ ଦାବୀ ନେଇ ରାସ୍ତାରୋକ

ବ୍ରହ୍ମଗିରି,୦୩।୦୮(ନି.ପ୍ର.): ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ ତିନିକୁଦି ବାଲିକେରା ଠାରେ ଭାର୍ଗବୀ ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ ଦାବିରେ ତିନୋଟି ଗ୍ରାମ ପଂଚାୟତର ଶତାଧିକ ଲୋକ ଓ ଛାତ୍ର ଛାତ୍ରୀ ମାନେ ପୁରୀ ସାତପଡ଼ା ଜାତୀୟ ରାଜପଥର ରେଣ୍ଡା ଛକଠାରେ ରାଜପଥକୁ ଅବରୋଧ କରିଛନ୍ତି । ଫଳରେ ଗାଡ଼ି ମୋଟର ଉଭୟ ପଟେ ଅଟକି ରହିଛି । ଝିପ୍ ଝିପ୍ ବର୍ଷା ସତ୍ୱେ ଆନ୍ଦୋଳନକାରୀମାନେ ରାସ୍ତା ଉପରେ ବସି ରହିଛନ୍ତି । ଘଟଣା ସ୍ଥଳରେ ସଦର ଏସ ଡି ପିଓ ପହଂଚି ଆନ୍ଦୋଳନକାରିଙ୍କ ସହ ଆଲୋଚନା ଜାରି ରଖିଛନ୍ତି । ୨୦୧୪ ମସିହାରୁ ଏହି ସ୍ଥାନରେ ଏକ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଦୁଇଟି ଖୁଣ୍ଟ ରେ ଦଶ ବର୍ଷ ଧରି ଅଟକି ରହିଛି । ଗତ କିଛି ଦିନ ତଳେ ଏଠାରେ ଥିବା କାଠ ସେତୁଟି ଛାତ୍ର ଛାତ୍ରୀ ମାନେ ସ୍କୁଲ ଯାଉଥିବା ସମୟରେ ଭାଙ୍ଗି ଯିବାରୁ ଅଳ୍ପକେ ୨୦ ଜଣ ଛାତ୍ରଛାତ୍ରୀ ରକ୍ଷା ପାଇ ଯାଇଥିଲେ । ରାଜ୍ୟ ସରକାର, ଜିଲ୍ଲାପ୍ରଶାସନ, ପି. ଡବ୍ଲୁ. ଡି, ବିଭାଗ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ଯାତ୍ରୀ ନିବାସ ନବୀକରଣ, ୫୦ ଲକ୍ଷ ଖର୍ଚ୍ଚ ପରେ ବି ଛାତରୁ ଗଳୁଛି ପାଣି

କେନ୍ଦ୍ରାପଡ଼ା,୦୩।୦୮(ନି.ପ୍ର.): କେନ୍ଦ୍ରାପଡା ସଦର ମହକୁମା ଅଦାଲତ ନିକଟରେ ଥିବା ପୌରସଂସ୍ଥାର ଯାତ୍ରୀ ନିବାସର ନବୀକରଣ କାର୍ଯ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ କରାଯାଇ ଥିବା ବେଳେ ଏହା ବ୍ୟବହାର ଉପଯୋଗୀ ହୋଇପାରି ନାହିଁ । ଏଠାରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହେବାପାଇଁ ପ୍ରଶାସନ ନିଷ୍ପତି ନେଇଥିବାରୁ ଏହାର ମେଜିଆ, କାନ୍ଥ, ଝରକା, କବାଟ, ଗ୍ରୀଲ, ବିଦ୍ୟୁତିକରଣ, ଶୌଚାଳୟ, ପରିସର ଫେବର ବ୍ଲକ, ମୁଖ୍ୟ ଫାଟକ ଗେଟ୍ ପ୍ରଭୃତି ଆବଶ୍ୟକୀୟ ମରାମତି ସହ କେତେକ ସ୍ଥାନରେ ନୂତନ ଭାବେ କରାଯାଇଛି । ମାତ୍ର ଦୁଇ ଚାରି ଅସରା ବର୍ଷା ହେବାରୁ ଏହାର ପ୍ରତ୍ୟେକ କୋଠରୀର ଛାତରୁ ପାଣି ବୋହୁଥିବା ଦେଖିବାକୁ ମିଳିଛି । କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବାରୁ ଏହାର ଅବସ୍ଥା ଦେଖିବା ପାଇଁ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା ଯାତ୍ରୀ ନିବାସକୁ ଯାଇଥିଲେ । ମାତ୍ର ସେଠାରେ ଛାତରୁ ପାଣି ବୋହୁଥିବା ଦେଖି କାର୍ଯ୍ୟାଳୟ କିପରି ଏଠାରେ ଚାଲିବ ଏନେଇ ସମସ୍ୟା ସୃଷ୍ଟି ହୋଇଛି । ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାପରେ ମଧ ଯାତ୍ରୀ ନିବାସ ଟି କୌଣସି କାମରେ ଆସିପାରିବ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ଏହି ପରିଦର୍ଶନ ସମୟରେ ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ କୁମାର ବିଶ୍ୱାଳ, କାଉନସିଲର ସେକ ଆସଲାମ ପ୍ରମୁଖ ଅନ୍ୟ କାଉନସିଲର ମାନେ ଉପସ୍ଥିତ ଥିଲେ ।

# ସେଓ ମଞ୍ଜିକୁ ନେଇ ସାବଧାନ ହୁଅନ୍ତୁ



ସାଧାରଣତଃ ଡାକ୍ତରମାନେ ପ୍ରତ୍ୟେକ ବର୍ଗର ଲୋକଙ୍କୁ ସେଓ ପରି ଫଳ ଖାଇବାକୁ ପରାମର୍ଶ ଦେଇଥାନ୍ତି। ସ୍ୱାସ୍ଥ୍ୟ ପାଇଁ ଉପାକର ଏହି ଫଳ ପ୍ରକୃତରେ ଖୁବ ଭଲ। ହେଲେ ସେଓ ମଞ୍ଜିକୁ ନେଇ ସାବଧାନ ହୋଇଯାନ୍ତୁ। ଏହି ପୌଷ୍ଟିକ ଫଳ ସେଓଯ ମଞ୍ଜି ସାୟାନାଇଡ୍ ପରି ବିଷ ତତ୍ୱ ବାହାର କରେ। ବିଶେଷଜ୍ଞଙ୍କ କହିବାନୁସାରେ ସେଓ ଖାଇଲାବେଳେ ଏହାର ମଞ୍ଜିକୁ ଗିଳିଦେଲେ, ତାହା କ୍ଷତିକାରକ ହୋଇ ନଥାଏ। ହେଲେ ଏହାକୁ ଚୋବାଇ ଖାଇଲେ, ସେଓ ମଞ୍ଜିରେ ଥିବା ଏମିଗଡ଼ଲିନ ତତ୍ୱ ମନୁଷ୍ୟରେ ପାଚନ କ୍ରିୟା ସମ୍ପର୍କରେ ଆସି ସାୟାନାଇଡ୍ ରିଲିଜ୍ କରେ। ସେଓ ମଞ୍ଜିକୁ ଚୋବାଇଲ ଖାଉଥିବା ବ୍ୟକ୍ତିଙ୍କର ମୁଣ୍ଡବିନ୍ଧା, ପେଟକାଟିବା ଓ ବାନ୍ତି ଆଦି ଲକ୍ଷଣ ଦେଖାଯାଏ। ବିଶେଷଜ୍ଞଙ୍କ ମତରେ କେତେକ ସମୟରେ ଏହି କାଅରଣରୁ ବ୍ୟକ୍ତି ମୃତ୍ୟୁମୁଖରେ ମଧ୍ୟ ପଡ଼ିଥାନ୍ତି। ମିଳିଥିବା ତଥ୍ୟ ଅନୁସାରେ ୨୦୦ଟି ସେଓର ମଞ୍ଜିରୁ ୧ କପ ସାୟାନାଇଡ୍ ପ୍ରସ୍ତୁତ ହୋଇଥାଏ। ତେବେ ଗୋଟିଏ ସେଓରେ ୦.୦୬-୦.୨୪ ମିଲିଗ୍ରାମ ସାୟାନାଇଡ୍ ଥାଏ। ପ୍ରତ୍ୟେକ ଥର ସେଓ ଖାଇବା ପୂର୍ବରୁ ଏହାର ମଞ୍ଜିକୁ ବାହାର କରିଖାଆନ୍ତୁ।

## ମୁହଁରେ କେଶର ଉପଚାର





ସାଧାରଣତଃ ମହିଳାମାନେ ନିଜର ମୁହଁକୁ ନେଇ ଅଧିକ ଯତ୍ନଶୀଳ ହୋଇଥିବାର ଦେଖିବାକୁ ମିଳିଥାଏ। କେତେବେଳେ ବ୍ରଣରଉପଚାର କରନ୍ତି ତ ଆଉ କେତେବେଳ କରିଥାନ୍ତି ତେଲିଆ ମୁହଁର ଉପଚାର। ବର୍ତ୍ତମାନ ମୁହଁରେ ଥିବା କେଶକୁ ଦୂର କରିବା ପାଇଁ କରନ୍ତୁ ଏକ ଘରୋଇ ଉପଚାର।

ଏକ ପାତ୍ର ନେଇ ଏଥିରେ ଗୋଟିଏ କଦଳୀ ଓ ଏକ ଚାମଚ ଓଟଣସକୁ ଭଲ ଭାବରେ ମିଶାଇ ଏହାର ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାପରେ ଏଥିରେ ଫାଳେ ଲେମ୍ବୁ ଚିପୁଡ଼ନ୍ତୁ। ଏହାପରେ ଏହି ମିଶ୍ରଣକୁ ମୁହଁରେ ହୋଇଥିବା ଅଦରକାରୀ କେଶରେ ଲଗାଇ ଭଲଭାବରେ ୧୦ ମିନିଟ୍ ପର୍ଯ୍ୟନ୍ତ ଘଷନ୍ତୁ। ଧ୍ୟାନଦିଅନ୍ତୁ କେଶ ବଢୁଥିବାର ବିପରୀତ ଦିଗରେ ମସାଜ୍ କରନ୍ତୁ। ଏହାପରେ ୧୦ ମିନିଟ ରଖି ମୁହଁକୁ ଥଣ୍ଡାପାଣିରେ ଧୁଅନ୍ତୁ। ପ୍ରତିମାସରେ ଏହିପରପି ଥରୁଟିଏ କରିବା ଦ୍ୱାରା ଏହାମୁହଁରେ ହେଉଥିବା କେଶରୁ ଆପଣଙ୍କୁ ବଂଚିତ କରିଥାଏ।

## ନୀରବ ଘାତକ ଖାଦ୍ୟ


ନିକଟରେ ଆମେରିକୀୟ ଡାକ୍ତର ସଂଘ ଓ ବିଶ୍ୱ କର୍କଟ ସଂଘ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ ଅଧିକ ଲୁଣି ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପକ୍ଷରେ ହାନିକାରକ। ତେବେ କେବଳ ଲୁଣ ନୁହେଁ, ଅନ୍ୟ ଖାଦ୍ୟ ମଧ୍ୟ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ଚିନି ଖାଇବା ଉପରେ ନିୟନ୍ତ୍ରଣ କରନ୍ତୁ। ଅଧିକ ପରିମାଣରେ ଚିନି ଖାଇଲେ ଚିଡ଼ଚିଡ଼ା ଲାଗିବା, ବରିକ୍ତି ଲାଗିବା, ମୋଟାପଣ, ସ୍ୱାସ୍ଥ୍ୟ ବଢ଼ିବାର ଆଶଙ୍କା ରହିଛି। ଲୁଣରେ ସୋଡ଼ିୟମର ମାତ୍ରା ଅଧିକ ଥିବାରୁ ତାହା ରକ୍ତଚାପ ହୃଦଘାତ ଓ କର୍କଟର ଆଶଙ୍କା ବଢ଼ାଇଥାଏ। ବଜାରରେ ମିଳୁଥିବା ଲୁଣିଆ ଚିପ୍ସ ଠାରୁ ଯଥା ସମ୍ଭବ ଦୂରେଇ ରୁହନ୍ତୁ। ମଇଦାରେ ଫାଇବର ଆଦୌ ନାହିଁ। ମଇଦାଜାତୀୟ ଖାଦ୍ୟ ଖାଲେ ତାହା ସହଜରେ ହଜମ ହୋଇ ନଥାଏ। ଏଥିରେ ଥିବା ବ୍ଲିଚିଙ୍ଗ ତତ୍ୱ କାରଣରୁ ହୃଦଘାର ଆଶଙ୍କା ବଢ଼େ। ମୃଦୁ ପାନୀୟରେ ଥିବା କାର୍ବୋହାଇଡ୍ରେଟ୍ ଓ ଅନ୍ୟାନ୍ୟ ତତ୍ୱ ସ୍ମୃତି ଶକ୍ତି ହ୍ରାସ କରେ। ଅଙ୍କୁରିତ ଆଳୁ କେବେହେଲେ ରାନ୍ଧିବା ଉଚିତ ନୁହେଁ। ଏହା ଖାଇଲେ ଡାଇରିଆ ଓ ମାଇଗ୍ରେନ ହେବାର ଆଶଙ୍କା ସର୍ବାଧିକ। ଛତୁକୁ ରାନ୍ଧିବା ପୂର୍ବରୁ ଏହାକୁ ହଳଦୀ ପାଣିରେ କିଛି ସମୟ ରଖିବା ଉଚିତ।

## ମୁହଁରୁ ଚମକ ଫେରାଓ ଉଷ୍ଟ୍ରାସନ



ଏହି ଆସନ କରିବାକୁ ହେଲେ ପ୍ରଥମେ ଭୂମିରେ ଦୁଇ ପାଦକୁ ପରସ୍ପର ଯୋଡ଼ି ସିଧା ହୋଇ ରୁହନ୍ତୁ। ପରେ ଦୁଇ ହାତକୁ ଏକା ସହ ମୁଣ୍ଡ ଉପରକୁ ଉଠାଇ ଧୀରେ ଧୀରେ ଆଗକୁ ଝୁଙ୍କନ୍ତୁ। ଏପପରି ଝୁଙ୍କିବେ ଯେପରି ମୁହଁ ଆଣ୍ଠୁକୁ ଛୁଇଁବ। ଏହା କରିବା ସମୟରେ ଆଖି ବନ୍ଦ ରଖିବେ ଓ ଦୁଇ ହାତର ପାପୁଲି ଭଇଁକୁ ଛୁଇଁ ରଖିବେ। ଏହିପରି ଭାବେ ଏକରରୁ ଦୁଇ ମିନିଟ ରହି ଧୀରେ ଧୀରେ ପୂର୍ବଅବସ୍ଥାକୁ ଫେରି ଆସନ୍ତୁ। ଏହି ଆସନ କରିବା ଫଳରେ ପେଟରେ ମେଦ କମ ହେବାସହ ତ୍ୱଚାରେ ମଧ୍ୟ ଚମକ ଆଣିଥାଏ। ଏହି ଆସନରେ କିଛି ସମୟ ରହିବା ଦ୍ୱାରା ମୁହଁକୁ ସହଜରେ ରକ୍ତ ସଂଚାଳନ ହୋଇ ମୁହଁରେ ଚମକ ଫେରିଥାଏ।

## ସମୁଦ୍ରରେ ସିନେମା ହଲ୍



ବିଶ୍ୱ ଦରବାରରେ ହଟଚମଟ ସୃଷ୍ଟି କରିବା ପାଇଁ ଚୀନ ନିଜର ସ୍ୱତନ୍ତ୍ର ପ୍ରୟାସ ଜାରି ରଖିଛି। ସମୁଦ୍ରରେ ନିଜ ଦବଦବା ବଢ଼ାଇବା ପାଇଁ ଏକ କୃତ୍ରିମ ଦ୍ୱୀପ ବନାଇଛି। ଏତିକି କମ ନଥିଲା ଯେ ଏହାପରେ ଏକ ହାଇଟେକ ସିନେମା ହଲ ମଧ୍ୟ ନିର୍ମାଣ କରିଛି। ଏହି ଖାସ ସଦିନେମା ହଲରେ କେବଳ ମହାଦ୍ୱିପରେ ରହୁଥିବା ଲୋକ ଏବଂ ସେନାର ଯବାନମାନେ ସିନେମା ଦେଖିଥାନ୍ତି। ଏଠାରେ ୨୦୦ ଲୋକ ଏକାସହ ସିନେମା ଦେଖିବାର ବ୍ୟବସ୍ଥା କରାଯାଇଛି। ସୂଚନା ମୁତାବକ, ଏଠାରେ ସପ୍ତାହରେ କେବଳ ଗୋଟିଏ ଦିନ ଶୋ' ଚାଲେ। ଚୀନ ଏଭଳି କରି ସମଗ୍ର ବିଶ୍ୱକୁ ନିଜ ପାରିବାପଣିଆର ପରାକାଷ୍ଠା ଦେଖାଇଛି।

## ଶୂନ୍ୟ କାଲୋରି ଖାଦ୍ୟ



ଯେଉଁ ଖାଦ୍ୟ ମାଧ୍ୟମରେ ଶରୀରର କୌଣସି ଧରଣର ପୃଷ୍ଟିତଥା ଖାଦ୍ୟସାର ଓ ଜୀବସାର ପାଏନାହିଁ ଏବଂ କେବଳ ଗୁଡ଼ିଏକାଲାରି ପାଏ, ତାହାକୁ ଶୂନ୍ୟ କାଲୋରି ଖାଦ୍ୟ ବା ଇଂରେଜୀରେ ଏମ୍ପ୍ଟି କାଲୋରି ଫୁଡ୍ କୁହାଯାଏ। ସାଧାରର ଭାବେ ଦେଖିଲେ ସିମସ୍ତେ ଜଙ୍କ୍ ଫୁଡ୍ ଏହି ଜାତୀୟ ଖାଦ୍ୟ। ଜଙ୍କ୍ ଫୁଡ୍‌କୁ ଆମେ ସିଧାସଳଖ ଏମ୍ପ୍ଟି କାଲୋରି ଫୁଡ୍ କହିପାରିବା। ମୃଦୁ ପାନୀୟ, ସୁରା, ଅତ୍ୟଧିକ ଚିନି ଥିବା ଖାଦ୍ୟ, ମିଠା ତେଲ ଛଣା ଖାଦ୍ୟ, କେକ ପେଷ୍ଟ୍ରି କ୍ରଏସାଣ୍ଟ୍ ପିଜା, ବର୍ଗର, ମଇଦା ଓ ଲହୁଣି ପ୍ରସ୍ତୁତ ବିସ୍କୁଟ ଆଦି ଏଭଳି ଖାଦ୍ୟରେ ଉଦାହରଣ। ଏଭଳି ଖାଦ୍ୟ ମାଧ୍ୟମରେ ଶରୀର ପୁଷ୍ଟିସାର, ଖାଦ୍ୟସାର କି ଜୀବସାର ପାଏନାହିଁ। ପାଏ କେବଳ କ୍ଷତିକାରକ ଶ୍ୱେତସାର ଓ ସ୍ନେହସାର।

## ପିଲାଙ୍କଠାରେ ଆର୍ଥ୍ରାଇଟିସ



ପିଲାଙ୍କୁ ଅକାରଣରେ ଅଧିକ ଏଣ୍ଟିବାୟୋଟିକସ ଦେବା କ୍ଷତିକାରକ ହୋଇପାରେ। ଅତ୍ୟଧିକ ଜୀବାଣୁମାରକ ଔଷଧ ଖାଉଥିବା ପିଲା, କମ ବୟସରେ ଏପରିକି କିଶୋରାବସ୍ଥାରେ ଆରଥ୍ରାଇଟିସ ଭୋଗିପାରେ। ବର୍ଷରେ ପାଂଚ ଥର ଏଣ୍ଟିବାୟ୍ରୋଟିକସ ଖାଉଥିବା ପିଲା, ଏହା ଭୋଗିବାର ଆଶଙ୍କ୍ତକା ସବୁଠାରୁ ଅଧିକ। ଏହାକମୁ କୁହାଯାଉଛି ଜୁଭେନାଇଲ ଆରଥ୍ରାଇଟିସ ଶ୍ୱାସନକଳି ସଂକ୍ରମଣରୁ ରକ୍ଷା କରିବା ପାଇଁ ଦିଆଯାଉଥିବା ଔଷଧ ସବୁଠାରୁ ଧକ୍ଷତିକାରକ। ସାଧାଣତଃ ରୋଗ ପ୍ରତିରେଶଧକ ଶକ୍ତି ହ୍ରାସ ପାଇଲେ, ଶରୀର ବାରମ୍ବାର ରୋଗକ୍ରାନ୍ତ ହୁଏ ଏବଂ ଔଷଧ ଖାଇବାକୁ ପଡ଼େ। ତେଣ ପ୍ରାକୃତିକ ଭାବେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଯତ୍ନବାନ ହେବା ଦରକାର।

## ଅଦ୍ଭୁତ ମହିଳା

ସାଧାଣରତଃ ସୁନ୍ଦରତା ବଢ଼ାଇବା ଲାଗି ଲୋକମାନେ ପ୍ଲାଷ୍ଟିକ ସର୍ଜରି କରିଥାନ୍ତି। କିନ୍ତୁ ଦୁନିଆରେ ଏମିତି ଜଣେ ମହିଳା ଅଛନ୍ତି ଯିଏକି କରଜ ଟଙ୍କା ଫେରସ୍ତ ନକରିବା ପାଇଁ ପ୍ଲାଷ୍ଟିକ ସର୍ଜରି କରିଛନ୍ତି। ଏପରି କାରନାମା କରିଥିବା ମହିଳା ଜଣକ ହେଉଛନ୍ତି ସଂଘାଇର ବୁହାନ ସହରରେ ରହୁଥିବା ଚିନି ମହିଳା ହୁ ନାଜୁଆନ। ମହିଳାଙ୍କ ମୁଣ୍ଡରେ ପାଖାପାଖି ୨କୋଟିର କରଜ ରହିଛି। ଏକ ସ୍ଥାନୀୟ ଅଦାଲତ ମହିଳାଙ୍କୁ କରଜ ପୈଠ କରିବାଲାଗି ଆଦେଶ ଦେଇଥିବାବେଳେ ସେ ସହର ଛାଡ଼ି ଚାଲିଯାଇଥିବା ବେଳ ଗିରଫ ସମୟରେ ମହିଳାଜଣକୁ ଦେଖି ପୋଲିସ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ। ପୋଲିସର କହିବା ମୁତାବକ, ୫୨ ବର୍ଷୀୟ ମହିଳା ୩୦ବର୍ଷ ପରି ଦିଶୁଥିଲେ ଏବଂ ଅନ୍ୟର ପରିଚୟ ନେଇ ଟ୍ରେନ ଯୋଗେ ସମଗ୍ର ଦେଶରେ ବୁଲୁଥିଲେ।

# ମା' କ୍ଷୀର ଅଭାବର ଆୟୁର୍ବେଦୀୟ ଉପଚାର



ମା' କ୍ଷୀର ଶିଶୁ ପାଇଁ ଏକମାତ୍ର ଜୀବନ ଜିଇଁବାର ଆହାର। ଆୟୁର୍ବେଦରେ ବର୍ଣ୍ଣନା ଅଛି ସ୍ତନ୍ୟଂ ତୁ ଜୀବନଂ ମରଣ ତଦାଭାବେ ଚ। ଅର୍ଥାତ୍ ଶିଶୁ ପାଇଁ ମା' କ୍ଷୀର ଠାରୁ ବଳି ଅମୃତ ସଂସାରରେ ଆଉ କିଛି ନାହିଁ। ତେବେ ମା' କ୍ଷୀର ଶିଶୁ ପାଇଁ କାହିଁକି ଓ କିପରି ମୂଲ୍ୟବାନ ତାହା ଆଜିକାଲି ଅନେକ ମା' ଭୁଲିଯାଉଛନ୍ତି। କେତେକ ନିଜର ଯୌବନକୁ ଦୀର୍ଘକାଳୀନ କରିବା ଲାଗି ସ୍ତନ୍ୟପାନ କରାଇବାକୁ ଅବହେଳା କରିଥାନ୍ତି। ଯଦିଓ ପ୍ରକୃତି ମା' ସ୍ତନରେ ତା' ଶିଶୁପାଇଁ ଯଥେଷ୍ଟ ସ୍ତନ୍ୟ ଯୋଗାଇ ଦେଇଥାଏ ହେଲେ ବେଳେବେଳେ ମା' ନିଜ ଶିଶୁକୁ ଯଥେଷ୍ଟ ପରିମାଣରେ ସ୍ତନ୍ୟପାନ କରାଇ ପାରି ନଥାଏ। ହୁଏତ ଏଥିପାଇଁ ମା' ଶରୀର ଭିତରେ ହରମୋନର ପ୍ରଭାବ, ମା'କ୍ବୀ ଆବଶ୍ୟକ ପୋଷକ ତତ୍ତ୍ୱର ଅଭାବ, ଗର୍ଭ ନିରୋଧ ବଟିକା ସେବନ ତଥା ମାନସିକ ଚିନ୍ତା, କାର୍ଯ୍ୟର ଚାପ, ଶାରୀରିକ ରୋଗ ଭଳି ବିଭିନ୍ନ କାରଣ ଦାୟୀ।

ଆୟୁର୍ବେଦରେ ଏପରି ଶିଶୁ ପାଇଁ ପ୍ରଚୁର ଦୁଗ୍ଧ ମା' ସ୍ତନରେ ସୃଷ୍ଟି କରିବା ଲାଗି ଅନେକ ବିଧି ଓ ଔଷଧର ବ୍ୟବସ୍ଥା ରହିଛି। ମହର୍ଷି ଚରକ ତାଙ୍କ ପୁସ୍ତକ ସୂତ୍ର ସ୍ଥାନରେ କେତୋଟି ଔଷଧୀୟ ଦ୍ରବ୍ୟର ଉଲ୍ଲେଖ କରି କରିଛନ୍ତି ଯାହା ମା' ସ୍ତନରେ ପ୍ରଚୁର ପରିମାଣରେ କ୍ଷୀର ଉତ୍ପନ୍ନ କରିଥାଏ। ଯଥା ଶାଳୀଚାଉଳ୍, ଷଷ୍ଟିକ ଚାଉଳ, ଗୁଡୁଚୀ ଏବଂ କେତେକ ଜାତିର ତୃଣ ଭେଦ ଯଥା ଆଖୁ, କାଶତଣ୍ଡୀ, କୁଶ, ରୋହିସତୃଣ ଇତ୍ୟାଦି ଯାହା ଉପରେ ଅନେକ ଗବେଷଣା କରାଯାଇ ପ୍ରତ୍ରକ୍ଷଧ ମଧ୍ୟ ହୋଇସାରିଛି। ଏହାବ୍ୟତୀତ ମହର୍ଷି ସୁଶ୍ରୁତ ସ୍ତନ୍ୟକ୍ଷୟରେ ଶ୍ଲେଷ୍ମବର୍ଦ୍ଧକ (କଫ ବର୍ଦ୍ଧକ)ଦ୍ରବ୍ୟର ପ୍ରୟୋଗ କରିବା ପାଇଁ ସୂତ୍ର ସ୍ଥାନରେ କହିଛନ୍ତି ଯେପରି- ମାଷପର୍ଣ୍ଣୀ, ମୁଦ୍‌ଗପର୍ଣ୍ଣୀ, କକଡ଼ାଶୃଙ୍ଗୀ, ଯଷ୍ଟିମଧୁ, ଦ୍ରାକ୍ଷା (କିସମିସ), ଗୁଡୁଚୀ, ପଦ୍ମକ କିମ୍ବା କଇଁ ନାଡ଼ ଦୈନନ୍ଦିନ ସେବନ କଲେ ଉତମ ଫଳ ମିଳେ। ମେଥି ମୋଦକ ମଧ୍ୟ ନେଲେ ଭଲ। ସଜନା ଛୁଇଁ ମଧ୍ୟ ଏକ ଉତ୍କୃଷ୍ଟ ଦ୍ରବ୍ୟ ଯାହାକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରାଯାଇପାରେ। ସେହିପରି ଶତାବରୀର ବା ଛତୁଆରୀର କୋମଳ ଶୃଙ୍ଗ ବା ମୂଳକୁ ଭଲ ଭାବେ ଧୋଇ କ୍ଷୀର ତଥା ମିଶ୍ରିତ ସହିତ ପ୍ରତିଦିନ ଖାଇଲେ ମା' କ୍ଷୀର ବୃଦ୍ଧି ହୋଇଥାଏ। ସେହିପରି ପାନମଧୁରୀର ଚୂର୍ଣ୍ଣ ବା ଭିଜା ପାଣି ଦୈନନ୍ଦିନ ନେଲେ କ୍ଷୀର ବୃଦ୍ଧିହୁଏ। ନିର୍ଗୁଣ୍ଡୀ ପତ୍ର (ବେଗୁନିଆ ପତ୍ର) ରସ, ଏରଣ୍ଡ ପତ୍ର (ଜଡ଼ାଗଛ ପତ୍ର) ରସ ମଧ୍ୟ ମା'ର କ୍ଷୀର ବୃଦ୍ଧିରେ ସାହାଯ୍ୟ କରେ। ସ୍ତନ୍ୟଦାତ୍ରୀର କ୍ଷୀର ଅଭାବ ବା କ୍ଷୟରେ ଏହାକୁ ବୃଦ୍ଧି କେଉଁ କାଳରୁ ଆୟୁର୍ବେଦୀୟ ବର୍ଣ୍ଣିତ ଦ୍ରବ୍ୟର ପ୍ରୟୋଗ ହୋଇଆସୁଛି। ହେଲେ ଯୁଗ ବଦଳିବା ସହିତ ମନୁଷ୍ୟର ଜୀବନଶୈଳୀ ବଦଳିବା ଯୋଗୁଁ ମନୁଷ୍ୟ ଏହି ଚିରାଚରିତ ପ୍ରଥାକୁ ଭୂଲିଯାଇ କେମିକାଲ ଯୁକ୍ତ ଦ୍ରବ୍ୟ ପ୍ରୟୋଗ କରି ଅନେକ ରୋଗର ଶିକାର ହେଉଛି।







ଆଦି ଅନେକ ପ୍ରକାର ଚୂର୍ଣ୍ଣ କ୍ୱାଥ (ସିଝେଇ) ରୂପରେ ନେବାକୁ ଉପଦେଶ ଦେଇଛନ୍ତି। ତେବେ ଏ ସମ୍ପର୍କରେ ଅଭିଜ୍ଞଁ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

ମା' ସ୍ତନରେ ସୃଷ୍ଟିଲାଗି ଅନ୍ୟ କେତେକ ମସଲା ଓ ପରିବା ଜାତୀୟ ଦ୍ରବ୍ୟ ରହିଛି, ସେଗୁଡ଼ିକୁ ମଧ୍ୟ ପ୍ରୟୋଗ କରାଯାଇପାରେ। ଯେପରି ମେଥି ଏକ ପ୍ରଭାବଶାଳୀ କ୍ଷୀର ଉତ୍ପାଦନ ଦ୍ରବ୍ୟ। ଏହାକୁ ଅଳ୍ପ ମାତ୍ରାରେ ପାଣିରେ ବତୁରାଇ ଖାଲି ବା କ୍ଷୀର ସହ ଏହିପ୍ରୈରି ସମସ୍ତ ବର୍ଣ୍ଣିତ ଦ୍ରବ୍ୟ ମଧ୍ୟରୁ କେତେକାଂଶରେ ଗର୍ଭାବସ୍ଥାରେ ମନା କରାଯାଇଥିବା ବେଳେ ପ୍ରସବ ପରେ କ୍ଷୀର ବୃଦ୍ଧି ପାଇଁ ପରାମର୍ଶ ଦିଆଯାଇଛି। ତେବେ ଏହାର ପ୍ରୟୋଗ ଅତ୍ୟନ୍ତ ସତର୍କ ଓ ଯତ୍ନ ସହିତ କରାଯିବା ଆବଶ୍ୟକ। କାରଣ ସମୟ ଓ ପ୍ରକୃତି ଅନୁସାରେ ଶରୀରରେ ଏହାର ପ୍ରଭାବ ବେଳେ,ବେଳେ ନକାରାତ୍ମକ ପ୍ରଭାବ ପକାଇପାରେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୪ ଅଗଷ୍ଟ ୨୦୨୩, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆତଙ୍କର କେନ୍ଦ୍ରସ୍ଥଳୀ...

ହରିୟାଣାର ନୁହ୍‌କୁ ସମଗ୍ର ଦେଶରେ କିଏ ବା ଜାଣିଥିଲା ଏଇ ମାତ୍ର କିଛି ଘଣ୍ଟା ବା ଦିନେ ଦୁଇଦିନ ପୂର୍ବରୁ ବର୍ତ୍ତମାନ କିନ୍ତୁ ଏଇ ସ୍ଥାନଟି ଭୟ ଓ ଆତଙ୍କର କେନ୍ଦ୍ରସ୍ଥଳୀ ପାଲଟି ଯାଇଛି; ଅନ୍ୟାନ୍ୟ ସମସ୍ତ ଭୟଙ୍କର ହିଂସାକାଣ୍ଡ ଓ ଗଣ୍ଡଗୋଳକୁ ପଛରେ ପକାଇ ନୂଆ ମାତ୍ରାର ହିଂସା ଏବଂ ଅଧଃପତନରେ ବୁଡ଼ି ଯାଇଛି, ଯାହା ଭିତରକୁ ପଶିବା ସେତେ ସହଜ ନୁହେଁ । ଗୁରୁଗ୍ରାମ୍ ନିକଟବର୍ତ୍ତୀ ମେୱାଟ୍ ନୁହ୍‌ରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଏତେ ହିଂସ୍ର ରୂପ ନେଇଛି ଯେ ପ୍ରଶାସନକୁ ନାକେଦମ୍ ହେବାକୁ ପଡ଼ିଲାଣି ଘଟଣାସ୍ଥଳରେ ଶାନ୍ତି ଫେରାଇ ଆଣିବାକୁ । ପୁଲିସର କହିବା ଅନୁସାରେ, ଏହି ଗଣ୍ଡଗୋଳ ଆରମ୍ଭ ହୋଇଥିଲା ବିଶ୍ୱ ହିନ୍ଦୁ ପରିଷଦର 'ବ୍ରିଜ ମଣ୍ଡଳ ଜଳାଭିଷେକ ଯାତ୍ରା'କୁ ଦଳେ ଯୁବକ ନୁହ୍‌ସ୍ଥିତ ଖେଲା ମୋଡ୍ ନିକଟରେ ଅଟକାଇବା ପରେ ଯେଉଁଠି ଏହି ଶୋଭାଯାତ୍ରା ଉପରକୁ ଟେକା ପଥର ମାଡ଼ ହୋଇଥିଲା । ପ୍ରସଙ୍ଗ ପରିପ୍ରେକ୍ଷୀରେ ମନନ କରାଯାଇପାରେ ପ୍ରତ୍ୟେକ ଦେଶର ରାଜଧାନୀ କଥାକୁ । ଭାରତ ସମେତ ପ୍ରତ୍ୟେକ ଦେଶରେ ଏହାର ରାଜଧାନୀ ସମେତ ରାଜ୍ୟମାନଙ୍କର ରାଜଧାନୀ ହେଉଛି ସର୍ବାଧିକ ସମ୍ବେଦନଶୀଳ ସ୍ଥାନ । ଆଉ ସେଥିପାଇଁ ଏହି ଅଞ୍ଚଳକୁ ଏକାଧିକ ସ୍ତରର ସୁରକ୍ଷା ବ୍ୟବସ୍ଥା ଦ୍ୱାରା ସୁରକ୍ଷିତ ରଖା ଯାଇଥାଏ । ଏଣୁ ମାତ୍ର ମାସକ ପରେ ୨୦ଟି ରାଷ୍ଟ୍ରମୁଖ୍ୟଙ୍କ ବୈଠକ ସ୍ଥଳୀ ପାଲଟିବାକୁ ଯାଉଥିବା ଏକ ରାଜଧାନୀର ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଯଦି ସାମ୍ପ୍ରଦାୟିକ ହିଂସାକାଣ୍ଡର ଗୁଞ୍ଜରଣ ଗୁଞ୍ଜରିତ ହୁଏ, ତା'ହେଲେ ହରିୟାଣା ପ୍ରଶାସନକୁ କଠୋର ପ୍ରଶ୍ନ ପଚରା ଯିବାର ଆବଶ୍ୟକତା ରହିଛି, ଯାହା ଗତ ସୋମବାର ଦିନ ରାତିରେ ଗଣ୍ଡଗୋଳକାରୀମାନଙ୍କ ଭିଡ଼ ଯେତେବେଳେ ଦୁଇଜଣ ଗୃହରକ୍ଷୀ ଏବଂ ଅନ୍ୟାନ୍ୟ ସାଧାରଣ ଲୋକଙ୍କ ଜୀବନ ନେଇ ନୁହ, ସୋହନା ଏବଂ ଏମିତିକି ଗୁରୁଗ୍ରାମର ସଡ଼କରେ ଭୀଷଣ ରୂପ ଧାରଣ କରି ପଇଁତରା ମାରୁଥିଲା । ସେତେବେଳେ ଏ ସମସ୍ତ ସ୍ଥାନ ଭୟରେ କମ୍ପିବା ଭଳି ମନେ ହେଉଥିଲା । ଏମିତି ନୁହେଁ ଯେ ଏଇ ବିପଦ ଆସିବ ବୋଲି କାହାକୁ ଜଣା ନଥିଲା, ବରଂ ଏହା ଦେଖାଦେବ ବୋଲି ବେଶ୍ କିଛି ଦିନ ପୂର୍ବରୁ ସ୍ପଷ୍ଟ ଭାବରେ ଜଣା ପଡ଼ି ଯାଇଥିଲା ଯେତେବେଳେ ଭିୱାନୀରେ ଦୁଇଜଣ ମୁସଲମାନଙ୍କ ହତ୍ୟାରେ ସାମିଲ ଥିବା ସହିତ ଅନେକଗୁଡ଼ିଏ ସଙ୍ଗୀନ୍ ମାମଲାରେ ସମ୍ପୃକ୍ତ ଥିବାର ଅଭିଯୋଗରେ ତାକୁ ଖୋଜା ଚାଲିଥିବା ସତ୍ତ୍ୱେ ମୋହିତ ଯାଦବ ବା ମୋନୁ ମାନେସାର ଏକ ଭିଡିଓ ଜାରି କରିଥିଲା କି, ସେ ଏହି ଧାର୍ମିକ ଶୋଭାଯାତ୍ରାରେ ସାମିଲ ହେବାକୁ ଯାଉଛି । ଗୁଇନ୍ଦା ବିଭାଗ କ'ଣ ଏତେ ଦୁର୍ବଳ ଥିଲା ଯେ ପ୍ରଶାସନ ବାରୁଦ ଗଦା ଉପରେ ବସିଛି ବୋଲି ଜାଣିପାରି ନଥିଲା ? ରିପୋର୍ଟଗୁଡ଼ିକ ଅନୁସାରେ ନୁହ୍ ଏକ୍ସାର୍ଡ ଛକରେ ହିଂସାକାଣ୍ଡ ଅପରାହ୍ନ ଦୁଇଟା ସୁଦ୍ଧା ପ୍ରଥମେ ଆରମ୍ଭ ହେଲା, କିନ୍ତୁ ଖୁବ୍ ଶୀଘ୍ର ଏହା ଅନ୍ୟାନ୍ୟ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକୁ ବ୍ୟାପିବା ଆରମ୍ଭ କରିଦେଲା, ଯେତେବେଳେ ସଂଗଠିତ ଗଣ୍ଡଗୋଳକାରୀମାନେ ଗାଡ଼ି ମୋଟର, ଦୋକାନ ବଜାର ପୋଡ଼ିବାକୁ ଆରମ୍ଭ କରିଦେଲେ । ବେଶ୍ କିଛି ରାଉଣ୍ଡ ଗୁଳି ଫୁଟିଥିଲା ଏବଂ ଏଥିରେ କେତେଜଣ ଆହତ ହୋଇଥିବା ଜଣା ପଡ଼ିଛି । ଆଉ ଏସବୁ କାମ ପୁଣିଥରେ ସ୍ଥାନୀୟ ପୁଲିସର କାର୍ଯ୍ୟ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ସୋମବାର ରାତିରେ ଯେତେବେଳେ ପୁଣିଥରେ ବନ୍ଧୁକ ଓ ଗୁଳିଗୋଳାର ବ୍ୟାପକ ବ୍ୟବହାର ହେଲା, ପୁଲିସ କାହିଁକି ସେଥରେ ଆଶ୍ଚର୍ଯ୍ୟ ହେଉଥିଲା ? ମଙ୍ଗଳବାର ସକାଳେ ଅଧିକ ସଂଖ୍ୟକ ପୁଲିସ ବଳ ଗଣ୍ଡଗୋଳ ସ୍ଥଳରେ ପହଞ୍ଚିବା ପୂର୍ବରୁ, ଯେତେବେଳକୁ ଏହି ହିଂସାକାଣ୍ଡ ରାଜଧାନୀ ନିକଟକୁ ମାଡ଼ି ଆସିଥିଲା, ସେହି ବ୍ୟବସ୍ଥା କାହିଁକି ପୂର୍ବରୁ କରା ନଗଲା ?

ସତକଥା ହେଉଛି, କାମ କରିବାର ଏଭଳି ଏକ ଶୈଳୀ ପ୍ରଶାସନମାନଙ୍କ ପାଇଁ ଏକ ଚିରାଚରିତ କଥା ପାଲଟି ଯାଇଛି, ଯାହା ସାମ୍ପ୍ରଦାୟିକ ହିଂସାକାଣ୍ଡଗୁଡ଼ିକୁ ଦମନ କରିବା ପାଇଁ ତତ୍ପରତା ପ୍ରକାଶ କରିବା ପରିବର୍ତ୍ତେ ସାଧାରଣତଃ ସ୍ୱଳ୍ପ-କାଳୀନ ରାଜନୀତିକ ଉଦ୍ଦେଶ୍ୟର ବଶବର୍ତ୍ତୀ ହୋଇ ଉତ୍ତେଜନାଜନିତ ଅଗ୍ନିକୁ ଦିକିଦିକି ହୋଇ ଜଳିବାକୁ ସୁଯୋଗ ଦେଇଥାଏ । ଆଉ ଏହା ପରେ ଶେଷ ମୁହୂର୍ତ୍ତରେ ଅର୍ଥାତ୍ ଘର ପୋଡ଼ି ସାରିଲା ପରେ ନିଆଁ ଲିଭଳି ଦଳ ପହଞ୍ଚିବା ଭଳି କାର୍ଯ୍ୟାନୁଷ୍ଠାନ କରିଥାଏ । କିନ୍ତୁ ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହିଗଲା ଭଳି ଅବସ୍ଥା ହୋଇ ସାରିଥାଏ । ପ୍ରଶାସନିକ ଏବଂ ରାଜନୀତିକ ଇଙ୍ଗିତର ଅନୁପସ୍ଥିତିରେ ହିଂସାକାଣ୍ଡକୁ ଦମନ କରିବା କ୍ଷେତ୍ରରେ ପୁଲିସ ସ୍ୱାଧୀନ ଭାବରେ କାମ କରିବା ମଧ୍ୟ ଅନ୍ୟତ୍ର କ୍ୱଚିତ୍ର ଦେଖାଯାଇଛି । ଏହା ଏକ ପରିପକ୍ୱ ଶାସନର ଲକ୍ଷଣ ନୁହେଁ । ରିପୋର୍ଟ ଅନୁସାରେ, ଏହି ହିଂସାକାଣ୍ଡ କ୍ଷେତ୍ରରେ ୪୦ରୁ ଅଧିକ ମାମଲା ରୁଜୁ କରାଯାଇ ସାରିଛି ଏବଂ ୮୦ରୁ ଅଧିକ ସଂଖ୍ୟକ ଲୋକଙ୍କୁ ଗିରଫ କରାଯାଇ ସାରିଛି । ତେବେ ଏସବୁ ଅପେକ୍ଷା ପୂର୍ବରୁ ଯଦି ସତର୍କତା ଅବଲମ୍ବନ କରାଯାଇଥାନ୍ତା, ତା'ହେଲେ ଆଜିର ଏଇ ଦିନ ଦେଖୁବାକୁ ପଡ଼ି ନଥାନ୍ତା । ଯେ କୌଣସି ହିଂସାକାଣ୍ଡ କେବଳ ଲୋକମାନଙ୍କ ଧନ ଜୀବନ ପ୍ରତି ବିପଦ ପହଞ୍ଚାଇ ନଥାଏ, ଏହା ମଧ୍ୟ ସୂକ୍ଷ୍ମ ସାମାଜିକ ସଂରଚନାର ଏଭଳି ଅପୂରଣୀୟ କ୍ଷତି କରିଥାଏ, ଯାହାକୁ ଭରଣା କରିବା କଦାଚିତ୍ ସମ୍ଭବପର ହୋଇଥାଏ । ଗଣ୍ଡଗୋଳ ବା ହିଂସାକାଣ୍ଡ ହୁଏତ ତତ୍କାଳ ଭିତ୍ତିରେ କିଛି ରାଜନୀତିକ ଲାଭ ଆଣିଦେଇ ପାରେ, ମାତ୍ର ଦୀର୍ଘ-କାଳୀନ ଭିତ୍ତିରେ ସମାଜର ସବୁ ସ୍ତରର ଲୋକମାନଙ୍କ ଉପରେ ଲଦି ଦେଇଥାଏ ଭୀଷଣ କ୍ଷତିର ବୋଝ ; ବେଶ୍ କେତେକଙ୍କ ଆଖିରୁ ଝରାଇବାରେ ସକ୍ଷମ ହୋଇଥାଏ ଉତ୍ତପ୍ତ ଲୁହ । ତେଣୁ ଯେ ପର୍ଯ୍ୟନ୍ତ ଏଭଳି ହିଂସାକାଣ୍ଡଗୁଡ଼ିକ ପାଇଁ କାହା ଉପରେ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯାଇ ନାହିଁ ଏବଂ ପ୍ରଶାସନଗୁଡ଼ିକ ତତ୍ପରତାର ସହିତ ଆଇନ ଅନୁସାରେ କାମ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଏଭଳି ଦଙ୍ଗା, ମାଡ଼ପିଟ ଓ ଗଣ୍ଡଗୋଳଗୁଡ଼ିକ ଉପରେ କାବୁ ପାଇବା କଷ୍ଟକର । ସମ୍ପ୍ରତି ନୁହ୍ ଯେ ଏଥିପାଇଁ ଲୁହ ଗଡ଼ାଉଛି କହିବା ଅତ୍ୟୁକ୍ତି ହେବ କି ?

# ଦକ୍ଷ ଏବଂ ସ୍ୱଚ୍ଛ ବ୍ୟକ୍ତିତ୍ୱ ବିଶ୍ୱଭୂଷଣ ହରିଚନ୍ଦନ



### ବିଶ୍ୱବିଜୟୀ ଦାଶ

ଶୋଲରୀ, ଭାଲେରୀ, ଘଣ୍ଟଶିଳା, ଖଣ୍ଡାହଣା ପାହାଡ଼ ପରିବେଷ୍ଟିତ ମରାଳ ମାଳିନୀ ନୀଳାମ୍ବୁ ଚିଲିକାର ତଟ ଦେଶରେ ବାଣପୁର ମାଟି। ତା ମଧ୍ୟରେ ଭାଟପଡ଼ା ଅଞ୍ଚଳର ଶ୍ୟାମଳ ସବୁଜିମା ଘେରା ଚକଡ଼ା ପଥର ପାହାଡ଼ ପାଦଦେଶ ରେ ଗୋଡ଼ିଝର ଗ୍ରାମ। ସେହି ମାଟିରେ ୧୯୩୪ ମସିହା ଅଗଷ୍ଟ ୩ ତାରିଖ ରେ ଜନ୍ମ ଗ୍ରହଣ କରିଥିଲେ ପ୍ରଚଣ୍ଡ ପ୍ରତିଭା ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ। ତାଙ୍କ ପିତା ସ୍ୱର୍ଗତ ପର୍ଶୁରାମ ହରିଚନ୍ଦନ, ଯିଏକି ଜଣେ ସ୍ୱାଧିନତା ସଂଗ୍ରାମୀ, ନିଃସ୍ୱାର୍ଥପର ଜନସେବକ ବିପ୍ଳବୀ ଜନନେତା ତଥା ଜାତୀୟତାବାଦୀ ନାଟ୍ୟକାର। ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜ୍ୟେଷ୍ଠ ଭ୍ରାତା ସ୍ୱର୍ଗତ ଶଶୀଭୂଷଣ ହରିଚନ୍ଦନ, ଯିଏକି ଜଣେ ସମାଜସେବୀ, ସମବାୟବିତ୍, ରାଜନେତା, ଆଦର୍ଶ ଶିକ୍ଷକ, ସୁସଂଗଠକ, ସୁପରାମର୍ଶଦାତା, ବଂଧୁପ୍ରେମୀ ଥିଲେ।

ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପିଲାଟି ବେଳୁ ତାଙ୍କର ମୂଳ ଲକ୍ଷ୍ୟ ଥିଲା ସମାଜ ତଥା ଅଞ୍ଚଳର ବିକାଶ ଓ ଉନ୍ନତି। ତାଙ୍କର ପାଠ ପଢ଼ା ସରିବା ପରେ ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ନିଜର ଦକ୍ଷତା ବଳରେ ଆଇନଜୀବୀ ଭାବେ ବେଶ ପ୍ରଶଂସିତ ହୋଇଥିଲେ। ପରବର୍ତ୍ତି ସମୟରେ ରାଜନୀତିରେ ଯୋଗଦେଇଥିଲେ। ପ୍ରାକ୍ ଜରୁରୀ ଅବସ୍ଥା ବେଳେ ବିଚାର ବିଭାଗ ସ୍ୱାଧିନତାରେ ହସ୍ତକ୍ଷେପ ଯୋଗୁଁ ଓଡ଼ିଶା ଆଇନଜୀବୀ ଆନ୍ଦୋଳନର ନେତୃତ୍ୱ ନେବା ସହିତ ଜୟପ୍ରକାଶଜୀଙ୍କ ଆନ୍ଦୋଳନରେ ଭାଗ ନେଇ ଜରୁରୀ ଅବସ୍ଥାରେ କାରାବରଣ କରିଥିଲେ। ତା'ପରେ ୧୯୭୭ ମସିହା ରେ ଚିଲିକା ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇ ବିଧାନସଭାରେ ପ୍ରତିନିଧିତ୍ୱ କରିଥିଲେ। ଚିଲିକା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି କରିବା, ତାଙ୍କର ମୂଳ ଲକ୍ଷ୍ୟ ଥିଲା, ସେହି ଲକ୍ଷ୍ୟକୁ ସେ ପୂରଣ କରିଥିଲେ। ଭାରତୀୟ ଜନତା ପାର୍ଟିର ଓଡ଼ିଶା ପ୍ରଦେଶର ସଭାପତି ହୋଇ ଦଳକୁ ଆଗକୁ ନେବାରେ ସଫଳ ମଧ୍ୟ ହୋଇଥିଲେ। ଦୀର୍ଘ ସମୟ ଧରି ତାଙ୍କର ବଳିଷ୍ଠ ନେତୃତ୍ୱ ରେ ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ଆଗକୁ ବଢ଼ିଥିଲା। ପରବର୍ତ୍ତୀ ସମୟରେ ଚିଲିକା ନିର୍ବାଚନ ମଣ୍ଡଳୀ ପୁଣି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।ତା'ପରେ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇଥିଲେ।

ଓଡ଼ିଶାର ବିଭିନ୍ନ ମନ୍ତ୍ରୀମଣ୍ଡଳ ଖାଦ୍ୟ, ଯୋଗାଣ, ଆଇନ, ଶ୍ରମ, ନିଯୁକ୍ତି, ରାଜସ୍ୱ, ଗୃହନିର୍ମାଣ, ଶିଳ୍ପ, ଗ୍ରାମ୍ୟ ଉନ୍ନୟନ, ମତ୍ସ୍ୟ, ପଶୁ ସଂପଦ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ଦକ୍ଷତା, ସାଧୁତା ଓ ଦୂରଦର୍ଶିତା ପ୍ରଦର୍ଶନ କରି ଓଡ଼ିଶାକୁ ବିକାଶ ପଥରେ ଆଗକୁ ନେବାରେ ଶ୍ରୀ ହରିଚନ୍ଦନ ଙ୍କର ବିଶେଷ ଭୂମିକା ଥିଲା।ଓଡ଼ିଆ, ଓଡ଼ିଆତ୍ୱ, ଓଡ଼ିଆ ସଂସ୍କୃତି, ତା'ର ଗର୍ବିତ ଇତିହାସ ଓ ସାମରିକ ପରମ୍ପରାକୁ ପୁନର୍ଜୀବିତ କରି ଓଡ଼ିଆ ଜାତିକୁ ଜାଗ୍ରତ କରିବା ପାଇଁ ସର୍ବଦା ଚେଷ୍ଟିତ। ଓଡ଼ିଶାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ପ୍ରସଙ୍ଗ ଉପରେ ତାଙ୍କର ଲିଖିତ ନିବନ୍ଧ ଗୁଡ଼ିକ ଦୈନିକ ଖବରକାଗଜ ଗୁଡ଼ିକରେ ପ୍ରକାଶିତ ଓ ବହୁ ଚର୍ଚ୍ଚିତ। ପାଇକ ବିଦ୍ରୋହ ଉପରେ ତାଙ୍କର ଲିଖିତ ନିବନ୍ଧ ଗୁଡ଼ିକ ସାରା ଭାରତବର୍ଷରେ ଚର୍ଚ୍ଚିତ।

> ଓଡ଼ିଆ, ଓଡ଼ିଆତ୍ୱ, ଓଡ଼ିଆ ସଂସ୍କୃତି, ତା'ର ଗର୍ବିତ ଇତିହାସ ଓ ସାମରିକ ପରମ୍ପରା କୁ ପୁନର୍ଜୀବିତ କରି ଓଡ଼ିଆ ଜାତିକୁ ଜାଗ୍ରତ କରିବା ପାଇଁ ସର୍ବଦା ଚେଷ୍ଟିତ।ଓଡ଼ିଶାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ପ୍ରସଙ୍ଗ ଉପରେ ତାଙ୍କର ଲିଖିତ ନିବନ୍ଧ ଗୁଡ଼ିକ ଦୈନିକ ଖବରକାଗଜ ଗୁଡ଼ିକରେ ପ୍ରକାଶିତ ଓ ବହୁ ଚର୍ଚ୍ଚିତ। ପାଇକବିଦ୍ରୋହ ଉପରେ ତାଙ୍କର ଲିଖିତ ନିବନ୍ଧ ଗୁଡ଼ିକ ସାରା ଭାରତବର୍ଷରେ ଚର୍ଚ୍ଚିତ।

ସେ ଅନେକ ପୁସ୍ତକ ଲେଖିଛନ୍ତି, ସେହି ପୁସ୍ତକ ମଧ୍ୟରେ 'ମରୁବତାସ', 'ମହାସଂଗ୍ରାମର ମହାନାୟକ', 'ମାତୃଭାଷା', 'ବକ୍ସି ଜଗବନ୍ଧୁ', 'ଶେଷ ଝଲକ', 'ଅଗ୍ନିଶିଖା', 'ରାଣାପ୍ରତାପ' ଏବଂ ତାଙ୍କ ଆତ୍ମଜୀବନୀ 'ସଂଗ୍ରାମ ସରିନାହିଁ' ଅନନ୍ୟ ଓ ବେଶ୍ ପ୍ରଶଂସନୀୟ।ସେ ଆନ୍ଧ୍ରପ୍ରଦେଶର ସମ୍ମାନନୀୟ ରାଜ୍ୟପାଳ ଥିଲେ। ରାଜ୍ୟପାଳ ଭାବେ ନିଜ ଦକ୍ଷତା, ସାଧୁତା ଫଳରେ ସେ ଆନ୍ଧ୍ରପ୍ରଦେଶର ଜନସାଧାରଣଙ୍କ ନିକଟରେ ଅତି ପରିଚିତ ହୋଇଥିଲେ। ବର୍ତ୍ତମାନ ସେ ଛତିଶଗଡ଼ ରାଜ୍ୟର ରାଜ୍ୟପାଳ ଅଛନ୍ତି। ସେ ମଧ୍ୟ 'କଳିଙ୍ଗ ରତ୍ନ' ଉପାଧିରେ ଭୂଷିତ। ବନ୍ଧୁବତ୍ସଳ, ନିଷ୍କଳଙ୍କ ତଥା ସାଲିସ୍ ବିହୀନ ରାଜନେତା, ଅହଂକାର ଶୂନ୍ୟ ବ୍ୟକ୍ତିତ୍ୱ ଏବଂ ଦକ୍ଷ ନେତା ହିସାବରେ ଓଡ଼ିଶା ତଥା ସମଗ୍ର ଦେଶରେ ପରିଚିତ। ତାଙ୍କ ନିଷ୍ଠା, ସାଧୁତା, ପରୋପକାରୀ,ଦକ୍ଷତା ଆଜିର ଯୁବ ଓ ଛାତ୍ର ସମାଜ ପ୍ରତି ପ୍ରେରଣା। ସେହି ଜନପ୍ରିୟ ନେତା, ବାଣପୁର ମାଟି ତଥା ଓଡ଼ିଶାର ଗୌରବ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ମହୋଦୟଙ୍କ ଶୁଭ ଜନ୍ମ ଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଆପଣ ଆହୁରି ସଫଳତା ଶୀର୍ଷରେ ପହଞ୍ଚନ୍ତୁ ଏବଂ ଆପଣଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରି ମୁଁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ମା' ଭଗବତୀଙ୍କ ନିକଟରେ ପ୍ରାର୍ଥନା କରୁଛି।


ବି.ଏସସି,ବି.ଇଡ଼(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ - ୭୫୨୦୩୫
ମୋ: ୬୩୭୦୨୦୮୪୨୮


# ଅପରାଜେୟ ନନ୍ଦିନୀ



### ବିଷ୍ଣୁ ପ୍ରସାଦ ଦାସ

ଓଡ଼ିଶାର ସୁପ୍ରସିଦ୍ଧ ପିତା-ପୁତ୍ରୀଙ୍କ ମଧ୍ୟରେ ଔପନ୍ୟାସିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଆମ ରାଜ୍ୟର ପ୍ରଥମ ତଥା ଅଦ୍ୟାବଧି ଏକମକାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଅନ୍ୟତମ। କାଳିନ୍ଦୀ ଚରଣଙ୍କ ଉପଯୁକ୍ତ ଦାୟାଦ ଥିଲେ କନ୍ୟା ନନ୍ଦିନୀ। ପିତାଙ୍କ ଗୁଣ ଦ୍ୱାରା ଶୈଶବ ଆଲୋକିତ ହୋଇଥିଲା। ତେବେ ସର୍ବାଧିକ ପ୍ରଭାବିତ ହୋଇଥିଲେ କକେଇ ଭଗବତୀ ଚରଣଙ୍କ ଦ୍ୱାରା। ଜୁନ ୯, ୧୯୩୧ ମସିହାରେ କଟକ ପିଠାପୁରରେ ଜନ୍ମ ଗ୍ରହଣ ଓ ପିଲାଦିନ କଟିଥିଲା ତାଙ୍କର। ଛାତ୍ର ଜୀବନରୁ ଦେଶକଥା ଭାବୁଥିଲେ। ଅନ୍ୟାୟ ଅତ୍ୟାଚାର ହେଉକି ବ୍ରିଟିଶ ଶାସନର ଶୋଷଣକଷଣ ସବୁଠି ଶୁଭୁଥିଲା ତାଙ୍କ ସ୍ୱର। ସେ ହେଉଛନ୍ତି ଅପରାଜେୟ ନନ୍ଦିନୀ। ମାଟିର ନନ୍ଦିନୀ, ଅଗ୍ନିକନ୍ୟା ନନ୍ଦିନୀ। ଦେଶର ଦ୍ୱିତୀୟ ଓ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ। ନିର୍ଭିକତା, ସାହସିକତା, ଦାମ୍ଭିକତା ଓ ସ୍ପଷ୍ଟବାଦିତା ଥିଲା ତାଙ୍କ ସମଗ୍ର ଜୀବନର ଅଂଶବିଶେଷ। ସାଲିସ୍ ବିହିନ ରାଜନୀତି, କାଳଜୟୀ ସାହିତ୍ୟ, ସମାଜସେବା ଓ ଓଡ଼ିଆ ସାମ୍ବାଦିକତା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ସେ ଓଡ଼ିଶା ଜନମାନସରେ ସ୍ୱତନ୍ତ୍ର ସ୍ଥାନ ପାଇଛନ୍ତି। ବାପା କାଳନ୍ଦୀଚରଣ ପାଣିଗ୍ରାହୀ ଓ କଳା ଭାଗବତୀ ଚରଣ ପାଣିଗ୍ରାହୀଙ୍କ ସାହିତ୍ୟ ଓ ରାଜନୀତି ପିଲାଟି ଦିନରୁ ନନ୍ଦିନୀଙ୍କୁ ପ୍ରଭାବିତ କରିଥିଲା। ଭାଗବତୀ ଚରଣ ଓଡ଼ିଶାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ଥିଲେ। ୧୯୫୧ ମସିହାରେ ନନ୍ଦିନୀ ରେଭେନ୍ସା କଲେଜରୁ ଓଡ଼ିଆରେ ଏମ୍ଏ ପାସ କଲାପରେ କମ୍ୟୁନିଷ୍ଟ ପାର୍ଟିର ଛାତ୍ର ଶାଖା ସକ୍ରିୟ ସାମିଲ ଥିଲେ। ତାଙ୍କ ନେତୃତ୍ୱରେ କଲେଜରେ ଫି ବୃଦ୍ଧି ବିରୋଧରେ ଆନ୍ଦୋଳନ ପରବର୍ତ୍ତୀ ସମୟରେ ଜାତୀୟ ଯୁବ ଆନ୍ଦୋଳନର ସୂତ୍ରପାତ କରିଥିଲା। ପୋଲିସ୍ ଲାଠି ଚାର୍ଜ ଓ ଜେଲକୁ ଖାତିର ନଥିଲା ତାଙ୍କର। ଜେଲ୍‌ରେ ବନ୍ଦୀଥିବା ଛାତ୍ର ସଂଘ ନେତା ଦେବେନ୍ଦ୍ର ଶତପଥୀଙ୍କୁ ବିବାହ କରିଥିଲେ। ୧୯୬୨ ମସିହାରେ ସଂଖ୍ୟାଗରିଷ୍ଠ କଂଗ୍ରେସ ପାର୍ଟି ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ଗଠନ କରିଥିଲା। ସେତେବେଳେ ଜାତୀୟ ରାଜନୀତିରେ ମହିଳା ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯାଉଥିଲା। ବିଜୁ ବାବୁ ନନ୍ଦିନୀ ଦେବୀଙ୍କୁ ପ୍ରଥମ କରି ରାଜ୍ୟସଭାକୁ ପଠାଇଥିଲେ। ନନ୍ଦିନୀଙ୍କ କାର୍ଯ୍ୟଦକ୍ଷତାକୁ ଇନ୍ଦିରା ଗାନ୍ଧୀ ପ୍ରଶଂସା କରିବା ସହିତ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ମନ୍ତ୍ରୀ ଭାବେ ଦାୟିତ୍ୱ ଦେଇଥିଲେ। ୧୯୭୨ରେ ସୂଚନା ଓ ପ୍ରସାରଣ ଉପମନ୍ତ୍ରୀ ଥିବାବେଳେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇ ଓଡ଼ିଶା ରାଜନୀତିରେ ନୂଆ ଯୁଗ ଆରମ୍ଭ କରିଥିଲେ। କମ୍ୟୁନିଷ୍ଟ ପାର୍ଟି ଛାଡ଼ି କଂଗ୍ରେସରୁ ରାଜ୍ୟ ସଭାକୁ ଯାଇଥିବା ବାମପନ୍ଥୀଙ୍କ ନିକଟରେ ସମାଲୋଚନାର ଶରବ୍ୟ ନନ୍ଦିନୀଙ୍କ ଶାସନ କାଳରେ ଭୂସଂସ୍କାର ଆଇନ ପ୍ରଣୟନ ଏକ ଯୁଗାନ୍ତକାରୀ ପଦକ୍ଷେପ। ଭୂସଂସ୍କାର ଆଇନ ବାମପନ୍ଥୀଙ୍କ ମୁହଁ ଚୁପ୍ କରି ଦେଇଥିଲା। ନନ୍ଦିନୀ କଂଗ୍ରେସକୁ ଯାଇନଥିଲେ, ଏଭଳି ଆଇନ ସମ୍ଭବ ହୋଇନଥାନ୍ତା ବୋଲି ବାମପନ୍ଥୀମାନେ ପ୍ରଶଂସା କରି କୁହନ୍ତି। ବେକାର ଯୁବତୀ ଯୁବକମାନଙ୍କ ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ଋଣ ପ୍ରଦାନ ବ୍ୟବସ୍ଥାର ପ୍ରଚଳନ କରିଥିଲେ। ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଢେଙ୍କାନାଳର ଗୋବିନ୍ଦପୁର ସମବାୟ ସୂତାକଳ ଠାରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ଅନେକ ଛୋଟ ବଡ଼ ଶିଳ୍ପ ସଂସ୍ଥା ଗଢ଼ି ଉଠିଥିଲା। ଶିକ୍ଷକମାନଙ୍କ ନିୟମିତ ଦରମା ଓ ରେଗୁଲାର କରିବା, ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ଓ ଅର୍ଥନୈତିକ ପ୍ରଗତିରେ ଗରିବ ଓ ମହିଳା ଲୋକେ ଯୋଗଦାନ ଉପରେ ଗୁରୁତ୍ୱ ଥିଲା।

ରାଜନୀତିରେ ଅପରାଜେୟ ଥିଲେ ନନ୍ଦିନୀ। କୌଣସି ନିର୍ବାଚନରେ ସେ ହାରି ନାହାନ୍ତି। ୧୯୬୨ ଓ ୧୯୬୮ ଦୁଇଥର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ୧୯୭୨ରେ କଟକ ସଦର, ୧୯୭୭, ୧୯୮୦, ୧୯୮୫ରେ ଢେଙ୍କାନାଳ ସଦର ଓ ୧୯୯୦, ୧୯୯୫ରେ ଗଁଦିଆରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଦଳ ଓ ଚିହ୍ନ ତାଙ୍କୁ ଭୋଟ ରାଜନୀତିରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିପାରିନାହିଁ। ୨୦୦୦ ନିର୍ବାଚନରେ ବୟସାଧିକ କାରଣରୁ ନିର୍ବାଚନ ଲଢ଼ିବାକୁ ଆଗ୍ରହ ଦେଖାଇ ନଥିଲେ। ୧୯୭୫ ଜୁନ୍ ୨୫ରୁ ୨୧ ମାର୍ଚ୍ଚ ୧୯୭୭ ଦେଶରେ ଜାରି ହୋଇଥିବା ଜରୁରୀକାଳୀନ ପରିସ୍ଥିତିରେ ନନ୍ଦିନୀ ଦେବୀ ନବକୃଷ୍ଣ ଚୌଧୁରୀ, ରାମାଦେବୀଙ୍କ ସମେତ ଅନେକ ଆନ୍ଦୋଳନକାରୀଙ୍କୁ ଜେଲରେ ଭର୍ତ୍ତି କରି ଇନ୍ଦିରା ଗାନ୍ଧୀଙ୍କ ନୀତିକାର୍ଯ୍ୟକାରୀ କରିଥିଲେ। ମୁଖ୍ୟମନ୍ତ୍ରୀ ପଦମର୍ଯ୍ୟାଦାକୁ ରକ୍ଷା କରି ପୁତ୍ରତୁଲ୍ୟ ସଞ୍ଜୟ ଗାନ୍ଧୀଙ୍କୁ ଭୁବନେଶ୍ୱର ଏୟାରପୋର୍ଟରେ ସ୍ୱାଗତ କରିବାକୁ ନାପସନ୍ଦ କରିବା ନେଇ ତାଙ୍କ ନାମରେ ଚର୍ଚ୍ଚା ଏବେ ବି ଜନମାନସରେ ରହିଛି। ଏହି ଘଟଣା ଓ ଜରୁରୀ ପରିସ୍ଥିତିକୁ ନେଇ ସେ କଂଗ୍ରେସ ହାଇକମାଣ୍ଡଙ୍କ ସମାଲୋଚନା କରି ଜଗତଜୀବନରାମ ଓ ହେମାବତୀ ନନ୍ଦନ ବହୁଗୁଣାଙ୍କ କଂଗ୍ରେସ ଫର ଡେମୋକ୍ରାସୀରେ ଯୋଗ ଦେଇଥିଲେ। ଏଥିରେ ସେ ବେଶୀ ଦିନ ରହିପାରି ନଥିଲେ। ତାଙ୍କ ନେତୃତ୍ୱରେ ଗଢ଼ି ଉଠିଥିଲା ଆଞ୍ଚଳିକ ଦଳ ଜାଗ୍ରତ ଓଡ଼ିଶା। ୧୯୮୦ ଓ ୧୯୮୫ ସେ ଜାଗ୍ରତ ଓଡ଼ିଶା ପାର୍ଟିରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପୁନଶ୍ଚ କଂଗ୍ରେସକୁ ଫେରିବା ପାଇଁ ରାଜୀବ ଗାନ୍ଧୀଙ୍କ ଅନୁରୋଧ ରକ୍ଷା କରି ୧୯୮୯ରେ କଂଗ୍ରେସରେ ପୁନଃ ସାମିଲ ହୋଇ ଶେଷ ପର୍ଯ୍ୟନ୍ତ ରହିଥିଲେ। ରାଜନୀତି ଅପରାଜେୟ ନନ୍ଦିନୀ ସାହିତ୍ୟରେ କାଳଜୟୀ ରଚନା ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ତସ୍‌ଲିମା ନସରିନ୍‌ଙ୍କ ଲଜ୍ଜା ଉପନ୍ୟାସକୁ ଓଡ଼ିଆ ଅନୁବାଦ ତାଙ୍କର ଶେଷ ସାହିତ୍ୟ ସୃଷ୍ଟି। ୧୯୯୮ରେ ଉଚ୍ଚକୋଟିର ସାହିତ୍ୟ ସୃଷ୍ଟି ପାଇଁ ସାହିତ୍ୟ ଭାରତୀ ସମ୍ମାନ ପାଇଛନ୍ତି। ସାହିତ୍ୟ ସହିତ ସାମ୍ବାଦିକତା ପ୍ରତି ତାଙ୍କର ବିଶେଷ ରୁଚି ଥିଲା। ତାଙ୍କ ପ୍ରତିଷ୍ଠିତ ଧରିତ୍ରୀ ଖବର କାଗଜରେ ସମ୍ପାଦକୀୟ ପୃଷ୍ଠା ସହ ପ୍ରତିବାରରେ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରି ସାମ୍ବାଦିକତାରେ ପରିବର୍ତ୍ତନ ବାର୍ତ୍ତା ଦେଇଥିଲେ। ଧରିତ୍ରୀରେ ନିଜେ ପ୍ରତି ଗୁରୁବାର ଦିନ ଛଦ୍ମନାମ ବେଲାଳ ସେନ ସ୍ତମ୍ଭରେ ନିର୍ଭୀକ ଲେଖନୀ ଚାଳନା କରି ଓଡ଼ିଆ ସାମ୍ବାଦିକତାରେ ନୂତନ ଫର୍ଦ୍ଦ ଯୋଡ଼ିଥିଲେ। ଆଜି କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ଦୈନିକ ଖବରକାଗଜ 'ଧରିତ୍ରୀ' ଯେଉଁ ନିର୍ଭିକତା, ସତ୍ୟବାଦୀତା ଓ ସାମ୍ବାଦିକତାରେ ସାଧୁତା ରକ୍ଷା କରିଛି ତାହା କ୍ୱଚିତ୍ ଖବରକାଗଜ କ୍ଷେତ୍ରରେ ଦେଖାଯାଇଛି। ବିଶେଷକରି ସମ୍ପାଦକ ତଥାଗତ ଶତପଥୀଙ୍କ ଧରିତ୍ରୀର ସମ୍ପାଦକୀୟ ସ୍ତମ୍ଭ ଅତ୍ୟନ୍ତ ଉଚ୍ଚକୋଟୀର, ତଥ୍ୟଭିତ୍ତିକ ଓ ହୃଦୟସ୍ପର୍ଶୀ। ଓଡ଼ିଶା ଖବରକାଗଜ ଶିଳ୍ପରେ ଧରିତ୍ରୀର ସ୍ଥାନ ଅଦ୍ୱିତୀୟ। ଓଡ଼ିଶା ରାଜନୀତିରେ ନିର୍ଭିକତା, ଦୃଢ଼ ସାହସିକତା, କର୍ତ୍ତବ୍ୟନିଷ୍ଠତା ଓ ବନ୍ଧୁବତ୍ସଳତା ଗୁଣ ନନ୍ଦିନୀ ଶତପଥୀଙ୍କ ଠାରେ ହିଁ ଥିଲା। ନନ୍ଦିନୀ ଦେବୀଙ୍କ ପରି ପ୍ରତିଭା ଓଡ଼ିଶା ରାଜନୀତିରେ ନିଶ୍ଚିନ୍ତ ଭାବରେ ବିରଳ। ସର୍ବଦା ସକାରାତ୍ମକ ଚିନ୍ତାଧାରା ପ୍ରତୀକ ଏହି ମହାନ ଜନନାୟିକା, ପ୍ରତିଥଯଶା ଲେଖିକା ଓ ସାମ୍ବାଦିକଙ୍କ ମହାପ୍ରୟାଣ ତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛି। ୨୦୦୬ ମସିହା ଅଗଷ୍ଟ ୪ ତାରିଖ ଦିନ ଇହଲୀଳା ସମ୍ବରଣ କରିଥିଲେ।


କଟିକଟା, ମଙ୍ଗଳପୁର,
ଯାଜପୁର,
ମୋ : ୯୪୩୮୨୭୬୭୬୦





### ମୋ ଗାଁ ନଇଁ



**ଡିସମ୍ବର ମେହେର**

ହସୁଛି ଆଜି ଖିଲିଖିଲି
ଗାଇ ଗାଇ କୁଳୁକୁଳୁ ସୁରେ
କାହିଁ କେତେ ଦୂରୁ କେତେ ଦୂର
ଲମ୍ବି ଯାଇଛି ଧାରେ ଧାରେ
ସବୁଜିମାର ସୁଷମା କରୁଛି ଶୋଭିତ
ପିନ୍ଧିଛି ଧରଣୀ ମାଁ ସବୁଜ ବସନ
ଖେଳୁଛି ନାଚୁଛି ଧାଉଁଛି ତରଙ୍ଗେ
ଆନନ୍ଦେ ବିଚରଣ କରୁଛି ମିନ
ନିଦାଘର କଷ୍ଟକୁ ପାସୋରି ଦେଇ
ବରଷାକୁ କରୁଛି ସ୍ୱାଗତ
ଦୃଶ୍ୟରାଜି ଦେଖି ମୁଲୁକି ହସୁଛି
ପ୍ରକୃତିର ଗନ୍ତାଘର ଚଉରା ପରବତ
ମୋ ଗାଁ ନଇଁ ହସୁଛି
ହସୁଛି ଧରଣୀ ମାଁ ମୋର
ବୁଣିଦେବ ଖୁସିର ଲହର
ଭରିଦେବ ସ୍ୱର୍ଣ୍ଣକ୍ଷେତ୍ରର ସମ୍ଭାର ।


ଗଣ୍ଡାବାହାଲି, ନୂଆପଡା
ମୋ: ୭୮୯୪୭୮୮୧୩୫


### ଦୁଃଖର ମାନଚିତ୍ର

**ଜିତୁ ପ୍ରଧାନ**



ତମେ ଯିଏ ଶତାବ୍ଦୀର ଆରମ୍ଭରୁ
ଚୋରି କର ଆୟୁଷ
ତମେ ଯିଏ ମଣିଷ ରକ୍ତରେ
ଖେଳ ପିଚକାରି
ତୁମକୁ କି
ମଣିଷର ଦେଖା ଯାଏ କାନ୍ଦ ଓ
ଯନ୍ତ୍ରଣା...

ଯୁଗ ଯୁଗ ଧରି ରହି ଆସିଛି
ତୁମ ଭୃତ୍ୟ ନହେବାର
ଭୟଂକର ପରିଣାମ, ମୁଣ୍ଡ କାଟି
ରାଜରାସ୍ତାରେ ଗଡିବାର ଭାଗ୍ୟ
ଫଳ
ମୁଠାଏ ଚାଉଳ ପାଇଁ
ବୋପା ଅଜା ଅମଳରୁ
ଦାଦନ ଖଟି ଖଟି ତମ ପାଦରେ
ଓଜାଡ଼ି ଦେଉଥିବା ଭାଗ୍ୟ ଓ
ଭବିଷ୍ୟର
ବାରମ୍ବାର ବିପର୍ଯ୍ୟୟ....।।

ତମେ ଯିଏ ଦେଖାଉଛ
ଆଖିରେ ସପନ, ଆକାଶର ଦେହରେ
ବୋଳି ଦେଇଛ କପଟ ସୂର୍ଯ୍ୟାସ୍ତ
ଠିକଣା
ତମେ ଯିଏ ମଣିଷଙ୍କ ଉଷ୍ମ ବିଶ୍ୱାସରେ
ଖେଳି କାଚ ଗୋଲି, ତମେ ଯିଏ
ଚୁମ୍ବନରେ ଭରିଦିଅ
ଚଞ୍ଚୁଘାତ ବିଷ
ଥରେ ଦେଖ ସେ ମଣିଷ
ମିଶିଲାଣି ମାଟିରେ ଧୂଳିରେ
ନାହିଁ ନାହିଁ ଯାର ଅବସୋସ ...।।

ଆଉ ତାଙ୍କ କାନ୍ଧରେ ବନ୍ଧୁକ ରଖି
ଫୁଟାଅ ନାହିଁ ଚାଲକର ଗୁଳି
ସ୍ଥାପନର ପ୍ରତିଶୃତି ଦେଇ ଭୁତାଅ
ନାହିଁ
ମାଣ ମାଣ ଜମି
ନିରୀହ ଆଖିରୁ ଶୋଷ ନାହିଁ
ନିର୍ମାୟାର ବିଶ୍ୱାସ ଟିକକ...।।

କୋଟିକୋଟି ଟଙ୍କା ଦେହ ହଡ଼ପ
ପରେ
ତଥାପି ମେଣ୍ଟୁନି ଯା ଭୋକ
ତମେ ଯିଏ ଶୋଷି ଚାଲ
ଯୌବନରୁ ରକ୍ତ, ରାତିରୁ ହାତୀର
ଧନ
ରାଜ୍ୟରୁ ରାଜସ୍ୱ ସେଠି କଣ
ଦେଖିହେବ
ଗରିବଙ୍କ ଆଖିରୁ ରକ୍ତ ଆଉ
ଦୁଃଖର ମାନଚିତ୍ର ...।।


ସ୍ନାତକୋତ୍ତର ଓଡ଼ିଆ ବିଭାଗ ଛାତ୍ର
ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର
ମୋ: ୮୨୬୦୭୬୯୪୦୬


### ଦଙ୍ଗାର କାଳିମା

**ସୁଧାକର ରାଉତ**

ଭାଗ୍ୟକୁ ନେଇ ମୁଁ ଜୀଏଁ
ତାହାକୁ କପାଳରେ
ଧରି ଆଗକୁ ବଢେ ।

ନିଜେ ଯେତେ ଅଶାନ୍ତ
କ୍ଳାନ୍ତ, ଅବସନ୍ନ ହେଲେବି
ମୋ ତେଲ ଲୁଣ ସଂସାରକୁ
ଲୁହ ଲହୁ ଏକାଠିରେ ଗଢେ ।

ମୁଁ ଭଲ ଭାବେ ଜାଣେ
ଆମ ସଭିଏଁଙ୍କ
ସୃଷ୍ଟି କର୍ତ୍ତା ଜଣେ ।

ତେବେ କାହିଁକି ଏ ଧର୍ମଦ୍ରୋହୀ ମନ
ମନ୍ଦିର, ମସଜିଦ, ଗୀର୍ଜା
ଗୁରୁଦ୍ୱାର ଅବା
ଜାତିଆଣ ଭାବର
କଳୁଷିତ ଜୟଗାନ ।

ଦଙ୍ଗାର ଅଶାନ୍ତ ପବନରେ
ଏସବୁ ଉଡେଇବା
ତୁମ ଅକୁଣ୍ଠ ପ୍ରୟାସ
କ'ଣ ଏକମାତ୍ର ସମାଧାନ ?
କେତେବେଳେ ମଣିପୁର
କେବେ ହରିଆନା ।

ସବୁଠି ନିଜର ପତିଆରା
ମୃତ୍ୟୁର ଶୀତଳ ସ୍ପର୍ଶରେ
ନିରୀହ କାକୁସ୍ଥ ବୁଭୂକ୍ଷୁ
ମଣିଷର ଅନ୍ତର ଫାଡ଼ି
ଉଡାଇବ ଅହମିକା ବାନା ।

କୁଢ଼ କୁଢ଼ ମେହନତି
ମଣିଷର ପଡୁଅଛି ବଳି
ନିରୋଟା ରୁଧିରରେ
କେ ମାରୁଛି ବାହାସ୍ପୋଟ
ଆଉ କିଏ ତାଳି ।

ମୃତ୍ୟୁନଥି ଫିଟୁ ଫିଟୁ
ରାଜନୀତି ର ରାକ୍ଷସ
ବସେ ପୁଣି ତା ପଥ ଓଗାଳି ।

କାହିଁକି ଏ ପ୍ରହସନ
କରିବାକୁ ମଣିଷ ଜାତିର ଅବସାନ
?


ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

# ଚକୋଲେଟ୍‌ର ଇତିହାସ

**ସାତରୁ ସତୁରୀ-ଚକୋଲେଟ୍ ପ୍ରିୟ ସବୁରି। ସବୁ ବୟସ, ବର୍ଗ ଏବଂ ସ୍ଥାନରେ ଚକୋଲେଟ୍‌ର ଆଦର ରହିଆସିଛି। ଏହା ସହିତ ମଧ୍ୟ ମିଶିଥାଏ ଭଲପାଇବା, ଭାବାବେଗ। ସେଇଥିପାଇଁ ଆଜିକାଲି ପାରମ୍ପରିକ ଉପହାରର ସ୍ଥାନ ନେଲାଣି ଚକୋଲେଟ୍। ସମସ୍ତଙ୍କର ଏହି ପ୍ରିୟ ଚିଜଟି କେବେ କେମିତି ଆସିଥିଲା ଲୋକଲୋଚନକୁ? ଏହାପଛରେ ରହିଛି ସୁଦୀର୍ଘ ଇତିହାସ। ଏହି ପ୍ରଚ୍ଛଦ ପ୍ରସଙ୍ଗରେ ଆସନ୍ତୁ ଜନାଣିବା ଚକୋଲେଟ୍‌ର ଉତ୍ପତି ଓ ଆମ ଦିନଚର୍ଯ୍ୟାରେ ଏହାର ଭୂମିକା....**



ଏକଥା ପ୍ରାୟ ସମସ୍ତେ ଜାଣନ୍ତି କୋକୋ ବିନ୍ସ ବା କୋକୋ ମଞ୍ଜିରୁ ପ୍ରସ୍ତୁତ ହୋଇତାଏ ଚକୋଲେଟ୍। କୋକୋ ସହିତ ଲାଟିନ ଆମେରିକାର ସମ୍ପର୍କ । ହଜାର ହଜାର ବର୍ଷର ପୁରୁଣା। ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ହେବାର ହଜାର ହଜାର ବର୍ଷ ପୂର୍ବରୁ ଦକ୍ଷିଣ ମେକ୍ସିକୋରେ ଓଲମେକମାନେ ବାସ କରୁଥିଲେ। ସେମାନେ କୋକୋର ଭକ୍ତ ଥିଲେ। କୋକୋ ନାଁଟି ମଧ୍ୟ ଆସିଛି ଓଲମେପକମାନଙ୍କ ଶବ୍ଦ 'କାକାଓୟା'ରୁ। ଯଦିଓ ଏକଥା ଜଣାଯାଇନି ଯେ ସେମାନେ କେବଳ କୋକୋ ବିନ୍ସ ଖାଉଥିଲେ ନା ସେଥିରୁ ଚକୋଲେଟ୍ ଭଳି ଅନ୍ୟ କିଛି ଖାଦ୍ୟ ପ୍ରସ୍ତୁତ କରି ପାରୁଥିଲେ। କୋକୋ କେଉଁଠି ମିଳିଥିଲା ତାହା ନେଇ ମଧ୍ୟ ନାନା ମୁନିଙ୍କ ନାନା ମତ। କେହି କେହି କୁହନ୍ତି ଆମାଜନ ଉପକୂଳର ଉତ୍ତର ପଟରୁ ତ ଆଉ କେହି କୁହନ୍ତି ମେକ୍ସକୋର ଦକ୍ଷିଣ ପଟେ କୋକୋ ବିନ୍ସର ସନ୍ଧାନ ମିଳିଥିଲା। ତେବେ ସମସ୍ତେ ସ୍ୱୀକାର କରିନେଇଛନ୍ତି ପ୍ରଥମ କୋକୋ ଚାଷ ଓଲମେକମାନେ ହିଁ ଆରମ୍ଭ କରିଥିଲେ। ଆଉ ମାୟା ସଭ୍ୟତାର ଲୋକମାନେ ଯେତେବେଳେ ଲାଟିନ ଆମେରିକାର ଉତର ପଟେ ବସବାସ କରିବାକୁ ଆରମ୍ଭ କଲେ ସେମାନେ ସାଙ୍ଗରେ କୋକୋ ବିନ୍ସ ନେଇଯାଇ ସେଠାରେ ଏହାର ଚାଷ ଆରମ୍ଭ କରିଥିଲେ। ଚକୋଲେଟ୍ ଶବ୍ଦଟି ଆସିଚି 'ଶୋକୋଲାତିନ' ଶବ୍ଦରୁ ଯାହାକି ମାୟା ସଭ୍ୟତାର ଲୋକପ୍ରିୟ ପାନୀୟ ଥିଲା। ମାୟା ସଭ୍ୟତାରେ ଲେକାମାନେ କୋକୋରୁ ତିଆରି ଏକ ପ୍ରକାର ସୁସ୍ୱାଦୁ ପାନୀୟ ପିଉଥିଲେ। କିନ୍ତୁ ସେତେବେଳେ ଚିନିର ବ୍ୟବହାର ସେମାନଙ୍କୁ ଜଣା ନଥିଲା। ତେଣୁ ସେମାନଙ୍କର ଚକୋଲେଟ ତିଆରି କରିବାର ପଦ୍ଧତି ଭିନ୍ନଥିଲା। ମାୟା ସଭ୍ୟତା ପରେ ଆଜଟେକମାନଙ୍କ ସଭ୍ୟତା ମୁଣ୍ଡ ଟେକିଥିଲା। କିନ୍ତୁ ବଦଳିନଥିଲା କୋକୋରୁ ପ୍ରସ୍ତୁତ ଚକୋଲେଟର ଚାହିଦା। ବରଂ ଆହୁରି ବୃଦ୍ଧି ପାଇଥିଲା। ମାୟା ସଭ୍ୟତାରେ ବିନିମୟ-ମୁଦ୍ରା ହିସାବରେ କୋକୋର ପ୍ରଚଳନ ଥିଲା ଯାହା ଆଜଟେକମାନଙ୍କ ସମୟରେ ଆହୁରି ବ୍ୟାପକ ହୋଇଥିଲା। ୧୫୦୨ ମସିହାରେ ଆମେରିକୀୟ ନାବିକ ଖ୍ରୀଷ୍ଟୋଫର କଲମ୍ବସ କୋକୋ ବିନ୍ସର ସନ୍ଧାନ ପାଇଥିଲେ ବି ସେତେବେଳେ ତା'ର ବୈଶିଷ୍ଟ୍ୟ ବିଷୟରେ ଜାଣି ପାରିନଥିଲେ। କେବଳ ଏତିକି ଜାଣିବାକୁ ପାଇଥିଲେ ଏହା ଏକ ପ୍ରକାରର ମଞ୍ଜି ଯେଉଁଥିରୁ ସ୍ଥାନୀୟ ଲୋକେ ଉତ୍ତେଜକ ପାନୀୟ ପ୍ରସ୍ତୁତ କରିପାରୁଥିଲେ।

୧୫୧୯ ମସିହାରେ ହର୍ଣ୍ଣାନ କର୍ଟେଜ ନାମକ ସ୍ପେନର ଜଣେ ମହାନ ଯୋଦ୍ଧା ଆଜଟେକମାନଙ୍କ ରାଜଧାନୀରେ ପହଂଚିଥିଲେ। ସେ ସମୟରେ କୋକୋ ମଞ୍ଜିର ଦାମ ଥିଲା ଆକାଶଛୁଆଁ। ସେଠାକାର ଲୋକ ମସ୍ତେଜୁମା ଅସଂଖ୍ୟ କୋକୋ ମଞ୍ଜିର ମାଲିକ ଥିଲେ। କର୍ଟେଜ ଯେତେବେଳେ ଆଜଟେକମାନଙ୍କ ସାମ୍ରାଜ୍ୟରେ ପହଂଚିଥିଲେ ସେତେବେଳେ ସେ ସେଠାକାର ଶାସକ ମସ୍ତେଜୁମାଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ସୁନାରେ ତିଆରି ପୋଷାକ ପିନ୍ଧି ତାଙ୍କୁ ଯୁଦ୍ଧର ଆହ୍ୱାନ ଦେଇଥିଲେ। ରାଜା ମସ୍ତେଜୁମା ଭୟଭରତ ହୋଇଯାଇ କର୍ଟେଜଙ୍କୁ କୋକୋ ବିନ୍ସରେ ପ୍ରସ୍ତୁତ ଏକପ୍ରକାରର ମିଠେଇ ସହିତ କୋକୋ ଗଛର ଗୋଟିଏ ବଗିଚା ଉପହାର ଦୋଇଥିଲେ। ୧୫୨୮ବେଳକୁ କର୍ଟେଜ ସ୍ପେନର ରାଜା ଚାର୍ଲସ ଅଷ୍ଟମଙ୍କୁ କୋକୋ ବିନ୍ସ ଉପହାର ଦେଇଥିଲେ। ତେଣୁ ସ୍ପେନବାସୀ ପ୍ରଥମେ କୋକାରୁ ଚକୋଲେଟ ପ୍ରସ୍ତୁତ କରିଥିଲେ ବୋଲି ଶୁଣିବାକୁ ମିଳେ। କୋକୋ ବିନ୍ସ ବା କୋକୋ ମଞ୍ଜି ଏବଂ ନୂଆ ଚକୋଲେଟ ତିଆରି କରିବାର ପଦ୍ଧତି ବିଷୟରେ ସ୍ପେନୀୟମାନେ ଗୋପନ ରଖିଥିଲେ। ଗୋପନ ରଖିବାର ତାଗିଦ ଏତେ ତୀବ୍ର ଥିଲା ଯେ ୧୫୭୯ ମସିହାରେ ଯେତେବେଳେ ଇଂରେଜ ଜଳଦସ୍ୟୁମାନେ କୋକୋ ମଞ୍ଜି ବୋଝେଇ ଏକ ଜାହାଜକୁ ଆକ୍ରମଣ କଲେ ସ୍ପେନୀୟମାନେ ତାହାକୁ ରକ୍ଷା କରିବା ପାଇଁ ଚେଷ୍ଟା କରି ନଥିଲେ। ତେଣୁ ଜାହାଜ ମଧ୍ୟରୁ କିଛି ନପାଇ କୋକୋ ବିନ୍ସଗୁଡ଼ିକୁ ପଶୁପକ୍ଷୀଙ୍କ ମଳ ଭାବି ହତାଶ ଜଳଦସ୍ୟୁମାନେ ରାଗରେ ଜାହାଜରେ ନିଆଁ ଧରାଇ ଦେଇଥିଲେ। କୋକୋ-ବିନ୍ସ ବୋଝେଇ ଜାହାଜଟି ସମୁଦ୍ର ଗର୍ଭରେ ଧ୍ୱଂସ ପାଇଯାଇଥିଲା। ସମୟ କ୍ରମେ ୟୁରୋପବାସୀ କୋକୋ ବିନ୍ସରୁ ପ୍ରସ୍ତୁତ ଚକୋଲେଟର ସ୍ୱାଦ ପାଇଲେ। ଫ୍ରାନ୍ସର ରାଜା ଚତୁର୍ଦ୍ଦଶ ଲୁଇଙ୍କ ବିବାହରେ ଚକୋଲେଟ ପରିବେଷିତ ହେଲା। ରାଜା ଚତୁର୍ଦ୍ଦଶ ଲୁଇ ଚକୋଲେଟ ପ୍ରେମର ଏତେ ମସଗୁଲ ହୋଇଯାଇଥିଲେ ଯେ ୧୬୫୯ ମସିହାରେ ପ୍ୟାରିସରେ ଚକୋଲେଟ ଦୋକାନ ଖୋଲିବାରେ ଅନୁମତି ଦେଇଥିଲେ। ଇତି ମଧ୍ୟରେ ୧୬୫୭ ମସିହାରେ ପ୍ରଥମ ଚକୋଟେ ହାଉସ ଖୋଲି ଯାଇଥିଲା ଯେଉଁଠି ଚକୋଲେଟର ସ୍ୱାଦ ଚାଖିବା ସହିତ ଜୁଆ ଖେଳର ଆସର ଜମିଗଲା। କଫି ହାଉସ ବା ଟି-ହାଉସ ଚାଲୁ ହେବା ଆଗରୁ ଏଇ ଚକୋଲେଟ ହାଉସଗୁଡ଼ିକ ଥିଲା ଇଂଲଣ୍ଡର ପ୍ରାଣକେନ୍ଦ୍ର।

ଶିଳ୍ପ ବିପ୍ଲବ ସମୟରେ ଚକୋଲେଟକୁ ଗ୍ରାସ କଲା ନୂଆ ସବୁ ଉଦ୍ଭାମବନୀ ଶକ୍ତି ଏବଂ ଯନ୍ତ୍ରପାତିର ମିଳିତ କାରସାଦି। ୧୮୩୦ ମସିହାରେ ସ୍ୱିଜରଲ୍ୟାଣ୍ଡର କୋହଲାର ପ୍ରଥମେ ବାଦାମ ମିଶାଇ ଚକୋଲେଟ୍ ପ୍ରସ୍ତୁତ କରିଥିଲେ। ୧୮୪୭ ମସିହାରେ ଇଂଲଣ୍ଡର ଫ୍ରାଇ କମ୍ପାନି ପ୍ରଥମ ଚକୋଲେଟ୍ ବାର ତିଆରି କଲା। ଚକୋଲେଟ ଆଉ କେବଳ ପାନୀୟ ହୋଇ ରହିଲା ନାହିଁ। ଖାଦ୍ୟଦ୍ରବ୍ୟ ମଧ୍ୟ ବନିଗଲା। ୧୮୭୫ ମସିହାରେ ସ୍ୱିଜରଲ୍ୟାଣ୍ଡର ପ୍ରଖ୍ୟାତ ବ୍ୟବସାୟୀ ନେସଲେ ତାଙ୍କ ଜ୍ୱାଇଁଙ୍କ ସାହାଯ୍ୟରେ ପ୍ରଥମ ମିଲ୍କ ଚକଲେଟ ଆବିଷ୍କାର କଲେ। ଆଉ କଲମ୍ବସ ବିଚରା ବିସ୍ମୃତି ଗର୍ଭରେ ମିଳେଇଗଲେ। ସମସ୍ତେ ଭୁଲିଗଲେ ରାଜା ଫର୍ଡ଼ିନାଣ୍ଡ ଆଉ ରାଣୀ ଇସାବେଲାଙ୍କ ହାତରେ ସେ ହିଁ କୋକୋ ବିନ୍ସ ଧରାଇ ଦେଇଥିଲେ ନୂଆ ଦେଶରୁ ଆଣିଥିବା ଉପହାର ହିସାବରେ!





**ଚକୋଲେଟ୍ ଟେଷ୍ଟର :**

ଏଇ ଝିଅଟିକୁ ବିଶ୍ୱର ଅନେକ ଚକୋଲେଟ ପ୍ରେମୀ ଈର୍ଷା କରୁଛନ୍ତି। ଈର୍ଷା କରିବା ପଛରେ ଦୁଇଟି କାରଣ ଅଛି। ପ୍ରଥମଟି ହେଉଛି ତାଙ୍କ କର୍ମସ୍ଥଳୀ ହେଉଛି କାଡବରି କମ୍ପାନୀର ପ୍ରାଣକେନ୍ଦ୍ର କୁହାଯାଉଥିବା ବୋର୍ଣ୍ଣଭିଲ୍ ଯେଉଁଠି କାମ କରିବା କାରଣରୁ ବିଶ୍ୱ ବ୍ୟାପି ଅଜସ୍ର ଚକୋଲେଟ ପ୍ରେମୀଙ୍କ ଈର୍ଷାର କାରଣ ପାଲଟିଛନ୍ତି। ଦ୍ୱିତୀୟ କାରଣଟି ହେଉଛି ତାଙ୍କ ଜିଭର ଦାମ ୬ କୋଟି ୭୦ଲକ୍ଷ ଟଙ୍କା। ବିଷୟଟି ଯେତେ ବି ଉଦ୍ଭଟ ମନେ ହେଲେବି ହେଲେଇ କୁର୍ଟିସ ନାମକ ଏହି ଝିଅଟିର ଏମିତି କାମର ପ୍ରକାର ଜନାଣିଲେ ବିଷୟଟି ହୁଏତ ସେତେ ଅସଙ୍ଗତ ମନେହେବ ନାହିଁ। ଅର୍ଥାତ୍ କୁର୍ଟିସ ଜଣେ ଚକୋଲେଟ ଟେଷ୍ଟର ଭାବେ ନିଯୁକ୍ତି ପାଇଛନ୍ତି। ଯେମିତି ଚା ବଗିଚାରେ ଟି ଟେଷ୍ଟର ନିଯୁକ୍ତ ଥାଆନ୍ତି ଠିକ୍ ସେମିତି ଚକୋଲେଟ ଫାର୍ମ ଗୁଡ଼ିକରେ ଚକୋ ଟେଷ୍ଟର ନିଯୁକ୍ତ ହୋଇଥାନ୍ତି। କ୍ୟାଡ଼ବରି ଫାର୍ମରେ କୁର୍ଟିସଙ୍କ କାମହେଲା ସଦ୍ୟ ନିର୍ମିତଚକୋଲେଟ ଗୁଡ଼ିକ ଚାଖିବା। ସେଗୁଡ଼ିକର ସ୍ୱାଦ ଂଠିକଠାକ ହୋଇଛି କି ନାହିଁ ତାହା ପରୀକ୍ଷା କରି ଖେନ୍ତି କୁର୍ଟିସ। ମନେ ହୋଇପାରେ ଇଏ ବା କି କଷ୍ଟ କାମ। କିନ୍ତୁ କୁର୍ଟିସଙ୍କ କାମ ହେଉଛି ପ୍ରତିଟି ନୂଆ ଚକୋଲେଟ ତିଆରି ହେବା ପରେ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ସେଇ ଚକୋଲେଟ ଜିଭରେ ରଖି ତା'ର ସ୍ୱାଦ ଠିକଠାକ ଅଛି କି ନାହିଁ ତାହା ବୁଝିବା। ବିଶ୍ୱ ବ୍ୟାପୀ ଚକୋଲେଟ ପ୍ରେମୀଙ୍କ ପସନ୍ଦ ଭିନ୍ନ ଭିନ୍ନ ହୋଇଥାଏ। କୁର୍ଟିସଙ୍କୁ ସେଇ କଥାଟିକୁ ଧ୍ୟାନରେ ରଖି ଚକୋଲେଟର ସ୍ୱାଦ ଯଥାର୍ଥ କି ନୁହେଁ ବୁଝିବାକୁ ପଡ଼ିଥାଏ। ଯଦି ସ୍ୱାଦ ନେଇ କୌଣସି ପରାମର୍ଶ ଥାଏ ତେବେ ତାହା ବି ନିର୍ଭୁଲ ଭାବେ ବୁଝାଇବାକୁ ପଡ଼ିଥାଏ। କାଡ଼ବରିର ଇନୋଭେସନ ଚେନରେ ପ୍ରତିନିୟତ ଚକୋଲେଟରେ ନୂନତ୍ୱ ଆଣିବା ପାଇଁ ପରୀକ୍ଷା ନିରୀକ୍ଷଣ ଚାଲିଥାଏ। ଆଉ ସେଇ ହିଁ ରହିଛି କୁର୍ଟିସଙ୍କ ଗୁରୁତ୍ୱ। ତାଙ୍କ ଜିଭର ସ୍ୱାଦ ଚାଖିବାର ଯେଉଁ କ୍ଷମତା ରହିଛି ତାହା ଖୁବ କମ ଲୋକଙ୍କର ଥାଏ। କାଡ଼ବରୀ ମଧ୍ୟ ଜାଣିଛି ସେଇ କଥା। ତେଣୁ କୁର୍ଟିସଙ୍କ ଜିଭକୁ ୧ ମିଲିୟନ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୬କୋଟି ୭୦ଲକ୍ଷ ଟଙ୍କା ମୂଲ୍ୟରେ ଇନସିଓର କରିଛି। ଅର୍ଥାତ୍ କୁର୍ଟିସଙ୍କ ଜିଭ ଯଦି କୌଣସି ଭାବେ କ୍ଷତିଗ୍ରସ୍ତ ହୁଏ ତେବେ ବୀମା କମ୍ପାନି ୬କୋଟି ୭୦ଲକ୍ଷ ଟଙ୍କା ଦେବ। କେବଳ କୁର୍ଟିସ ବା କାଡ଼ବରୀ କମ୍ପାନି ନୁହେଁ, ବି୍ୱର ଆହୁରି ଅନେକ ଲୋକପ୍ରିୟ ଚକୋଲେଟ କମ୍ପାନି ସେମାନଙ୍କ ଇନୋଭେସନ କିଚେନରେ ନିଯୁକ୍ତ କରିଛନ୍ତି ସ୍ୱତନ୍ତ୍ର ଚକୋଲେଟ ଟେଷ୍ଟରଙ୍କୁ ଯେଉଁମାନଙ୍କ ସ୍ୱାଦ ଚାଖିବାର କ୍ଷମତା ଅନନ୍ୟ।



**ହୃତପିଣ୍ଡ ସୁସ୍ଥ ରଖେ :** ଚକୋଲେଟ ଖାଇବାକୁ ଭଲ ପାଆନ୍ତି ନାହିଁ ଏମିତି ଲୋକ ମିଳିବା କଷ୍ଟ। ଅନେକ ଲୋକ ପୁଣି ଶରୀର, ସ୍ୱାସ୍ଥ୍ୟ କଥା ଚିନ୍ତା କରି ଚକୋଲେଟ ଖାଆନ୍ତି ନାହିଁ। କିନ୍ତୁ ଗବେଷଣାରୁ ଜଣାଯାଇଛି ଯେ ହୃଦରୋଗୀମାନଙ୍କ ପାଇଁ ଡାର୍କ ଚକୋଲେଟର ଭୂମିକା ଅନସ୍ୱୀକାର୍ଯ୍ୟ। ଗବେଷକମାନେ କହନ୍ତି ଫ୍ଲାଭାନଲ୍ ସମୃଦ୍ଧ କୋକୋ ଜାତୀୟ ଖାଦ୍ୟ ବାର୍କୋମାର୍କର ସକୁଲଟ କରେ ଯାହା କାର୍ଡ଼ିଓମେଟାବଲିଜିମ ସମ୍ବନ୍ଧୀୟ ଯାବତୀୟ ରୋଗ ପ୍ରତିରୋଧ କରିବାରେ ସାହାଯ୍ୟ କରେ। ଏହି ଗବେଷଣାରୁ କଥାବି ଜଣାଯାଇଛି ଯେ ଅତିରିକ୍ତ କୋକ ଫ୍ଲାଭାନଲ ଖାଇବା ଦ୍ୱାରା ଶରୀରରେ ଡାଇସ୍ଲିପିଡ଼େମିୟାର ପରିମାଣ କମାଇ ଦିଏ ଯାହା ପରୋକ୍ଷକ୍ଷ ଭାବେ କାର୍ଡ଼ିଓମେଟାବଲିଜିମ ସଂକ୍ରାନ୍ତ ଯାବତୀୟ ରୋଗ ପ୍ରତିରୋଧରେ ସାହାଯ୍ୟ କରେ। ଏମିତିକି ଏକ ସମୀକ୍ଷାକରି ଗବେଷକମାନେ ଏହା ବି ଜାରିବାକୁ ପାଇଛନ୍ତି ଯେ କୋକୋ ଜାତୀୟ ଖାଦ୍ୟ ଖାଉନଥିବା ଲୋକଙ୍କ ଅପେକ୍ଷା କୋକୋ ଜାତୀୟ ଖାଦ୍ୟ ଖାଉଥିବା ଲୋକମାନେ ହୃତପିଣ୍ଡ ଜନିତ ସମସ୍ୟା କମ ଭୋଗନ୍ତି। ସବୁଠୁ ଭଲ ପ୍ରଭାବ ଦେଖାଯାଇଛି ସେମାନଙ୍କ ଉପରେ ଯେଉଁମାନେ ଦିନକୁ ପ୍ରାୟ ୨୦୦ରୁ ୫୦୦ ମିଲିଗ୍ରାମ ଚକ୍ୋଲେଟ ବା କୋକୋ ଜାତୀୟ ଖାଦ୍ୟ ଖାଆନ୍ତି। ବ୍ରିଟିଶ ଜର୍ଣ୍ଣାଲ ଅଫ ନ୍ୟୁଟ୍ରିଶନରେ ପ୍ରକାଶିତ ରିପୋର୍ଟ ଅନୁସାରେ ନିୟମିତ ଡାର୍କ ଚକୋଲେଟ ଖାଇବା ଦ୍ୱାରା ଡାଏବେଟିସ ଏବଂ ହୃଦରୋଗରେ ଆଶଙ୍କା କମିଥାଏ। ଏମିତିକି ଅଳ୍ପ ପରିମାଣର ଡାର୍କ ଚକୋଲେଟ ନିୟମିତ ଖାଇଲେ ମଣିଷ ଦୀର୍ଘଜୀବୀ ରହିପାରିବ ବୋଲି ମଧ୍ୟ କେତେକ ଗବେଷକ ଦାବି କରିଛନ୍ତି। କେବଳ ସେତିକି ନୁହେଁ କ୍ୟାଫେଇନ ଏବଂ କୋକୋ ଥିବା କାରଣରୁ ଡାର୍କ ଚକୋଲେଟ ମଣିଷର ହରମୋନକୁ ମଧ୍ୟ ସହଜରେ ନିୟନ୍ତ୍ରଣକୁ ଆଣିପାରେ। ଫଳରେ ମନ ପ୍ରଫୁଲ୍ଲ ରହେ। ସ୍ୱାସ୍ଥ୍ୟ ଉପରେ ଡାର୍କ ଚକୋଲେଟର ସକରାତ୍ମକ ପ୍ରଭାବ ବିଷୟରେ ଗବେଷଣା କରୁଥିବା ଆଉ କେତେଜଣ ଗବେଷକ ଏହା ଜଣାଇଛନ୍ତି ରାତ୍ରିଭୋଜନ କରିବା ପରେ ଅଳ୍ପ ଡାର୍କ ଚକୋଲେଟ ଖାଇଲେ ଭଲ ନିଦ ହୋଇଥାଏ। ଡାର୍କ ଚକୋଲେଟ ମେଦ କମାଇବାରେ ମଧ୍ୟ ସାହାଯ୍ୟ କରେ। ତେବେ ଅଧିକ ଶର୍କରା, ଫ୍ୟାଟ ଏବଂ କୃତ୍ରିମ ସ୍ୱାଦଯୁକ୍ତ ଚକୋଲେଟ ମାତ୍ରାଧିକ ଖାଇଲେ ଫଳ ଓଲଟା ହୋଇପାରେ।



**ବଜାର କେତେ :**

ପର୍ବପର୍ବାଣି ଅବସରରେ ଭାରତୀୟମାନେ ମିଠା ଖାଇବାକୁ ପସନ୍ଦ କରନ୍ତି। ବିଶେଷକରି ପ୍ରାଦେଶିକ ମିଠେଇ ପୂଜା ପୂର୍ବ ଅବସରରେ ଲୋକେ ଅଧିକ ଖାଇବାକୁ ଭଲପାଆନ୍ତି। ତେବେ ଏଇ କିଛି ବର୍ଷ ମଧ୍ୟରେ ଦିଓ୍ୱାଲି, କ୍ରିସମାସ ଭାଲେଂଟାଇନ ଡେ, ନୂଆବର୍ଷ, ଫ୍ରେଣ୍ଡସିପ୍ ଡେ ଭଳି ଅବସରରେ ଦେଶୀ ମିଠେଇ ସହିତ ତାଳ ମିଳେଇ ବଢ଼ିଛି ଚକୋଲେଟର ଚାହିଦା। ବିଶେଷ କରି ଚକୋ ଡେଜର୍ଟ ତାଲିକାରେ ଚକୋଲେଟ ଫାଂଟାସି, ହଟ ଚକୋଲେଟ ଫଜ୍, ଚକୋ ସ୍ମୃତି, ମିଲ୍କ ଚକୋ ସେକ ଆଦିକୁ ପସନ୍ଦ କରୁଛନ୍ତି ପିଲାଠୁ ବୟସ୍କଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ। ଦେଶର ୩୦ରୁ ୨୫ ପ୍ରତିଶତ ମିଷ୍ଟାନ୍ନ ଦୋକାନିଙ୍କ ଅନୁସାରେ ଗତ ଚାରିରୁ ୫ ବର୍ଷ ମଧ୍ୟରେ ଦେଶି ମିଠେଇ ଚାହିଦା କମିଥିବା ବେଳେ ସେହି ଅନୁସାରେ ଚକୋଲେଟର ଚାହିଦା ବଢ଼ିଛି। ଗତବର୍ଷ ଭାରତୀୟ ବଜାରରେ ଚକୋଲେଟର ବେପାର ୧୦ରୁ ୧୨ହଜାର କୋଟି ଟଙ୍କା ଛୁଇଁଛି। ଅଧିକ କ୍ୟାଲୋରୀଯୁକ୍ତ ମିଠେଇ ତୁଳନାରେ ଉପହାର ପାଇଁ ବ୍ରାଣ୍ଡେଡ୍ ଚକୋଲେଟ ଦେବାର ଚାହିଦାରେ ବୃଦ୍ଧି ପରିଲକ୍ଷିତ ହୋଇଛି। ୪୫ ପ୍ରତିଶତ ଲୋକ ପର୍ବ ପର୍ବାଣି ଅବସରରୁ ଗିଫ୍ଟ ପରିବର୍ତ୍ତେ ଚକୋଲେଟ ଦେବାକୁ ପସନ୍ଦ କରୁଛନ୍ତି।



**ଚକୋଲେଟ୍ ପ୍ରେମୀଙ୍କ ଦେଶ :**

ଚକଲେଟ ଖାଇବାକୁ ଭଲପାଉ ନଥିବା ଲୋକ ବୋଧହୁଏ ବିରଳ। ଚକୋଲେଟ ତିଆରି ପ୍ରସଙ୍ଗରେ ଗୋଟିଏ ଦେଶ ଅନ୍ୟ ଏକ ଦେଶକୁ ଟକ୍କର ଦେଇପାରେ। ତେବେ ଚକୋଲେଟ ପ୍ରସ୍ତୁତିରେ ନିମ୍ନଲିଖିତ ଦେଶଗୁଡ଼ିକ ଅନ୍ୟାନ୍ୟ ଦେଶଗୁଡ଼ିକୁ ପଛରେ ପକାଇ ଲୋକପ୍ରିୟତାର ଶୀର୍ଷରେ ଅଛନ୍ତି।

**ଆମେରିକା :** ସାରା ବିଶ୍ୱରେ କେବଳ ଯେ ସବୁଠୁ ଅଧିକ ଚକୋଲେଟ ଏ ଦେଶରେ ତିଆରି ହୁଏନାହିଁ। ବିଶ୍ୱର ସବୁଠୁ ଶ୍ରେଷ୍ଠ ଚକୋଲେଟ ମଧ୍ୟ ଆମେରିକାରେ ପ୍ରସ୍ତୁତ ହୋଇଥାଏ। ହାର୍ଶେ, ସ୍ନିକର୍ସ, ଟୁଇକ୍ସ, ମିଲ୍କିଓ୍ୱେ ଭଳି ଆମେରିକୀୟ ଚକୋଟେ ବ୍ରାଣ୍ଡ ସାରା ବିଶ୍ୱରେ ସର୍ବାଧିକ ଲୋକପ୍ରିୟ।

**ବେଲଜିୟମ :** ବେଲଜିଆନ ଚକୋଲେଟ ଲୋକପ୍ରିୟତା ଦୃଷ୍ଟିରୁ ସାରା ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ସବୁଠୁ ବେଶି କୋକୋ ଆମଦାନି କରେ ବେଲଜିୟମ। ନିର୍ଭାନା, ଗୋଦିଭା, ନେଉହାସ, ଫ୍ଲୋରେନ ଆଦି ସବୁଠୁ ଲୋକପ୍ରିୟ ବେଲଜିୟାନ ଚକୋଲେଟ ବ୍ରାଣ୍ଡ।

**ସ୍ୱିଜରଲ୍ୟାଣ୍ଡ :** ସାରା ବିଶ୍ୱରେ ଲୋକପ୍ରିୟତା ଦୃଷ୍ଟିରୁ ତୃତୀୟ ସ୍ଥାନରେ ରହିଚ୍ଛି ସ୍ୱିସ ଚକୋଲେଟ। ଟରଲେରନ, ସ୍ୱିସ ଆର୍ମି, କେଲାର ନେସଲେ ଆଦି ଲୋକପ୍ରିୟ ସ୍ୱିଦସ୍ ଚକୋଲେଟ ବ୍ରାଣ୍ଡ।

**ମେକ୍ସିକୋ :** ଏହି ତାଲିକାରେ ଚତୁର୍ଥ ସ୍ଥାନରେ ଅଛି ମେକ୍ସିକୋ। ଏହି ଦେଶରେ ହିଁ ପ୍ରଥମ କୋକୋ ଡ୍ରିଙ୍କ ପିଇବାରେ ପ୍ରଚଳନ ଆରମ୍ଭ ହୋଇଥିଲା। ଇରାବରା, ରିକୋଇନୋ, କାର୍ଲୋସ ବି ଚକୋଲେଟ, ତାଜା ଚକୋଲେଟ ମେକ୍ସିକାନୋ ଭଳି ବ୍ରାଣ୍ଡ ସାରା ବିଶ୍ୱରେ ଲୋକପ୍ରିୟ।

**ସ୍ପେନ :** ୟୁରୋପର ପ୍ରଥମ ଦେଶ ହିସାବରେ ସ୍ପେନରେ ହିଁ ଆରମ୍ଭ ହୋଇଥିଲା। ଚକୋଲେଟ ଖାଇବା। ଲୋକପ୍ରିୟତା ଦୃଷ୍ଟିରୁ ପଂଚମ ସ୍ଥାନରେ ଥିବା ସେଦ୍‌ପର୍ନିସ ଚକୋଲେଟର ଶ୍ରେଷ୍ଠ ବ୍ରାଣ୍ଡଗୁଡ଼ିକ ହେଲେ ଭ୍ୟାଲୋର ଟ୍ରୁଫାସ, ଟ୍ରିମା, ଟୋରାସ।

**ଜର୍ମାନି :** ବିଶ୍ୱର ଦ୍ୱିତୀୟ ଚକୋଲେଟ ଉତ୍ପାଦକ ରାଷ୍ଟ୍ର ଭାବେ ପରିଚିତ ଜର୍ମାନୀ ଲୋକପ୍ରିୟତା ତାଲିକାରେ ରହିଛି ଷଷ୍ଠ ସ୍ଥାନରେ। ରିଟରେ ସ୍ପୋର୍ଟ ମିଲକା, ସୋରୋଟି, ଭ୍ୟାଲପିଆ ଆଣ୍ଡ କାଇଣ୍ଡାର, ଶୋକୋଲାଦ ଆଦି ଲୋକପ୍ରିୟ ଜର୍ମାନ ଚକୋଲେଟ ବ୍ରାଣ୍ଡ।

**ଫ୍ରାନ୍ସ :** ଭାଲରୋନା ଏବଂ ରିସାର୍ଡ଼ ସବୁଠୁ ଲୋକପ୍ରିୟ ଫରାସୀ ଚକୋଲେଟ ବ୍ରାଣ୍ଡ। ଚକୋଲେଟର ଲୋକପ୍ରିୟତା ଦୃଷ୍ଟିର ସପ୍ତମ ସ୍ଥାନରେ ଅଛି ଫ୍ରାନ୍ସ।

**ବ୍ରିଟେନ :** କ୍ରିଷ୍ଟୋଫର ଲମ୍ବସଙ୍କ ଜରିଆରେ ହିଁ କୋକୋ ବିନ୍ସ ଆସି ପହଂଚିଲା ବ୍ରିଟେନରେ। ବିଶ୍ୱର ଚତୁର୍ଥ ଚକୋଲେଟ ପ୍ରସ୍ତୁତକାରୀ ଦେଶ ବ୍ରିଟେନ। ତେବେ ଚକୋଲେଟର ଲୋକପ୍ରିୟତା ତାଲିକାରେ ବ୍ରିଟେନର ସ୍ଥାନ ଅଷ୍ଟମ।

**ଇଟାଲି :** ଏହି ଦେଶରେ ହିଁ ପ୍ରଥମ ସଲିଡ଼ (କଠିନ) ଚକୋଲେଟ ବାର ତିଆରି ହୋଇଥିଲା। ଆମେଦେଇ, ଭେଣି, ପାରଚାଇନା ସ୍ମୃତି ଓ ଫେରେରୋ ରୋଶାର ଭଳି ଚକୋଲେଟ ଏଦେଶରେ ଖୁବ୍ ଲୋକପ୍ରିୟ। ଆଉ ଲୋକପ୍ରିୟତା ତାଲିକାରେ ଇଟାଲିର ଚକୋଲେଟ ନବମ ସ୍ଥାନରେ ରହିଛି।

**ଡେନମାର୍କ :** ଲୋକପ୍ରିୟତା ତାଲିକାରେ ଡେନିଶ ଚକୋଲେଟ ଦଶମ ସ୍ଥାନରେ ଅଛି। କିନ୍ତୁ ଚକୋଲେଟ ଖାଇବା ପ୍ରସଙ୍ଗରେ ଡେନମାର୍କର ଲୋକମାନଙ୍କ ପ୍ରତିଯୋଗୀ ମିଳିବା କଷ୍ଟକର। ଜଣେ ଡେନିସ ବ୍ୟକ୍ତି ବର୍ଷକୁ ପ୍ରାୟ ସାଢ଼େ ଆଠକେଜି ଓଜନର ଚକୋଲେଟ ଖାଇଥାନ୍ତି।

**ଚକୋଲେଟ କେତେ ପ୍ରକାର**

**ର ଚକୋଲେଟ :** ଅନ୍ୟ କୌଣସି ଉପକରଣ ସହିତ ମିଶାଇବା ପୂର୍ବରୁ ଯେଉଁ ଅବସ୍ଥାରେ ଉପଲବ୍ଧ।

**ବିଟର ଚକୋଲେଟ :** ତରଳ ଅବସ୍ଥାରେ ପିଓ ଚକୋଲେଟ ସହିତ କୌଣସି ଧରଣର ଫ୍ୟାଟ ମିଶାଇ ତାକୁ ବେଶ୍ ଶକ୍ତ କରାଯାଇ ପ୍ରସ୍ତୁତ ହୁଏ।

**ଡାର୍କ ଚକୋଲେଟ :** କୋକୋ ସହିତ ଚିନି ଓ ଫ୍ୟାଟ ଜାତୀୟ ଉପକରଣ ମିଶାଇ ତିଆରି ହୁଏ ବ୍ଲାକ ବା ଡାର୍କ।



# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦର୍ଲା ବେଡାରେ ପ୍ରବେଶ ଉତ୍ସବ ଅନୁଷ୍ଠିତ

ମାଲକାନଗିରି, ୩/୦୮ (ନି.ପ୍ର): ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳ ସ୍ଥିତ ଦର୍ଲା ବେଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବାର୍ଷିକ ଛାତ୍ର ଛାତ୍ରୀଙ୍କ ମହା ସମାରହ ରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସରକାର ଙ୍କ ଶିକ୍ଷା ବିଭାଗ ତରଫରୁ ସ୍ୱାଭିମାନ ଅଂଚଳ ରେ କୈଣସି କଳା ଉଚ୍ଚ ବିଦ୍ୟାଳୟ ନ ଥିବାରୁ ନୂତନ ଭାବରେ ଖୋଲା ଯାଇଥିବା ଏହି ବିଦ୍ୟାଳୟ ରେ ପ୍ରଥମ ପର୍ଯ୍ୟାରେ ୪୨ ଜନ ଛାତ୍ର ଛାତ୍ରୀ ନାମ ଲେଖାଯାଇଥିବା ବେଳେ ଛଅ ଜନ ଗ୍ୟାଷ୍ଟ ଫିକ୍ୟୁଲିଟି ଲେକଚର ମାନଙ୍କୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁ ନିଯୁକ୍ତି ପ୍ରଦାନ କରିଛନ୍ତି।

ଏହି ପ୍ରବେଶ ଉତ୍ସବ ଅବସର ରେ ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଂଗୁଲ ମୁଖ୍ୟ ଅତିଥି, ସମ୍ମାନୀୟ ଅତିଥି ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ବ୍ଲକ ଶିକ୍ଷା ଅଧିକାରୀ ସୁ ଶ୍ରୀ ଗାୟତ୍ରୀ ଦେବୀ, ଯୋଡାମ୍ବ ସରପଂଚ ପିଙ୍କି ହନ୍ତାଳ, ରାଲେଗଡା ସରପଂଚ କମଳୁ ହନ୍ତାଳ, ପଣସପୁଟ ସରପଂଚ ଅର୍ଜୁନ ହନ୍ତାଳ, ନନ୍ଦ କିଶୋର ମୁଦୁଲି, ହରି ମହନ ଖିଲ ଯୋଗଦାନ କରି ନିଜ ନିଜର ଅଭିଭାଷଣ ପ୍ରଦାନ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । ଗ୍ରାମର ଶତାଧିକ ଅଧିବାସୀ ଏହି କାର୍ଯ୍ୟକ୍ରମ ରେ ଯୋଗ ଦାନ କରିଥିଲେ !ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧକ୍ଷା ଓ ବ୍ଲକ ଅଧକ୍ଷା ଏହି କାର୍ଯ୍ୟକ୍ରମ ର ଉଦଘାଟନ କରିଥିଲେ । ପରି ଶେଷରେ ନୂତନ କରି ପ୍ରବେଶ କରିଥିବା ଛାତ୍ରଛାତ୍ରୀ ଓ ଗ୍ୟାଷ୍ଟ ଫେକୁଲିଟି ଶିକ୍ଷକ ମାନେ ନିଜ ନିଜର ଅଭିମତ ପ୍ରକାଶ କରିଥିଲେ । ଏତଦ ବ୍ୟତୀତ ଦର୍ଲା ବେଡା ଗ୍ରାମରେ ଜନ୍ମିତ ପୋଲିସ ଅଫିସର ଲକ୍ଷ୍ମୀ ମୁଦୁଲି (ବଣ୍ଟି )ଏହି ଅଂଚଳ ର ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଲାଭ କରି ଆଗକୁ ବଢିବା ପାଇ ପରମର୍ଶ ଦେଇଥିଲେ । ସଭା ପରିଚାଳନା କରିଥିଲେ ସହକାରୀ ବ୍ଲକ ଶିକ୍ଷାଧିକାରୀ ଅଞ୍ଜନ ଚୌଧୁରୀ । ବସନ୍ତ ଟାଂଗୁଲ ଓ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ । ପରିଶେଷରେ ଶିକ୍ଷାଧିକାରୀ ସୁ ଶ୍ରୀ ଗାୟତ୍ରୀ ଦେବୀ ଓ ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁ ସବୁ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୫-ଟି ସ୍କୁଲ ରୂପାନ୍ତରଣ ଯୋଜନାରେ ବଡ଼ ଦୁର୍ନୀତି: ସ୍ଥିତି ଅନୁଧ୍ୟାନ କଲା କଂଗ୍ରେସ ଟିମ୍

ଭୁବନେଶ୍ୱର, ୩/୦୮ (ନି.ପ୍ର): ରାଜ୍ୟ ସରକାରଙ୍କ ୫-ଟି ଯୋଜନା ମାଧମରେ ସାରା ରାଜ୍ୟରେ ଚାଲିଥିବା ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକୁ ରାଜ୍ୟ କଂଗ୍ରେସ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ଏହି ଯୋଜନା ରାଜ୍ୟର ସବୁଠାରୁ ବଡ଼ ଦୁର୍ନୀତି ବୋଲି କହିଛି କଂଗ୍ରେସ। ଯୋଜନା ମାଧମରେ ରାଜ୍ୟ ସରକାର ସାଧାରଣ ଜନତାଙ୍କ କୋଟି କୋଟି ଟଙ୍କାକୁ ବିଜୁ ଜନତା ଦଳର ମୁଷ୍ଟିମେୟ କର୍ମୀ, ଠିକାଦାର ଓ ନେତା ଦଳୀୟ ପାଣ୍ଠି ମାଧମରେ ହରିଲୁଟ୍ କରୁଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ପ୍ରଦେଶ କଂଗ୍ରେସ କମିଟିର ୫ ଜଣିଆ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଗତ କାଲି ତାଳଦା ପଂଚାୟତର ପଡ଼ୀଆରୀ ବିଦ୍ୟାପୀଠକୁ ଗସ୍ତ କରି ସ୍କୁଲର ଛାତରୁ ପ୍ଲାଷ୍ଟର ଖସିବା ଏବଂ ନିମ୍ନ ମାନର କାର୍ଯ୍ୟ କରାଯାଇଥିବା ସ୍ଥିତିର ଅନୁଧ୍ୟାନ କରି ଫେରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ପ୍ଲାଷ୍ଟର ଖସିବା ଦ୍ୱାରା ବିଦ୍ୟାଳୟର ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ସେନାପତି ଏବଂ ଶିକ୍ଷକ ତ୍ରିଲୋଚନ ବେହେରା ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ସମଗ୍ର ରାଜ୍ୟରେ ତୀବ୍ର ଆଲୋଡନ ସୃଷ୍ଟି କରିଥିଲା। ସରକାର ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି କରୁ ନ ଥିବା ବେଳେ କେବଳ ପୁରୁଣା ସ୍କୁଲରେ ଚୁନ ମାରି ଯେଉଁ ରୂପାନ୍ତରିକରଣଚାର୍ଯ୍ୟ କରୁଛନ୍ତି ଏହା ନବୀନ ସରକାରର ମୁଖା ଖୋଲିଛି। ରାଜ୍ୟରେ ମଧ ଅନ୍ୟ ବିଦ୍ୟାଳୟଗୁଡ଼ିକ ଠିକ୍ ଏହି ପରି ନିମ୍ନମାନର କାର୍ଯ୍ୟ କରାଯାଇଥିବ। ତେଣୁ ଏହି ସମ୍ପର୍କରେ ଏକ ରିପୋର୍ଟ ପିସିସି ସଭାପତିଙ୍କୁ ପ୍ରଦାନ କରାଯିବା ପରେ କଂଗ୍ରେସ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

# ସାଲିମି ଗ୍ରାମ ପଂଚାୟତରେ ନିଯୁକ୍ତି ସୃଷ୍ଟି ଏବଂ ଦକ୍ଷତା ବିକାଶ ତାଲିମ ଶିବିର

ମାଲକାନଗିରି, ୩/୦୮ (ନି.ପ୍ର): ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧିନରେ ଜିଲ୍ଲା ପ୍ରଶାସନ ଏବଂ ବିଏସଏଫ ମାଲକାନଗିରିଙ୍କ ମିଳିତ ଆନୁକୂଲ୍ୟରେ ମାଥିଲି ବ୍ଲକର ସାଲିମି ଗ୍ରାମ ପଂଚାୟତ ଠାରେ ଯୁବକଯୁବତୀଙ୍କ ମଧ୍ୟରେ ନିଯୁକ୍ତି ଏବଂ ଦକ୍ଷତା ପ୍ରଶିକ୍ଷଣ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଏସଏଫ ସେକେଣ୍ଡ ବାଟାଲିୟନର କମାଣ୍ଡିଂ ଅଫିସର ଭି ପି ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଉଦ୍ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାଲିମି ସରପଂଚ ବନ୍ଧୁ ଭୂମିଆ, ବିଏସଏଫ ସେକେଣ୍ଡ ବାଟାଲିୟନ ସେକେଣ୍ଡ ଇନ୍ କମାଣ୍ଡଂଟ ସିକନ୍ଦର ସିଂ, ବିଏସଏଫ ମାଲକାନଗିରି, ଡେପୁଟୀ କମାଣ୍ଡଣ୍ଟ, ଶୁଭଞ୍ଜନ ମହାପାତ୍ର, ଜିଲ୍ଲା ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ଜିଲ୍ଲା ଯୁବ ଅଧିକାରୀ ହରିଶ ରୁପଲ, ଜିଲ୍ଲା ପରିଷଦ ସ୍କିଲ୍ ପ୍ରୋଜେକ୍ଟ ମ୍ୟାନେଜର, ଶ୍ରୀମତି ଶାଶ୍ୱତୀ ରାଉତ, ସରକାରୀ ପଲିଟେକନିକ୍ ଅଧକ୍ଷ, ଜେ ଆର ଦାସ ଏବଂ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର, ବିପିନ କୁମାର ଖରା ଉପସ୍ଥିତ ଥିଲେ । ବିଭିନ୍ନ ବର୍ଗର ୧୫୮ ଜଣ ଯୁବକଯୁବତୀ ଏହି କ୍ୟାମ୍ପରେ ଯୋଗ ଦେଇଥିଲେ। ସିପେଟ୍ ଓ ଗ୍ରାମ ତରଙ୍ଗ ଅନୁଷ୍ଠାନର ପ୍ରଶିକ୍ଷକ ନିଯୁକ୍ତି ଏବଂ ପ୍ଲେସମେଂଟ ଲିଙ୍କ ଟ୍ରେନିଂ ପ୍ରୋଗ୍ରାମ ପାଇଁ କାଉନସେଲିଂ କରିଛନ୍ତି। ଯୋଗ୍ୟତା ଥିବା ଯୁବକଯୁବତୀଙ୍କୁ ଆଇଟିଆଇ ଏବଂ ପଲିଟେକନିକ୍ରେ ନାମ ଲେଖାଇବା ପାଇଁ ସେହି ଅନୁଷ୍ଠାନର ପ୍ରଶିକ୍ଷକମାନେ କାଉନସେଲିଂ କରିଛନ୍ତି।

# ବିନିକା ଅଂଚଳରେ ବନ୍ୟା ପରିସ୍ଥିତି: ଚୌକିଜୋରର ଉଛୁଳା ପାଣି ମାଡି ବ୍ୟାପକ କ୍ଷୟକ୍ଷତି

ସୁବର୍ଣ୍ଣପୁର, ୩/୦୮ (ନି.ପ୍ର): ଅନବରତ ବର୍ଷା ଲାଗି ରହିଥିବାରୁ ବିନିକା ସହର ସମେତ ବ୍ଲକ ଅଂଚଳର ବିଭିନ୍ନ ସ୍ଥାନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଯେଉଁ ଆଡେ ଦେଖିବ କେବଳ ପାଣିର ଭ୍ରମ । କେଉଁଠି ପାଣିର ବେଗ ଦୃତ ଗତିରେ ଆଗକୁ ବଢୁଛି ତ ଆଉ କେଉଁଠି ଭରପୁର ପାଣି ଜମି ରହିଛି । ସହରରେ ଡ୍ରେନେଜ ବ୍ୟବସ୍ଥା ଠିକ ନଥିବାରୁ ବର୍ଷା ପାଣି ଲହଡ଼ା ମାରି ଏଣେ ତେଣେ ଯାଉଥିବା ଦେଖିବାକୁ ମିଳୁଛି ।ପାଣିରେ ସମସ୍ତେ ଯିବା ଆସିବା କରୁଛନ୍ତି ।ପାଣି ନିଷ୍କାସନ ହୋଇନପାରି ବିଭିନ୍ନ ଘର ଦ୍ୱାରା ଏପରିକି ବିଭିନ୍ନ ଶିକ୍ଷା ନୁଷ୍ଠାନ,ସରକାରୀ ବେସରକାରୀ କାର୍ଯ୍ୟାଳୟ,ରାସ୍ତା ଘାଟ ଆଦି ସ୍ଥାନମାନଙ୍କରେ ପାଣି ଜମି ରହିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି ।ପ୍ରବଳ ବର୍ଷା ଯୋଗୁଁ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି । ବର୍ଷା ସାଂଗକୁ ଚୌକିଜୋରରେ ନିମିଷକ ମଧରେ ଅତାଲତାଲ ପାଣି ପ୍ରବାହିତ ହୋଇ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇପଡିଛି ।ପ୍ରସିଦ୍ଧ ଶୈବପୀଠ ଚରଦାକୁ ଯାଇଥିବା ରାସ୍ତାରେ ଥିବା ଚୌକିବ୍ରିଜ ଉପରେ ୪ରୁ୫ଫୁଟ ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି ।ସେହିପରି ଉଲ୍ଲେ ଛକ ଠାରୁ ଚରଦା ରାସ୍ତା ପାର୍ଶ୍ୱରେ ରହୁଥିବା ଚୌକି କୋଲପଡ଼ା କୁ ଚୌକିଜୋର ପାଣି ମାଡ଼ି ଯିବାରୁ ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି ।ଚୌକି କୋଲପଡାର ଅନେକ ଲୋକଙ୍କ ମାଟି ଘର ଭାଙ୍ଗିଯିବା ସହିତ ବହୁ ଆସବାପତ୍ର ନଷ୍ଟ ହୋଇଛି । ଖବର ପାଇ ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ସମେତ ଷ୍ଟାଫ,ଅଗ୍ନିଶମ କର୍ମଚାରୀ,ପୁଲିସ ପ୍ରଶାସନ ଘଟଣା ସ୍ଥଳରେ ପହଂଚି ବନ୍ୟା ପାଣିରେ ପ୍ରବାହିତ ୨୦ପରିବାରକୁ ସ୍ଥାନୀୟ ସିଦ୍ଧାର୍ଥ କଲେଜ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରି ଚୁଡ଼ା,ଗୁଡ଼, କଦଳୀ ଖାଇବାକୁ ଦିଆଯାଇଛି ।ସେହିପରି ଅନ୍ୟ ପକ୍ଷରେ ବିନିକା ୧୦ନଂ ଓ୍ୱାର୍ଡ କଇରାପାଲିରେ ବର୍ଷା ପାଣି ଜମାଟ ବାନ୍ଧିବା ଓ ଚୌକି ଜୋରର ପ୍ରବାହିତ ପାଣିରେ ଗ୍ରାମ ଜଳବନ୍ଦୀ ଅବସ୍ଥାରେ ରହିଛି ।ଆଜି ସକାଳୁ ପ୍ରବଳ ବେଗରେ ପାଣି ମାଡ଼ିବାରୁ ଗ୍ରାମର ଅନତି ଦୂରରେ ରହୁଥିବା ଶ୍ରୀରାମ ଭୁଇ ଓ ସାବିତ୍ରୀ ଭୂଇ ନାମକ ଦୁଇ ଜଣ ବୃଦ୍ଧ ବୃଦ୍ଧାଙ୍କ ଘର ଚତୁରପର୍ଶ୍ୱରେ ପାଣି ହୋଇଯିବା ସହ ଘର ଭିତରେ ଆଣ୍ଠୁଏ ପାଣି ଭର୍ତି ହୋଇଥିଲା ।ଜୀବନ ରକ୍ଷା ପାଇଁ ଉଭୟେ ବୃଦ୍ଧ ବୃଦ୍ଧାଙ୍କୁ ସ୍ୱେଚ୍ଛାସେବୀ ସୁଧୀର ସାମନ୍ତରାୟ,କପିଲ ମଲ୍ଲିକ, ଶ୍ରୀଧର ମଲ୍ଲିକ, ପବନ ଭୁଏ, ଦୁଷ୍ମନ୍ତ ବଗର୍ତି, କରଣ ଭୋଇ, କମ୍ଭୁ ମଲ୍ଲିକ, ସଚିଦା ଭୋଇ, ଜୀତେନ କୌର, ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୁବକ ୫ଫୁଟ ବନ୍ୟା ପାଣିରେ ପଶି ଉଭୟ ବୃଦ୍ଧ ବୃଦ୍ଧାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। କଇରାପାଲି ଗ୍ରାମ୍ୟ ରାସ୍ତାରେ ୯ଫୁଟରୁ ଅଧିକ ପାଣି ପ୍ରବାହିତ ହେଉଥିବା ବେଳେ ଉଲ୍ଲେ- ଭମରପାଲି ରାସ୍ତା ବିଚ୍ଛିନ୍ନ ହୋଇ ପଡ଼ିଛି ।ଗ୍ରାମର ଚାରିପଟେ ଥିବା ଚାଷ ଜମି ଗୁଡିକ ସମ୍ପୂର୍ଣ୍ଣ ବୁଡି ଯାଇଥିବାରୁ ଗ୍ରାମ ଏକ ପ୍ରକାର ଜଳବନ୍ଦୀ ଅବସ୍ଥାରେ ରହିଛି ।ଗ୍ରାମବାସୀଙ୍କୁ ଉଦ୍ଧାର ପାଇଁ ଗ୍ରାମର କେତେକ ଯୁବକ ଫୋନ ଜରିଆରେ ପ୍ରଶାସନକୁ ଜଣାଇ ଥିଲେ ମଧ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କେହି ନ ପହଂଚିବାରୁ ଶେଷରେ କେତେକ ଲୋକ ନିଜ ଜୀବନର ସୁରକ୍ଷା ପାଇଁ ପାଣି ଭିତରେ ବହୁ କଷ୍ଟେ ପାରି ହୋଇ ସ୍ଥାନୀୟ କ୍ଲବ ଘରେ ଆଶ୍ରୟ ନେଇଛନ୍ତି । ଦିନ ୧ଟା ପର୍ଯ୍ୟନ୍ତ ସେମାନଙ୍କୁ ରିଲିଫ ଖାଦ୍ୟ ପ୍ରଶାସନ ଯୋଗାଇ ନଥିବା ଅଭିଯୋଗ ହୋଇଥିଲା ପରେ ପ୍ରଶାସନ ତରଫରୁ ୧୨୦ଜଣଙ୍କୁ ରିରିଫ ଖାଦ୍ୟ ଯୋଗାଇ ଦେଇଥିବା ବିନିକା ଏନଏସି ସିଏମଏମ ଉମାକାନ୍ତ ସିଂ ସୂଚନା ଦେଇଛନ୍ତି ।ଅନ୍ୟ ପକ୍ଷରେ ବିନିକା ଏସ ରାମପୁର ମୁଖ୍ୟ ରାସ୍ତାର ବିଶାଳପାଲି ଛକ ନିକଟରେ ଥିବା ଏକ ନାଲ ଉପରେ ୫ଫୁଟ ପାଣି ପ୍ରବାହିତ ହେଉଥିବା ରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି ।ବର୍ଷା ଯୋଗୁଁ ବହୁ ଲୋକଙ୍କ ମାଟି ଘର ଭାଙ୍ଗି ଯିବାର ଆଶଙ୍କା ରହିଛି । ଧାନ ଚାଷ ସମେତ ପନିପରିବା ଚାଷ ମଧ କ୍ଷତି ହେବାର ଆଶଙ୍କା ରହିଛି । ସେହିପରି ସିଲାଟି ଜୋରରେ ବନ୍ୟା ପାଣି ଆସିଯିବାରୁ ସିଲାଟି ବ୍ରିଜ ଉପରେ ଆଣ୍ଠୁଏ ପାଣି ଯାଉଛି । ଏଥିଯୋଗୁଁ ବିନିକା - ସିଲାଟି ରାସ୍ତା ମଧ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।ଫୁଲମୁଠୀ ଠାରୁ ସାହାଜବାହାଲଲ କୁ ଯାଇଥିବା ରାସ୍ତାରେ ଥିବା ମଙ୍ଗର କୁନ୍ଦା ବ୍ରିଜ ଉପରେ ପାଣି ପ୍ରବାହିତ ହେଉଛି ।ଚୌକିଜୋରର ବନ୍ୟା ପାଣିରେ ଉଲ୍ଲେ, ଭମରପାଲି, ଫୁଲମୁଠି, ଜବଦା, ଚରଦା ପ୍ରଭୃତି ଅଂଚଳର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି । ସେହିପରି ଯୁଲୁଣ୍ଡା ଅଂଚଳର ଜଣେ ଚାଷୀଙ୍କ ୨ହେକ୍ଟର ରାହାଡି ଚାଷ ବନ୍ୟା ପାଣିରେ ନଷ୍ଟ ହୋଇଥିବା ସୂଚନା ମିଳିଛି । ଆଗକୁ ଯଦି ବର୍ଷା ଲାଗିରହେ ତେବେ ବହୁ ଧନ ଜୀବନ ଦୁର୍ବିସହ ହେବା ସହିତ ବ୍ୟାପକ କ୍ଷତି ଘଟିବ ବୋଲି ଅନୁମାନ କରାଯାଉଛି।

# ଲଘୁଚାପ ବର୍ଷାରେ ଖଡ଼ିଆଳଠାରୁ ଉପଖଣ୍ଡ ହସ୍ପିଟାଲ ରାସ୍ତା ଶୋଚନୀୟ

ନୂଆପଡ଼ା, ୩/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହର ଠାରୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ରାସ୍ତା ଲଘୁଚାପ ଜନିତ ବର୍ଷାରେ ବେହାଲ ହୋଇପଡିଛି । ପିଚୁ ରାସ୍ତାର ଦୁଇ କଡ଼ରେ ବଡ଼ ବଡ଼ ଗର୍ତ ସୃଷ୍ଟି ହୋଇଛି । ବର୍ଷାରେ ଗର୍ତ ମାନଙ୍କରେ ପାଣି ଜମା ହୋଇ ଯାଇଛି । ଯାହାଫଳରେ ଯାନବାହାନ ଯାତାୟାତ ବେଳେ ଅନେକ ଅସୁବିଧା ହେଉଥିବା ବେଳେ ଯାନବାହାନ ଗୁଡ଼ିକ ଗର୍ତ୍ତରେ ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଏହି ରାସ୍ତା ଗତବର୍ଷ ନିର୍ମାଣ ହୋଇଥିବା ବେଳେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ହୋଇଥିବାରୁ ଏପରି ସମସ୍ୟା ଦେଖାଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଥାଉକି ଖଡ଼ିଆଳ ଉପଖଣ୍ଡ ହସ୍ପିଟାଲକୁ ଖଡ଼ିଆଳ ଏନଏସି, ଖଡ଼ିଆଳ ଗ୍ରାମାଞ୍ଚଳ, ସିନାପାଲି ସମେତ ବଲାଙ୍ଗିର ଜିଲାର ତୁରେକେଲା, ବଙ୍ଗୋମୁଣ୍ଡା , କଳାହାଣ୍ଡି ଜିଲାର ଗୋଲାମୁଣ୍ଡା ଓ ଛତିଶଗଡ଼ ରାଜ୍ୟର ଦେଓଭୋଗ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ପ୍ରତିଦିନ ୨୦୦ ରୁ ୩୦୦ ସହ ରୋଗୀ ଆସି ଚିକିତ୍ସା ହେଉଛନ୍ତି। ଯାହାଫଳରେ ହସ୍ପିଟାଲ ରାସ୍ତା ଠିକ ନଥିବାରୁ ରୋଗୀ ମାନଙ୍କୁ ଅନେକ ସମସ୍ୟା ଦେଖାଯାଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ପୁରୀ ଜିଲ୍ଲା ପରିଷଦର ୫ମ ବୈଠକ ଅନୁଷ୍ଠିତ

ପୁରୀ, ୩/୦୮ (ନି.ପ୍ର): ପୁରୀ ଜିଲ୍ଲା ପରିଷଦର ୫ମ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧକ୍ଷତା କରି ଜିଲ୍ଲା ପରିଷଦର ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ସମସ୍ତ ଙ୍କୁ ସ୍ୱାଗତ କରିବା ସହ ପୁରୀ କୁ ଏକ ବିକଶିତ ଓ ସମୃଦ୍ଧ ଜିଲ୍ଲାରେ ପରିଣତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ଏହି ବୈଠକରେ କ୍ରିଡା ଓ ଯୁବ ସେବା ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା, ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ,ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର,ପିପିଲି ବିଧାୟକ ରୁଦ୍ର ପ୍ରସାଦ ମହାରଥୀ, ଜିଲ୍ଲାପାଳ ସମର୍ଥ ବର୍ମା,ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବଶିକ୍ଷା ଅଭିଯାନର ବିବିଧ ଯୋଜନାରେ ପ୍ରାପ୍ତ ୧୪୯.୨୪ ଲକ୍ଷ ଟଙ୍କା ସମ୍ପୂର୍ଣ୍ଣ ବିନିଯୋଗ ହୋଇଛି। ଶିକ୍ଷା ବିଭାଗର ମଧ୍ୟାହ୍ନ ଭୋଜନରେ ଅଦ୍ୟାବଧି ପ୍ରାପ୍ତ ୧୦୭୧.୨୩ ଲକ୍ଷ ଟଙ୍କା ମଧ୍ୟରୁ ୮୪୫.୩୨ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ଶିକ୍ଷାର ଅନ୍ୟାନ୍ୟ ଯୋଜନାରେ ପ୍ରାପ୍ତ ୯୦.୮୧ଲକ୍ଷ ଟଙ୍କାର ଅନୁଦାନ ସମ୍ପୂର୍ଣ୍ଣ ବିନିଯୋଗ ହୋଇଛି ।କୃଷି ବିଭାଗର ପ୍ରାପ୍ତ ୧୬୦.୯୩ ଲକ୍ଷ ଟଙ୍କା ମଧ୍ୟରୁ ୬୬.୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।ଗ୍ରାମ୍ୟ ନିର୍ମାଣ ବିଭାଗର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ରେ ଅଦ୍ୟାବଧି ପ୍ରାପ୍ତ ୧୫୦୦.୦୦ ଲକ୍ଷ ଟଙ୍କା ମଧ୍ୟରୁ ୧୩୬୮.୪୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।ଅନ୍ୟାନ୍ୟ ବିଭିନ୍ନ ଯୋଜନା ରେ ପ୍ରାପ୍ତ ୬୩୯୧.୧୪ ଲକ୍ଷ ଟଙ୍କା ମଧ ରୁ ୧୯୫୬.୦୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।, ଗ୍ରାମୀଣ ପାନୀୟ ଜଳ ଯୋଗାଣରେ ମିଳିଥିବା ୨୨୨୦.୪୩ ଲକ୍ଷ ଟଙ୍କା ମଧ୍ୟରୁ ୧୮୭୫.୫୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଜଳ ସେଚନ ବିଭାଗ ପୁରୀ ବିଭିନ୍ନ ଯୋଜନା ରେ ପ୍ରାପ୍ତ ୩୨୦.୦୦ଲକ୍ଷ ଟଙ୍କା ଅନୁଦାନ ମଧ୍ୟରୁ ୩୧୩.୦୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।ସେହିପରି ନିମାପଡା ଜଳସେଚନ ବିଭାଗର ପ୍ରାପ୍ତ ୪୦୯୨.୦୩ ଲକ୍ଷ ଟଙ୍କା ଅନୁଦାନ ମଧ୍ୟରୁ ୧୧୦୯.୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଜିଲ୍ଲା ପରିଷଦ ଏମ ଜି ଏନ ଆର ଇ ଜି ଏସ ଯୋଜନା ରେ ୯୩୧୯.୦୦ ଲକ୍ଷ ଟଙ୍କା ମଧ୍ୟରୁ ୩୫୦୬.୯୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ୧୨୧୮୦୨୭ ଶ୍ରମ ଦିବସ ସୃଷ୍ଟି ହୋଇଛି। ସେହିପରି ୪୬୬୫୦ ପଞ୍ଜିକୃତ ପରିବାର କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି ଏବଂ ୨୪୮ ପରିବାର କୁ ୧୦୦ ଦିନ ର କାର୍ଯ୍ୟ ଯୋଗାଇ ଦିଆଯାଇଛି। ସେହିପରି ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ବିଦ୍ୟୁତ ବିଭାଗ, ସମାଜ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ,ଶିଳ୍ପ ବିଭାଗ, ଜଙ୍ଗଲ ବିଭାଗ, ସମବାୟ ବିଭାଗ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ,ଜନ କଲ୍ୟାଣ ବିଭାଗ, ପଶୁ ପାଳନ ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପୁରୀ ଓ ଜଗତସିଂହପୁର ଲୋକସଭା ସାଂସଦ ଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ସଦସ୍ୟ ବୃନ୍ଦ, ବିଭିନ୍ନ ପଂଚାୟତ ସମିତିର ଅଧକ୍ଷ, ବିଭିନ୍ନ ବିଭାଗର ଅଧିକାରୀ ଓ ଲାଇନ ଡିପାର୍ଟମେଂଟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗୁଲନଗର ଗ୍ରାମର ମୁଖ୍ୟ ରାସ୍ତା ଶୋଚନୀୟ

କେନ୍ଦ୍ରାପଡ଼ା, ୩/୦୮ (ନି.ପ୍ର): ଲଗାଣ ବର୍ଷା ଫଳରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମର ପ୍ରବେଶ ପଥ ତଥା ମୁଖ୍ୟ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି ।

ସୂଚନାଯୋଗ୍ୟ ଯେ ଏହି ରାସ୍ତା ପୂର୍ତ ବିଭାଗ ଅଧିନସ୍ତ । ଗୋବରୀ ନଦୀ ଉପରେ ଏକ ନୂତନ ପୋଲକାର୍ଯ୍ୟ ଚାଲୁଅଛି । ଠିକାଦାର ଏଥିପାଇଁ ବଡବଡ ମେସିନ ଲଗାଇ ମାଟି ଖୋଳି ରାସ୍ତା କଡରେ ମାଟି ରଖିଛି । ବଡବଡ ମେସିନ ଯିବାରୁ ଏହିରାସ୍ତାରେ ବଡବଡ ଖାଲ ହୋଇଯାଇଛି । ଲଗାଣ ବର୍ଷା ଫଳରେ ସେହି ରାସ୍ତା ଶୋଚନୀୟ ହୋଇପଡିଛି ଓ ଏହା ଫଳରେ ବହୁ ଦୁର୍ଘଟଣାମାନ ଘଟୁଛି । ବର୍ଷା ପାଇଁ ବର୍ତମାନ କାର୍ଯ୍ୟ ବନ୍ଦ କରାଯାଇଛି । ସେହି ରାସ୍ତା ଦେଇ ଗୁଲନଗର ପଂଚାୟତର ଗୁଲନଗର,ସୁଜାନଗର, ଖଇରାବାଦ ଗ୍ରାମର ଗ୍ରାମବାସୀ ଓ ସ୍କୁଲ ପିଲାମାନେ ପ୍ରତିଦିନ ଯିବାଆସିବା କରନ୍ତି । ତେଣୁ ଗ୍ରାମବାସୀମାନେ ପୂର୍ତ ବିଭାଗକୁ ଅଭିଯୋଗ କରିବାକୁ ଯାଇଥିଲେ । ପୂର୍ତ ବିଭାଗରେ କେହି ଯନ୍ତ୍ରୀ ଓ କୌଣସି ଅଧିକାରୀ ନଥିବାରୁ ସେମାନେ ଫେରିଆସିଥିଲେ । ଏହାତ ତୁରନ୍ତ ପ୍ରତିକାର ପାଇଁ ଗୁଲନଗର ଗ୍ରାମବସୀ ପକ୍ଷରୁ କରୁଣାକର ସାହୁ, ଗୋଲଖ ସେଠୀ, ଚିତରଞ୍ଜନ ପୃଷ୍ଟି, ସୁଶାନ୍ତ ଦାସ, ରବିନ୍ଦ୍ର ରଥ, ଜଗନ୍ନାଥ ତ୍ରିପାଠୀ, ବାବନ ସାହୁ ପ୍ରମୁଖ ବହୁ ଗ୍ରାବସୀମାନେ ଦାବି କରିଛନ୍ତି ।

## ଓଏଏସ ପରୀକ୍ଷାରେ ସେବାୟତଙ୍କ ସଫଳତା

ପୁରୀ, ୩/୦୮ (ନି.ପ୍ର): ତୁଳସୀ ଦୁଇ ପତ୍ରରୁ ବାସେ । ସେବାୟତ କୁଳରେ ଜନ୍ମ ହୋଇଥିଲେ ମଧ ପ୍ରଚଣ୍ଡ ଧିଶକ୍ତି ଓ ମେଧାବୀ ଛାତ୍ର ହୋଇଥିବାରୁ ପୁରୀ ସହର ବାସେଲି ସାହି ଜଗନ୍ନାଥ ନଗରର ସ୍ୱର୍ଗତ ଦେବେନ୍ଦ୍ର ସାହୁଙ୍କ ପୁତ୍ର ଆଶୁତୋଷ ସାହୁ ୨୪ ବର୍ଷ ବୟସରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ପରୀକ୍ଷାରେ କୃତୀତ୍ୱ ହାସଲ କରିଛନ୍ତି । ସେ ୧୫୮ ନମ୍ବର କ୍ରମାଙ୍କରେ ରହିଛନ୍ତି । ସେ ଜଣେ ମଧ ଭଲ ତବଲା ବାଦକ କଳାକାର ଅଟନ୍ତି । ସେ ଶ୍ରୀମନ୍ଦିର ପାଟରା ସେବାୟତ ଅଟନ୍ତି । ତାଙ୍କର ଦାଦା ୩ ନମ୍ବର ଓ୍ୱାର୍ଡ଼ର ପୂର୍ବତନ କାଉନସିଲର, ବରିଷ୍ଠ ଆଇନଜୀବୀ ତଥା ସଙ୍ଗୀତଜ୍ଞ ରାଜେନ୍ଦ୍ର କୁମାର ସାହୁ (କୁନୁମୁନି) । ସେବାୟତଙ୍କ ଏହି କୃତିତ୍ୱକୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କ ସାହି ସମେତ ପୁରୀ ସହରରେ ଶ୍ରୀ ସାହୁଙ୍କ ସଫଳତା ପାଇଁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ବିଜେପି ଦଳ ଛାଡି ବିଜେଡିରେ ସାମିଲ ହେଲେ ସରପଂଚ ଓ ମଣ୍ଡଳ ସଭାପତି

ଧର୍ମଶାଳା, ୩/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଦିନକୁ ଦିନ ତାର ଶକ୍ତି ବୃଦ୍ଧି ପାଉଛି । ସାଧାରଣ ନିର୍ବାଚନ ପୂର୍ବରୁ ନେତା ଓ କର୍ମୀ ଏବେ ଦଳ ଡିଆଁ ଆରମ୍ଭ କରିଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବହୁ ନେତା କର୍ମ ବିଜୁ ଜନତା ଦଳରେ ସାମିଲ ହେଉଛନ୍ତି । ଏହି ଅବସରରେ ଆଜି ବିଜେପିର ବହୁ ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ବ୍ଲକ ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଜାରକାସ୍ଥିତ କଳ୍ପତରୁ ଦାସ ନେସନାଲ ଷ୍ଟାଡିୟମ ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ୧୪ ନଂ ଜେନାର ବିଜେପି ମଣ୍ଡଳ ସଭାପତି ଅର୍ଜୁନ ଚରଣ ନାୟକ,ପାଟପୁର ସରପଂଚ ସନ୍ଧ୍ୟାରାଣୀ ନାୟକ ଓ ବିଜେପି ଯୁବ ସଂଗଠକ ଦୁଃଶାସନ ନାୟକଙ୍କ ସମେତ ଶତାଧିକ କର୍ମୀ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି । ବିଧାୟକ ସେମାନଙ୍କ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ଧର୍ମଶାଳା ବିଧାୟକଙ୍କ ଦୃଢ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଏମାନେ ଦଳରେ ସାମିଲ ହୋଇଥିବା କହିଛନ୍ତି । ଏହି ମିଶ୍ରଣ ଫଳରେ ଦଳ ଆଗକୁ ସଂଗଠିତ ହୋଇ କାମ କରିବ ବୋଲି ବିଧାୟକ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ସମେତ ବିଜୁ ଯୁବ ଜନତା ଦଳର ସଭାପତି କ୍ଷିତିଶ ନାୟକଙ୍କ ସହ ବହୁ ଦଳୀୟ କର୍ମକର୍ତା ଉପସ୍ଥିତ ଥିଲେ ।

# ବିଜେଡ଼ି ସାଜିଛି ବିଜେପିର ସଂକଟ ମୋଚକ : ପିସିସି ସଭାପତି

ଭୁବନେଶ୍ୱର, ୩/୦୮ (ନି.ପ୍ର): ବିଜେଡ଼ି ବିଜେପି ମଧ୍ୟରେ ଥିବା ଗୁଢ ସମ୍ପର୍କ ଆମ୍ ପ୍ରକାଶ କରିଛି। ପାର୍ଲ୍ୟାମେଂଟରେ ଆଗତ ମୋଦି ସରକାରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବକୁ ବିଜେଡ଼ି ବିରୋଧ କରିବ ଓ ଦିଲ୍ଲୀ ଜାତୀୟ ରାଜଧାନୀ ସରକାର ଅଂଚଳ (ସଂଶୋଧନ) ବିଲ-୨୦୨୩ ବିଧେୟକୁ ସମର୍ଥନ କରିବ ବୋଲି ଘୋଷଣା କରିଛି। ଉଭୟଙ୍କ ଧମନୀରେ ସମାନ ରକ୍ତ ପ୍ରବାହିତ ହେଉଛି । ବିଜେଡ଼ି ବିଜେପିର ସଂକଟମୋଚକ ସାଜିଛି ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। କଥା କଥାରେ ମହିଳା ସଶକ୍ତି କରଣ ମୋ ସରକାରର ପ୍ରଧାନ ଲକ୍ଷ୍ୟ ବୋଲି ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ମଣିପୁର ମହିଳା ଲଜ୍ଜା ପ୍ରସଙ୍ଗରେ ଆଜି ପର୍ଯ୍ୟନ୍ତ ମୌନବ୍ରତ ଅବଲମ୍ବନ କରିଛନ୍ତି କାହିଁକି ? ଯେତେବେଳେ ବିଜେପିର କେତେକ ବରିଷ୍ଠ ନେତା ଘୋଷଣା କରୁଛନ୍ତି ଯେ ସେମାନେ ବିଜେଡ଼ିକୁ ଜନ୍ମ ଦେଇଛନ୍ତି, ସେତେବେଳେ ବିଜେଡ଼ି ବିଜେପି ମଧ୍ୟରେ କୌଣସି ପାର୍ଥକ୍ୟ ନରହିବା ସ୍ୱାଭାବିକ। ଓଡ଼ିଶାବାସୀ ଉଭୟ ଯୋଡ଼ିର ଅସଲ ଉଦ୍ଦେଶ୍ୟ ବୁଝିବେ ଓ ଆଗାମୀ ନିର୍ବାଚନରେ କଂଗ୍ରେସକୁ ସମର୍ଥନ ଦେଇ ବିଜେଡ଼ି-ବିଜେପିକୁ ପରାଜିତ କରିବାକୁ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ପ୍ରଚାର କମିଟି ଅଧକ୍ଷ ବିଜୟ ପଟ୍ଟନାୟକ କହିଥିଲେ ଯେ ଦିଲ୍ଲୀ ବିଧେୟକ ଆଇନରେ ପରିଣତ ହେଲେ ରାଜ୍ୟ ସରକାର ମାନଙ୍କର କ୍ଷମତା ସଂକୁଚିତ ହେବ ଓ ଅମଲା ମାନଙ୍କର କ୍ଷମତା ବୃଦ୍ଧି ପାଇବ। ସେହି ବିଧେୟକୁ ସମର୍ଥନ ଜଣାଇ ବିଜେଡ଼ି ଘୋଷଣା କରିବାକୁ ଚାହେଁଯେ ନିର୍ବାଚିତ ଲୋକ ପ୍ରତିନିଧି ମାନେ ନୁହଁନ୍ତି ଅମଲାମାନେ ହିଁ ପ୍ରକୃତ ଶାସନ କର୍ତା। ଶ୍ରୀ ପଟ୍ଟନାୟକ ଏହି ବ୍ୟବସ୍ଥାର ଦୃଢ଼ ନିନ୍ଦା କରିଥିଲେ। ପ୍ରଦେଶ କଂଗ୍ରେସ ଇସ୍ତାହାର କମିଟି ଅଧକ୍ଷ ପଂଚାନନ କାନୁନଗୋ ବିଜେଡ଼ି କୁ ପ୍ରଶ୍ନ କରି କହିଥିଲେ ଯେ ଏହି ନିଷ୍ପତି ଦ୍ୱାରା ଓଡ଼ିଶାର କି ଲାଭ ହେବ ? ସେ ପଚାରିଥିଲେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଠାରୁ ଓଡ଼ିଶାକୁ ସ୍ୱତନ୍ତ୍ର ଅର୍ଥନୈତିକ ପ୍ୟାକେଜ ପାଇଁ କରିଥିବା ଦାବୀ ମିଳିଲା କି ? ଏବଂ ଦ୍ୱିତୀୟରେ ଅର୍ଥ କମିଶନ ସୁପାରିଶ କରିଥିବା ଅର୍ଥ କେନ୍ଦ୍ର ସରକାର ଓଡ଼ିଶାକୁ ଦେଉଛନ୍ତି କି ? ପିସିସି ମିଡିଆ ବିଭାଗ ଅଧକ୍ଷ ଗଣେଶ୍ୱର ବେହେରା ଏହି ସାମ୍ବାଦିକ ସମ୍ମିଳନୀରେ ଅଭିମତ ରଖି କହିଥିଲେ ଯେ ଆଜିର ଘୋଷଣା ବିଜେଡ଼ିର ଛଳନାଶ୍ରୟୀ ରାଜନୀତିର ପର୍ଦ୍ଦାଫାଶ କରିଛି। କେନ୍ଦ୍ର ମୋଦି ସରକାରକୁ ବିଜେଡ଼ି ସମର୍ଥନ ଦେବା ନୂଆ କଥା ନୁହେଁ। ରାଜ୍ୟବାସୀ ଜାଣନ୍ତି ଅତୀତରେ ୩୭୦ ଧାରା ଉଚ୍ଛେଦ, ନାଗରିକତା ସଂଶୋଧନ ଆଇନ, ତିନି ତଲାକ, ସୂଚନା ଅଧିକାର ସଂଶୋଧନ ଆଇନ ଓ ୩ କଳା କୃଷକ ଆଇନ କ୍ଷେତ୍ରରେ ମଧ ବିଜେଡ଼ି ସମର୍ଥନ ଦେଇଥିଲା। ବିଜେଡ଼ି,ବିଜେପିର ବସମ୍ବଦ ପାଲଟିଛି। ଶ୍ରୀ ବେହେରା ଉଲ୍ଲେଖ କରିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ବିଜେପି ଓ କଂଗ୍ରେସ ଠାରୁ ସମଦୂରତାର ଘୋଷଣା ବସ୍ତୁତଃ ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି।

# ବିପଦ ସଂକେତ ଉପରେ ପ୍ରବାହିତ ବୈତରଣୀ: ନଦୀ କୂଳିଆ ଆତଙ୍କିତ

କୋରାଇ, ୩/୦୮ (ନି.ପ୍ର): ଲଘୁଚାପ ଜନିତ ବର୍ଷା ଯୋଗୁଁ ରାଜ୍ୟରେ ଲାଗି ରହିଛି ଅନବରତ ବର୍ଷା। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ଉପୁଜିଛି। ଯାଜପୁର ଜଳସେଚନ ଅନ୍ତର୍ଗତ ଆଖୁଆପଦା ଠାରେ ବୈତରଣୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ତଳ ଅଂଚଳରେ ବନ୍ୟା ପରିସ୍ଥିତି ଆଶଙ୍କା ଦେଖାଦେଇଛି। ଆଖୁଆପଦା ଠାରେ ବୈତରଣୀର ବିପଦ ସଙ୍କେତ ୧୭.୮୩ ମିଟର ଥିବା ବେଳେ ଆଜି ସଂଧ୍ୟାରେ ତାହା ୧୯.୩୦ ମିଟର ରେକର୍ଡ଼ କରାଯାଇଛି। ବୈତରଣୀ ନଦୀର ଶାଖାନଦୀ ବୁଢା ନଦୀରେ ମଧ୍ୟ ବନ୍ୟା ଦେଖାଦେଇଛି । ହଠାତ ଜଳସ୍ତର ବୃଦ୍ଧି ନଦୀକୂଳିଆ ବାସୀଙ୍କ ଆତଙ୍କ ଖେଳାଇ ଦେଇଛି । ଜଳସ୍ତର ଡଠାତ ବୃଦ୍ଧି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଶୁଖିଲା ନଦୀ ଏବେ ଫୁଲି କୂଳ ଲଙ୍ଘିଛି । ବନ୍ୟା ଭୟରେ ଅନେକ ଲୋକ ନଦୀ ବନ୍ଧ ଉପରେ ଆଶ୍ରୟ ନେଇଛନ୍ତି । ଜଳସ୍ତର ବୃଦ୍ଧି ଯୋଗୁ ମୂଳାପାଳ ପଂଚାୟତର ଶାଳବା ଗ୍ରାମ ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଅବିରତ ବର୍ଷା ବନ୍ଦ ନହେଲେ ଏକ ବଡ ବନ୍ୟାର ଆଶଙ୍କା କରାଯାଉଛି ।

# ଖଇରାରେ ବାରମ୍ବାର ବନ୍ୟା: ଅଭିଶପ୍ତ ପାଲଟିଛି ଅସମ୍ପୂର୍ଣ୍ଣ ଆତ୍ମହତା କେନାଲ

ଖଇରା, ୩/୦୮ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକରେ ସାମାନ୍ୟ ବର୍ଷାରେ ବନ୍ୟା ସୃଷ୍ଟି ହେବା ଏକ ନିୟମିତ ଘଟଣା ପାଲଟି ଗଲାଣି । ପ୍ରତିବର୍ଷ ଏଭଳି ମନୁଷ୍ୟକୃତ ବନ୍ୟାରେ ଖଇରାର ୮୦ଭାଗ ବ୍ୟବସାୟୀଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତିନଷ୍ଟ ହେଉଛି । ପ୍ରତି ବନ୍ୟା ସମୟରେ ପ୍ରଶାସନିକ ଅଧିକାରୀ,ଶାସକ ଦଳର ନେତୃବୃନ୍ଦ ଧୈର୍ଯ୍ୟହରା ବ୍ୟବସାୟୀ ଓ ବଜାର ସଂଲଗ୍ନ ଗ୍ରାମ ଗୁଡିକର ଅଧିବାସୀଙ୍କୁ ଭେଟି ପ୍ରତିକାର ର ଦୃଢ ପ୍ରତିଶୃତି ଦେଇ ଚାଲିଯାଉଛନ୍ତି । ବ୍ୟବସାୟୀ ମାନେ ଏହାକୁ ସାନ୍ତ୍ୱନା ଭାବେ ପୁଞ୍ଜିକରି କ୍ଷତିକୁ ଭୁଲି ନୂଆକରି ବ୍ୟବସାୟ ଆରମ୍ଭ କରୁଛନ୍ତି । ହେଲେ ପୁଣି ପୁର୍ବଯଶା ଭୋଗିବାକୁ ପଡୁଛି । ୨୦୨୧ ମସିହା ମେ ମାସର ୟାଶ ବାତ୍ୟାର ଭୟାବହତା ପରେ ସମସ୍ତେ କିଛି ଗୋଟେ ସମାଧାନର ଆଶାବାନ୍ଧି ବସିଥିଲେ । ହେଲେ ବୁଧବାର ର ପୁଣି ଥରେ କୃତ୍ରିମ ବନ୍ୟାର ପ୍ରକୋପ ବ୍ୟବସାୟୀ ମାନଙ୍କର ମେରୁଦଣ୍ଡ ଦୋହଲାଇ ଦେଇଛନ୍ତି । ପ୍ରତିବାଦର ସ୍ୱର ଶାଣିତ କରିବାକୁ




ସମସ୍ତ ବ୍ୟବସାୟୀ,ଅଞ୍ଚଳବାସୀ ଏକତ୍ର ହୋଇ ପ୍ରଶାସନ ଓ ଦାୟିତ୍ୱରେ ଥିବା ବିଧାୟକଙ୍କ ବିରୋଧରେ ମୁହଁ ଖୋଲିଛନ୍ତି । ଆଗାମୀ ଦିନରେ ଧାରଣା,ଅନଶନ ମାଧ୍ୟମରେ ନିଜର ହକ ଜାହିର କରି ଏହାର ସମାଧାନ କରିବାକୁ ଗୁରୁବାର ଦୁର୍ଗାମଣ୍ଡପ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି । ଅସମ୍ପୁର୍ଣ ଆତ୍ମହତା କେନାଲ ମୁଖ୍ୟ କାରଣ ଏବଂ ଏହାଛଡା ବଜାରରେ ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ସଠିକ ମ୍ୟାପ ପ୍ରସ୍ତୁତ କରାନଯିବା,ବିଭିନ୍ନ ସମୟରେ ଦାୟିତ୍ୱରେ ରହୁଥିବା ତହସିଲଦାର ମାନେ ପାତରଅନ୍ତର ନିତିରେ ସରକାରୀ ଜମିକୁ ପଟ୍ଟାପ୍ରଦାନ କରିବା, ଜବରଦଖଲ କରି ରଖାଯାଇଥିବା ସରକାରୀ ନାଳକୁ ମୁକ୍ତ କରାନଯିବା ଭଳି ଅନ୍ୟାନ୍ୟ ଆନୁସଙ୍ଗୀକ କାରଣ କୁ ଏହି ବନ୍ୟାପାଇଁ ଉକ୍ତ ସମ୍ମିଳନୀରେ ଦାୟୀ କରାଯାଇଛି । ଯୁବ ବ୍ୟବସାୟୀ ଅଜୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବଣିକ ସଂଘ ସଭାପତି ରବିନ୍ଦ୍ର ବିଶ୍ୱାଳ,ବ୍ୟବସାୟୀ ଜିତେନ୍ଦ୍ର ରାଉତ,ପ୍ରଦୀପ ନାୟକ,ପ୍ରଶାନ୍ତ ବେହେରା,ଅଦେଶ ଦାସ ପ୍ରମୁଖ ଯୋଗ ଦେଇ କରୋନାର ଯନ୍ତ୍ରଣା ରୁ ଉପଶମ ମିଳିନଥିବା ବେଳେ ବାରମ୍ବାର ବନ୍ୟା ସବୁକିଛି ଛଡାଇ ନେଇଛି । ବର୍ଷକର ଆୟ ପାଣିରେ ପଡୁଛି । ପୁର୍ବରୁ କୋଚିଆକୋଇଲିରୁ ବଣପାରିଆ ମଧ୍ୟରେ ୭ଟି ପୋଲ ଏବଂ କଲଭର୍ଟ ଥିବା ବେଳେ ଏବେ ମାତ୍ର ଗୋଟିଏ ପୋଲ ଅଛି ତାହାର ସମ୍ମୁଖଭାଗ ମଧ୍ୟ ଅଣଉସାରିଆ ହୋଇଥିବାରୁ ବଜାରକୁ ଆସୁଥିବା ଜଳ ନିଷ୍କାସିତ ହୋଇ ପାରୁନାହିଁ । ଏଥିପାଇଁ ପ୍ରଶାସନ ମଝିରେ ମଝିରେ ପ୍ରତିଶୃତି ଦେଇ କେବଳ ଉପହାସ କରିବା ସାର ହେଉଛି । ଏହାଛଡା ଅଞ୍ଚଳବାସିନ୍ଦା ଭାବେ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ,ଆଇନଜିବୀ ଉପେନ୍ଦ୍ର ଭୁୟାଁ,ନହଙ୍ଗ ସମିତି ସଭ୍ୟ ଅଜିତ ଦାସ ଯୋଗ ଦେଇ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ପ୍ରଦାନ କରୁଥିବା ବେଳେ ଅସମ୍ପୁର୍ଣ୍ଣ କେନାଲ ଓ ଅସଜଡା ଡ୍ରେନେଜ ବ୍ୟବସ୍ଥା ପାଇଁ ଜଳସେଚନ, ପୁର୍ତ୍ତ,ଡ୍ରେନେଜ ବିଭାଗ ଓ ଶାସକ ଦଳ ନେତା ମୁଖ୍ୟତ ଦାୟୀ ବୋଲି କହିଛନ୍ତି ।

# ଗଞ୍ଜାମ ଜିଲ୍ଲାରେ ଡେଙ୍ଗୁ ପଜିଟିଭ୍ ସଂଖ୍ୟା ୫କୁ ବୃଦ୍ଧି: ସ୍ୱାସ୍ଥ୍ୟ ବିଭାଗର ତତ୍ପରତା

ଗଞ୍ଜାମ, ୩/୦୮ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ପୁଣି ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ରୋଗୀ ଜଣକ ବ୍ରହ୍ମପୁର ଉପକଣ୍ଠସ୍ଥ ଭାବିନୀପୁର ଅଂଚଳର ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି । ଗଞ୍ଜାମ ଜିଲ୍ଲାରେ ଡେଙ୍ଗୁ ପଜିଟିଭ୍ ସଂଖ୍ୟା ଇତିମଧ୍ୟରେ ୫ରେ ପହଂଚିଛି । ଏହି ରୋଗୀ ଜଣକ ମଧ୍ୟ ବାହାର ଅଂଚଳରୁ ଆସିଥିବା ସୂଚନା ମିଳିଛି । ଭାବିନୀପୁର ଅଂଚଳରେ ଜଣେ ମହିଳା ହାଇଦ୍ରାବାଦ ଯାଇଥିଲେ । ତାଙ୍କୁ ସେଠାରେ କିଛି ଦିନ ଧରି ଜ୍ୱର ହୋଇଥିଲା । ଏହାପରେ ସେ ଘରକୁ ଚାଲି ଆସିଥିଲେ । ଘରକୁ ଆସି ଡେଙ୍ଗୁ ପରୀକ୍ଷା କରିବା ପରେ ତାଙ୍କ ନମୂନା ପଜିଟିଭ୍ ଆସିଛି । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଥିବା ବେଳେ ସେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରୁଛନ୍ତି । ଯେଉଁ ଅଂଚଳରେ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହେଉଛନ୍ତି, ସେଠାକୁ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଇ ଜନସାଧାରଣଙ୍କୁ ସଚେତନ କରୁଛି । ପୂର୍ବରୁ ଗଞ୍ଜାମ ଜିଲ୍ଲାରେ ଯେଉଁ ୪ ଜଣ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ସେମାନେ ମଧ୍ୟ ବାହାର ଅଂଚଳରୁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ସମ୍ପ୍ରତି ବର୍ଷା ଋତୁ ଚାଲିଥିବାରୁ ଡେଙ୍ଗୁର ଅଧିକ ଭୟ ରହିଛି । ଏଣୁ ଦୀର୍ଘ ଦିନ ଧରି ଗୋଟିଏ ସ୍ଥାନରେ ପାଣି ଜମିବାକୁ ନ ଦେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆହ୍ୱାନ ଦିଆଯାଇଛି । ବ୍ରହ୍ମପୁର ବଡ ମେଡିକାଲରେ ଡେଙ୍ଗୁ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ଼ ଖୋଲାଯାଇଛି । ସେଠାରେ ଡେଙ୍ଗୁ ରୋଗୀ ମାନଙ୍କ ଚିକିତ୍ସା କରାଯାଉଛି । ଘଟଣା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରରେ ପ୍ରତିକାର ଓ ପ୍ରତିଶେଧକ ବ୍ୟବସ୍ଥା କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇଛି । ତେବେ ଗ୍ରାମାଚଂଳରେ ତଥା ବିଭିନ୍ନ ପଂଚାୟତରେ ନାଳ, ନର୍ଦ୍ଦମା, ଘାଷଲଟା ବୁଦା ସଫା ହୋଇନଥିବାରୁ ରୋଗ ବ୍ୟାପିବା ଆଶଙ୍କା କରାଯାଉଛି ।

# ଅର୍ଚ୍ଚନା ନାଗ ସହଯୋଗୀ ଖଗେଶ୍ୱରଙ୍କ ଜାମିନ ଆବେଦନର ଶୁଣାଣି: ରାୟ ସଂରକ୍ଷିତ

ଭୁବନେଶ୍ୱର, ୩/୦୮ (ନି.ପ୍ର): ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ ସହଯୋଗୀ ଖଗେଶ୍ୱର ପାତ୍ରଙ୍କ ଜାମିନ ଆବେଦନ ନେଇ ହାଇକୋର୍ଟରେ ଶୁଣାଣି ହୋଇଛି । ଇଡି ମାମଲାରେ ଖଗେଶ୍ୱର କରିଥିବା ଜାମିନ୍ ଆବେଦନର ଶୁଣାଣି କରିଛନ୍ତି ହାଇକୋର୍ଟ । ଜାମିନ ଆବେଦନ ଉପରେ ଶୁଣାଣି ଶେଷ କରି ହାଇକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି । ବେଆଇନ ଅର୍ଥ କାରବାର ମାମଲାରେ ଖଗେଶ୍ୱରଙ୍କ ନାଁରେ ଇଡିରେ ମାମଲା ଅଛି । ଏହି ମାମଲାରେ ଏବେ ଜେଲ୍ ରେ ଅଛନ୍ତି ଖଗେଶ୍ୱର ପାତ୍ର ।

# ଫାଇଲେରିଆ ନିରାକରଣ ସମ୍ବନ୍ଧୀୟ ସମନ୍ୱୟ କମିଟି ବୈଠକ

ବାରିପଦା, ୩/୦୮ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଫେସିଲିଟେସନ ସେଣ୍ଟର କକ୍ଷରେ ଫାଇଲେରିଆ ନିରାକରଣ ସମ୍ବନ୍ଧୀୟ ଦ୍ୱିତୀୟ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜ୍ଞାନେନ୍ଦ୍ର ମହାନ୍ତି, ଜିଲ୍ଲା ରେ ଚଳିତ ଅଗଷ୍ଟ ୧୦ ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଫାଇଲେରିଆ ନିରାକରଣ ଅଭିଯାନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଓଡିଶାରେ ୧୧ଟି ଫାଇଲେରିଆ ପ୍ରବଣ ଜିଲ୍ଲା ମଧ୍ୟରେ ମୟୁରଭଞ୍ଜ ଜିଲ୍ଲା ଚିହ୍ନିତ ହୋଇଥିବାରୁ ଏହାର ନିରାକରଣ ପାଇଁ ୨୦୨୧ ମସିହାରୁ ପ୍ରୟାସ ଚାଲିଥିବା ବେଳେ ଚଳିତ ବର୍ଷ ଏହାକୁ ସମ୍ପୂର୍ଣ୍ଣ ନିରାକରଣ ପାଇଁ ଉଦ୍ୟମ କରାଯାଉଛି ବୋଲି କହିଥିଲେ । ଡିଇସି ବଟିକା ସହିତ ଆଲବେଣ୍ଡାଜଲ ଓ ଏଇଭରମେକ୍ଟିନ ବଟିକା ଗୋଟିଏ ମାତ୍ରାରେ ସମୁଦାୟ ୮ ଟି ବଟିକା ଖାଦ୍ୟ ଖାଇସାରିବା ପରେ ଏକ ସଙ୍ଗରେ ଖାଇବା ପାଇଁ ପରାମର୍ଶ ଦିଆଯାଇଛି । ଗର୍ଭବତୀ ମହିଳା,୨ ବର୍ଷ ରୁ କମ ବୟସ ଶିଶୁ, ଏକ ସପ୍ତାହ ମଧ୍ୟରେ ଶିଶୁ ଜନ୍ମ କରିଥିବା ମା ଓ ଅତ୍ୟନ୍ତ ଅସୁସ୍ଥ ବ୍ୟକ୍ତିଙ୍କୁ ଏହି ବଟିକା ଖାଇବା ପାଇଁ ବାରଣ କରାଯାଉଛି ବୋଲି ଏଡିପିଏଚଓ ଡାକ୍ତର ବନମାଳୀ ପ୍ରଧାନ କହିଥିଲେ । ଏହି ଅଭିଯାନ ରେ ଆଶାକର୍ମୀ, ଅଙ୍ଗନବାଡି କର୍ମୀ କିମ୍ବା ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ମାନେ ସମସ୍ତ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଏବଂ ଏକାଧିକବାର ଘରକୁ ଘର ଯାଇ ପ୍ରତ୍ୟେକ ଲୋକଙ୍କୁ ଏହି ଔଷଧ ଖୁଆଇବା ସହିତ ପ୍ରତ୍ୟେକ ସରକାରୀ ବେସରକାରୀ କାର୍ଯ୍ୟାଳୟ ଅନୁଷ୍ଠାନର କର୍ମକର୍ତ୍ତା ମଧ୍ୟ ଉକ୍ତ ଔଷଧ ସେବନ କରିବେ ବୋଲି ଜଣାଯାଇଛି । ଭିବିଡି କନ୍ସଲଟାଣ୍ଟ ଶୁଚିସ୍ମିତା ପାତ୍ର ପାୱାର ପଏଣ୍ଟ ମାଧମ ରେ ଜିଲ୍ଲା ରେ ଏହି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ହୋଇଥିବା ଆକ୍ସନ ପ୍ଲାନ ସମ୍ବନ୍ଧ ରେ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ଉପସ୍ଥିତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ ବିଭାଗର ଅଧିକାରୀ ମାନଙ୍କୁ ନିଜ ନିଜ ମଧ୍ୟରେ ସମନ୍ୱୟ ରଖି ଆକ୍ସନ ପ୍ଲାନ ଅନୁଯାୟୀ ନିଜ ନିଜ ସ୍ତରରେ ଉଚିତ ପଦକ୍ଷେପ ନେଇ ଜିଲ୍ଲାରେ ଏହି ଅଭିଯାନ କୁ ସଫଳ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ବୈଠକ ରେ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ, ପୋଲିସ ବିଭାଗୀୟ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ବିରୁଦ୍ଧରେ ନ୍ୟାୟାଳୟର ଆଶ୍ରୟ ନେବ କଂଗ୍ରେସ

ଭୁବନେଶ୍ୱର, ୩/୦୮ (ନି.ପ୍ର): ସଂପ୍ରତି ଓଡ଼ିଶା ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା ନାମରେ ଯେଉଁ ଯୋଜନା ଆଣିଛନ୍ତି ତାହା ସମ୍ବିଧାନ ବିରୋଧି, ପଂଚାୟତ ପ୍ରତିନିଧି ମାନଙ୍କ ପ୍ରତି ଉପହାସ ଓ ପଂଚାୟତ ବ୍ୟବସ୍ଥା ଉପରେ କୁଠାରଘାତ ବୋଲି ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ତଥା ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନର ଅଧକ୍ଷ ସୁଦର୍ଶନ ଦାସ କହିଛନ୍ତି । ଏହା ବିରୁଦ୍ଧରେ ବିଚାରାଳୟର ଆଶ୍ରୟ ନେବା ସହିତ ପଂଚାୟତ ପ୍ରତିନିଧି ମାନଙ୍କ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ମାଧ୍ୟମରେ ଏହା ବିରୁଦ୍ଧରେ ଜନମତ ସୃଷ୍ଟି ପାଇଁ ପ୍ରୟାସ କରାଯିବ । ଆସନ୍ତା ଅଗଷ୍ଟ ୨୦ ତାରିଖ ରାଜୀବ ଗାନ୍ଧୀଙ୍କ ଜନ୍ମଜୟନ୍ତୀ ଅବସରରେ ଏକ ରାଜ୍ୟସ୍ତରୀୟ ପଂଚାୟତ ପ୍ରତିନିଧି ସମ୍ମିଳନୀ ଆୟୋଜିତ ହେବ । ସେ କହିଛନ୍ତି ଗ୍ରାମ ସଭାର ବିନା ସୁପାରିଶ ଓ ଅନୁମୋଦନରେ ପଂଚାୟତରେ କୌଣସି କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି ସମ୍ବିଧାନ କହିଛି । ତୃଣମୂଳ ସ୍ତରରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ପଂଚାୟତ ବ୍ୟବସ୍ଥାରେ ଫଣ୍ଡ, ଫଙ୍କସନ ଓ ଫଙ୍କସ୍‌ନାରୀ ବା ଅର୍ଥ, କାର୍ଯ୍ୟକ୍ରମ ଓ କାର୍ଯ୍ୟକର୍ତ୍ତା ଉପରେ ଗୁରୁତ୍ୱ ସମ୍ବିଧାନ ଦେଇଛି । ମାତ୍ର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଗ୍ରାମ ସଭା, ପଂଚାୟତ ପ୍ରତିନିଧି ଓ ପଂଚାୟତ ବ୍ୟବସ୍ଥାକୁ ଆଦୌ ଗୁରୁତ୍ୱ ଦିଆଯାଇ ନାହିଁ କିମ୍ବା ଏ ବିଷୟରେ ଗାଇଡଲାଇନରେ କୌଣସି ଯାଗରେ ଉଲ୍ଲେଖ କରାଯାଇ ନାହିଁ । ଏହା ସମ୍ବିଧାନ ପ୍ରତି ଉପହାସ ବୋଲି ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନର ରାଜ୍ୟ ପ୍ରଭାରୀ ତଥା ଜାତୀୟ ଆବାହକ କୁନାଲ ବାର୍ନାଜୀ ଅଭିଯୋଗ କରିଛନ୍ତି । ପ୍ରତି ପଂଚାୟତକୁ ୫୦ଲକ୍ଷ ଟଙ୍କାର ଅନୁଦାନ ଦିଆଯିବ ବୋଲି ଯୋଜନାରେ ଉଲ୍ଲେଖ ଅଛି । ଏଥିରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହିତ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି କୁହାଯାଇଛି । ମାତ୍ର ଏହାକୁ କାର୍ଯ୍ୟକାରି କରିବା କ୍ଷେତ୍ରରେ ପଂଚାୟତି ରାଜ ସଂସ୍ଥା ଓ ପଂଚାୟତ ପ୍ରତିନିଧି ମାନଙ୍କୁ ସଂଶ୍ଳିଷ୍ଟ କରାନଯିବା ପଂଚାୟତ ପ୍ରତିନିଧି ମାନଙ୍କ ପ୍ରତି ଉପହାସ । ଯେଉଁ ସରପଂଚ ମାନଙ୍କୁ କରୋନା ସମୟରେ ମୁଖ୍ୟମନ୍ତ୍ରୀ କଲେକ୍ଟର ବନେଇଥିଲେ ସେମାନେ ଏବେ ତାଙ୍କ ପଂଚାୟତରେ ରୂପାୟନ ହେବାକୁ ଥିବା ଯୋଜନାରେ ଭାଗିଦାର ହେବାର ସୁଯୋଗ ନପାଇବା ଦୁର୍ଭାଗ୍ୟଜନକ । ଯୋଜନାର ଗାଇଡଲାଇନ ମୁତାବକ ପଂଚାୟତ ସମିତି ପ୍ରକଳ୍ପ ଗୁଡ଼ିକର ରୂପାୟନ କରିବେ ବୋଲି ଉଲ୍ଲେଖ ଥିଲେ ମଧ୍ୟ ଏସବୁ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବ ଏବଂ ଏହାର ଚୂଡ଼ାନ୍ତ ନିଷ୍ପତି ଜିଲ୍ଲାପାଳମାନେ ନେବେ ବୋଲି ନିର୍ଦ୍ଦେଶ ରହିଛି । ଅର୍ଥାତ ଏଠାରେ ତ୍ରିସ୍ତରୀୟ ପଂଚାୟତ ବ୍ୟବସ୍ଥା ପ୍ରତି ଉପହାସ କରାଯାଇଛି ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ସଂଗଠନ ତରଫରୁ ଅଭିଯୋଗ କରାଯାଇଛି । ଏହା ବିରୁଦ୍ଧରେ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହେବ ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନ । ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ବିସ୍ମୟ ମହାପାତ୍ର ଓ ନିରଦ ବରଣ ଖୁଂଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ୨୦୨୩ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୩/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ମହକୁମାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ, ୨୦୨୩ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ୪ ଘଟିକା ସମୟରେ ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ




ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜାତୀୟ ଦିବସ କୁ ଆନନ୍ଦ ରେ ପାଳନ କରିବା ନିମନ୍ତେ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ଗୁଡିକର ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା । ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ବାଲେଶ୍ୱର ପୌରାଂଚଳରେ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ତରଫରୁ ରାମଧୂନ ପରିବେଷଣ କରାଯିବ । ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ସକାଳ ୦୭.୩୦ ମିନିଟ ସୁଦ୍ଧା ଜାତୀୟ ପତାକା ଉତୋଳନ କରାଯିବ । ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତିରେ ସକାଳେ ମାଲ୍ୟାର୍ପଣ କରାଯିବ । ସ୍ଥାନୀୟ ରିଜର୍ଭ ପୁଲିସ ପରେଡ୍ ପଡିଆଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ସକାଳ ଘ ୯.୧୫ ମି ସମୟରେ ଜାତୀୟ ପତାକା ଉତୋଳନ କରିବେ । ଚଳିତ ବର୍ଷ ଆନୁଷ୍ଠାନିକ ପରେଡ/ ମାର୍ଚ୍ଚପାଷ୍ଟ ରେ ଛାତ୍ରଛାତ୍ରୀ ଓ ପୋଲିସ ବାହିନୀ ସାମିଲ ହୋଇ ଜାତୀୟ ପତାକାକୁ ସମ୍ମାନ ଏବଂ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବେ । ସେହି ପରି ଏହି ଦିବସ ରେ ଏକ ପୁସ୍ତକ ମେଳା ର ଆୟୋଜନ କରିବା ପାଇଁ ମଧ ନିଷ୍ପତି ନିଆ ଯିବା ଉପରେ ଆଲୋଚନା କରାଯାଇ ଥିଲା । ବାହାନଗା ରେଳ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟରେ ଯୋଗ ଦେଇ ଥିବା ବିଭିନ୍ନ ସ୍ୱେଚ୍ଛାସେବୀ, ଭାରତୀୟ ତଥା ଓଡିଶା ପ୍ରଶାସନିକ ସେବା ଭଳି ଜାତୀୟ ସ୍ତରର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଥିବା ଛାତ୍ରଛାତ୍ରୀ, କ୍ରୀଡା କ୍ଷେତ୍ର ରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି ଥିବା କ୍ରୀଡ଼ାବିତ ଇତ୍ୟାଦିଙ୍କ ପାଇଁ ସମ୍ବର୍ଦ୍ଧନା ଓ ପୁରଷ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧ ପ୍ରବନ୍ଧ, କୁଇଜ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରାଯାଇଛି । ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା । ଏତଦ୍ ବ୍ୟତୀତ ସ୍ୱାଧୀନତା ଦିବସ ସମାରୋହର ସୁପରିଚାଳନା ନିମନ୍ତେ ମଂଚ ସଜ୍ଜା, ପରିମଳ, ଆଶୁ ଚିକିତ୍ସା, ଆଇନଶୃଙ୍ଖଳା, ପାନୀୟ ଜଳ, ଅତିଥି ବସିବା ସ୍ଥାନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦେଶ ଦେଇଛନ୍ତି । ଆଜିର ବୈଠକରେ ଶ୍ରୀ ସ୍ୱରୂପ କୁମାର ଦାସ, ବିଧାୟକ, ବାଲେଶ୍ୱର, ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଖୁଶଓ୍ୱନ୍ତ ସିଂ, ଉପଖଣ୍ଡ ବନ ଅଧିକାରୀ, ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଶ୍ରୀମତୀ ସବିତା ସାହୁ, ଅଧକ୍ଷା, ବାଲେଶ୍ୱର ପୌରପାଳିକା, ଡ଼ ଦୁଲାଳସେନ ଜଗତ ଦେଓ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ବରିଷ୍ଠ ଅଧିକାରୀ, ବିଭିନ୍ନ ଗଣମାଧମ କର୍ମକର୍ତ୍ତା, ସ୍ୱେଚ୍ଛା ସେବି ଅନୁଷ୍ଠାନ ଅଧିକାରୀ ବୃନ୍ଦ ଏବଂ ସମାଜସେବୀ ଯୋଗ ଦେଇ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ ।

# ନବୀନ ଓଡିଶା ମଞ୍ଚ ପକ୍ଷରୁ ଚାଷୀଙ୍କୁ ଜୈବଖତ ବଣ୍ଟନ



ଲଙ୍ଗଳେଶ୍ୱର, ୩/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରାମରେ ଆଜି ଚାଷୀମାନଙ୍କ ଉନ୍ନତିକରଣ ଏବଂ ଜୈବିକ କୃଷିର ପ୍ରସାର ନିମନ୍ତେ ଚାଷୀଙ୍କୁ 'ନବୀନ ଓଡିଶା ମଞ୍ଚ' ପକ୍ଷରୁ ଜୈବଖତ ବଣ୍ଟନ କରାଯାଇଛି । ନବୀନ ଓଡିଶା ମଞ୍ଚ ପକ୍ଷରୁ ମଞ୍ଚ ସଭାପତି ତୁଷାରକାନ୍ତ ବେହେରା ଯୋଗ ଦେଇ ଚାଷୀଙ୍କୁ ଜୈବିକ କୃଷିର ଉପକାରିତା ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ବିଭିନ୍ନ ଚାଷ ଉପଯୋଗୀ ସହାୟତା ଏବଂ ଯୋଜନା ସଂପର୍କରେ ଚାଷୀଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଗାଁ ମାଲିକ ଯୁଗଳ କିଶୋର ପାତ୍ର, ୱାର୍ଡମେମ୍ବର ସଭ୍ୟା ଶାନ୍ତିଲତା ଦାସ,ଚାଷୀ ଧ୍ରୁବ ଚରଣ ଜେନା,ଶ୍ରୀନିବାସ ବେହେରା,ଜଳଧର ଦେ, ତପନ ସାହୁ,ପ୍ରାଣକୃଷ୍ଣ ବେହେରା, ପ୍ରମୁଖ ଗ୍ରାମର ବହୁ ଚାଷୀ ଉପସ୍ଥିତ ଥିଲେ । ସମସ୍ତ ଚାଷୀଙ୍କୁ ମଞ୍ଚ ସଭାପତି ଶ୍ରୀ ବେହେରା ଜୈବଖତ ବଣ୍ଟନ କରିଥିଲେ । ମଞ୍ଚ ପକ୍ଷରୁ ସୁଧାଂଶୁ ଦଳାଇ, ଗୌରାଙ୍ଗ ମଙ୍ଗରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜାଇକା ପ୍ରକଳ୍ପ ବିଳମ୍ବ ନେଇ ହାଇକୋର୍ଟରେ ପିଆଇଏଲ୍

ଭୁବନେଶ୍ୱର, ୩/୦୮ (ନି.ପ୍ର): କଟକରେ ଜାଇକା ପ୍ରକଳ୍ପ କାର୍ଯ୍ୟର ଅହେତୁକ ବିଳମ୍ବ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ହିନ୍ଦୁ ସେନା ସଭାପତି ଦେବାଶିଷ ରାଉତଙ୍କ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି । କେତେ ସମୟ ମଧ୍ୟରେ ଜାଇକା ସ୍ୱେରେଜ ଓ ବକ୍ସ ଡ୍ରେନ ପ୍ରକଳ୍ପ କାର୍ଯ୍ୟ ଶେଷ କରିବ, ଏହି ପ୍ରକଳ୍ପ ଯୋଗୁଁ କେତେ ଲୋକଙ୍କ ଜୀବନ ଯାଇଛି, ମୃତକଙ୍କ ପରିବାରକୁ କେତେ କ୍ଷତିପୂରଣ ଦିଆଯାଇଛି ଜାଇକା କର୍ତ୍ତୃପକ୍ଷ ଜବାବ ଦିଅନ୍ତୁ ବୋଲି ଆବେଦନକାରୀଙ୍କ ପକ୍ଷରୁ ମାମଲା କରାଯାଇଛି ।ଏହି ମାମଲାରେ ନଗର ଉନ୍ନୟନ ସଚିବ, ଜାଇକା ମୁଖ୍ୟ ଯନ୍ତ୍ରୀ, କଟକ ମହାନଗର ନିଗମ ଓ କଟକ ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି ।

# ଅନ୍ତୋଦୋୟ କାର୍ଡ଼ ଅଛି, ମିଳୁନାହିଁ ଚାଉଳ: ଗୌରି ଟୁଡୁ

ଉଦଳା, ୩/୦୮ (ନି.ପ୍ର): ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ଦରିକୁଲା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଗୌରି ଟୁଡୁଙ୍କୁ ବର୍ତମାନ ବୟସ ୭୨ ଛୁଇଁଲା । ଦିନ ମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିର ଗୁଜୁରାଣ ମେଟାଂଉଥିବା ଗୌରି ଅବିବାହିତ ଅଛନ୍ତି । ତାଙ୍କର ଅନ୍ତଦ୍ୱୟ କାର୍ଡ଼ ଥିଲେ ମଧ ଆଜକୁ ୧୦ ବର୍ଷ ହେବ ଚାଉଳ ମିଳୁନଥିବାର କଥା ଗୌରି ଜଣାଇଛନ୍ତି । ବାର୍ଦ୍ଧକ୍ୟର ଯନ୍ତ୍ରଣା ସାଙ୍ଗକୁ ଦୁଃଖ କଷ୍ଟ ମଧ୍ୟରେ ଦିନ ବିତାଉଥିବା ଗୌରିଙ୍କୁ ତୁରନ୍ତ ଚାଉଳ ପ୍ରଦାନ କରିବାକୁ ଜନଜାଗୃତି ମଂଚର ସଦସ୍ୟା ସସ୍ମିତା ଖଣ୍ଡେଇ ଦାବି ଜଣାଇଛନ୍ତି । ସେହିପରି ଗୌରି ବିଜୁ ସ୍ୱାସ୍ଥ୍ୟ କାର୍ଡ଼ରୁ ମଧ ବଂଚିତ ଥିବାର ଜଣାଯାଇଛି ।



# ସାମ୍ଭାବ୍ୟ ବନ୍ୟା ପାଇଁ ଛୁଟି ବାତିଲ୍ କଲେ ଜିଲ୍ଲାପାଳ

ପୁରୀ, ୩/୦୮ (ନି.ପ୍ର): ସମଗ୍ର ରାଜ୍ୟରେ ଗତ ଦୁଇରୁ ତିନି ଦିନ ଧରି ଲଗାଣ ବର୍ଷା ଜାରି ରହିଥିବା ଯୋଗୁଁ ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏସଆରସିଙ୍କ ସୂଚନା ଅନୁସାରେ, ମହାନଦୀ ସିଷ୍ଟମରେ ବନ୍ୟାର ଆଶଙ୍କା ଅଛି ଓ ତଳିଆ ଅଂଚଳରେ ପାଣି ଜମି ଯିବାର ସମ୍ଭାବନା ରହିଛି ।ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସମର୍ଥ ବର୍ମା ଆଜି ପୂର୍ବାହ୍ନରେ ଓସ୍ୱାନ ସମ୍ମିଳନୀ କକ୍ଷରେ ଭିଡିଓ କନଫେରେନ୍ସ ମାଧ୍ୟମରେ ଏକ ଜରୁରୀ ବୈଠକ କରିଥିଲେ । ଏହି ବୈଠକରେ ସମସ୍ତ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଓ ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଯୋଗ ଦେଇଥିଲେ । ବନ୍ୟା ପରିସ୍ଥିତି ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ବା କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ନଦୀ ବନ୍ଧର ଦୁର୍ବଳ ସ୍ଥାନ ଚିହ୍ନଟ ସହ ୨୪ ଘଂଟିଆ ପାଟ୍ରୋଲିଂ କରିବା, ଆବଶ୍ୟକତା ପାଇଁ ବାଲି ବସ୍ତା, ବହ୍ଲା ଇତ୍ୟାଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଯୁଦ ରଖିବା, ବିଭିନ୍ନ କାର୍ଯ୍ୟାଳୟ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲି ତଥ୍ୟ ପ୍ରଦାନ କରିବା, ବ୍ଲକ ସ୍ତରରେ ବିଡ଼ିଓ, ତହସିଲଦାର, ମେଡ଼ିକାଲ ଅଫିସର, ଆଇଆଇସି, ଅନ୍ୟାନ୍ୟ ଅଧିକାରୀ ଓ ଲାଇନ ଡିପାର୍ଟମେଂଟର ଅଧିକାରୀ ମାନଙ୍କୁ ନେଇ ଯୁଗ୍ମ କମିଟି ମାଧ୍ୟମରେ ନିୟମିତ ପରିସ୍ଥିତିର ଅନୁଧ୍ୟାନ କରି ପଦକ୍ଷେପ ନେବା, ଲୋକ ପ୍ରତିନିଧି, ପଂଚାୟତ ପ୍ରତିନିଧି, ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗ ନେବା, ବନ୍ୟା ବାତ୍ୟା ଆଶ୍ରୟ ସ୍ଥଳ ଗୁଡିକୁ ବାସ ଉପଯୋଗୀ କରି ବିଦ୍ୟୁତ, ପାନୀୟ ଜଳ ଇତ୍ୟାଦି ବ୍ୟବସ୍ଥା କରିବା, ଅତ୍ୟାବଶ୍ୟକ ଖାଦ୍ୟ ମହଯୁଦ ରଖିବା, ବିଭିନ୍ନ ଔଷଧ ବିଶେଷ କରି ଓ ଆର ଏସ ଓ ଆଂଟିଭେନମ ଅଧିକ ପରିମାଣରେ ଗଚ୍ଛିତ ରଖିବା, ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ଶ୍ରୀ ବର୍ମା ନିର୍ଦ୍ଦେଶ ଦେଇଛନ୍ତି । ତତ ସହିତ କୌଣସି ଅବହେଳାକୁ ବରଦାସ୍ତ କରିଯିବ ନାହିଁ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ବିଗତ ବର୍ଷ ମାନଙ୍କର ବନ୍ୟା ସ୍ଥିତି ସମ୍ପର୍କରେ ଆଲୋକପାତ କରି ବିଶେଷ କ୍ଷତିଗ୍ରସ୍ତ ଆଶଙ୍କା ଥିବା ଅସ୍ତରଙ୍ଗ, କାକଟପୁର, ନିମାପଡା, ଗୋପ, ପିପିଲି, ଡେଲାଙ୍ଗ, କଣାସ, ସତ୍ୟବାଦୀ ଓ ପୁରୀ ସଦର ବ୍ଲକ ଗୁଡିକ ଅଧିକ ତତ୍ପରତା ଓ ଗୁରୁତ୍ୱର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମିଳିତ ଭାବେ ଟିମ ସ୍ପିରିଟରେ କାମ କରିବାକୁ ସେ ଅନୁରୋଧ କରିଥିଲେ । ଜିଲ୍ଲାରେ ୧୭୦ଟି ଓସଡମାର,୯ ଗୋଟି ରେଡକ୍ରସର ଓ ୩୭୦ ଗୋଟି ଅନ୍ୟାନ୍ୟ ଆଶ୍ରୟ ସ୍ଥଳ ରହିଛି । ସେହିପରି ୩୨ ଏସ ଆର ସି ବୋଟ ମହଯୁଦ ଅଛି ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟରତ ସଭାପତିଙ୍କ ଜାମୁଡିହା ଆଦର୍ଶ ବିଦ୍ୟାଳୟ ଗସ୍ତ

ନୀଳଗିରି, ୩/୦୮ (ନି.ପ୍ର): ଓଡ଼ିଶା ଆଦର୍ଶ ବିଦ୍ୟାଳୟର କାର୍ଯ୍ୟରତ ସଭାପତି ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶିକ୍ଷା ପରାମର୍ଶଦାତା ଉପେନ୍ଦ୍ରନାଥ ତ୍ରିପାଠୀ ଗୁରୁବାର ଦିନ ନୀଳଗିରିସ୍ଥିତ ଜାମୁଡିହା ଆଦର୍ଶ ବିଦ୍ୟାଳୟ ଗସ୍ତ କରିଥିଲେ। ଏହା ତାଙ୍କର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାକୁ ସାଧାରଣ ଗସ୍ତ ଥିଲା। ଏହି ଗସ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରି ବିଷ୍ଣୁ ଚରଣ ସୁତାର, ଦୁଇ ଜିଲ୍ଲା ସହ ଶିକ୍ଷାଧିକାରୀ ଧରଣୀଧର ପାତ୍ର ଓ ପ୍ରାଚୀ ତନୟା ଗିରି, ବ୍ଲକ ଶିକ୍ଷାଧିକାରୀ ସ୍ନିଗ୍ଧା ପଣ୍ଡା ଙ୍କ ସହ ଅନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଦର୍ଶନରେ ଯାଇ ପିଲାମାନଙ୍କ ସହିତ ପାଠପଢ଼ା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ତେବେ ଷଷ୍ଠ ଶ୍ରେଣୀର ପିଲାଙ୍କୁ ଭେଟି କେଉଁ ପିଲାମାନେ ଆଗକୁ ଯାଇ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବାକୁ ଚାହୁଁଛ ବୋଲି ପ୍ରଶ୍ନ କରିଥିଲେ। ୬ଜଣ ପିଲା ଏହି ସେବାରେ ଯୋଗ ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ। ଶ୍ରୀଯୁକ୍ତ ତ୍ରିପାଠୀ ସେମାନଙ୍କୁ ଆଶିର୍ବାଦ କରିବା ସହିତ ପ୍ରତ୍ୟେକଙ୍କୁ ଛଅଶହ ଟଙ୍କା ଲେଖାଏଁ ଦେଇ ଆଇ ଏ ଏସ ପାଇଁ ଅଗ୍ରୀମ ଦେଲେ ବୋଲି କହି ପ୍ରୋତ୍ସାହିତ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଚାରାଗଛ ରୋପଣ କରିଥିଲେ। ବିଦ୍ୟାଳୟର ଅଧକ୍ଷ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। ପରେ ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ଯାଇଥିଲେ।



# ୩ ଦଫା ଦାବି ନେଇ ସମୂହ ଛୁଟିରେ ରହିବେ ପ୍ରାଥମିକ ଶିକ୍ଷକ



ଭଦ୍ରକ, ୩/୦୮ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଡାକରାରେ ଭଦ୍ରକ ଜିଲ୍ଲାର ସବୁ ବର୍ଗର ପ୍ରାଥମିକ ଶିକ୍ଷକ ସଂଗଠନଗୁଡ଼ିକ ତିନି ଦଫା ଦାବି ପୂରଣ ସକାଶେ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଏକତ୍ରିତ ହୋଇଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଗଠନ ଭଦ୍ରକ ଜିଲ୍ଲା ଶାଖାର ସଭାପତି ବାବୁଲା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଶିକ୍ଷକମାନଙ୍କର ଦୀର୍ଘଦିନରୁ ହୋଇ ଆସୁଥିବା ତିନି ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର ସବୁ ବର୍ଗର କର୍ମଚାରୀମାନଙ୍କର ଠିକା ନିଯୁକ୍ତିକୁ ଉଚ୍ଛେଦ କରିଥିବାବେଳେ, ପ୍ରାଥମିକ ଶିକ୍ଷକମାନେ ଏଥିରୁ ବାଦ ପଡ଼ିଛନ୍ତି। ଏହାର ପ୍ରତିବାଦରେ ପ୍ରାଥମିକ ସ୍କୁଲଗୁଡ଼ିକରେ କାର୍ଯ୍ୟରତ ସମସ୍ତ ଶିକ୍ଷକମାନଙ୍କ ଠିକା ନିଯୁକ୍ତି ଉଚ୍ଛେଦ କରି ଠିକା ନିଯୁକ୍ତି ସମୟକୁ ମୂଳ ଚାକିରୀରେ ଗଣନା କରିବା ସହ କନିଷ୍ଠ ଶିକ୍ଷକ, ଏକ୍ସ କ୍ୟାଡର ଶିକ୍ଷକ, କଳା ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏଥି ସହିତ ସମସ୍ତ ବର୍ଗର ଶିକ୍ଷକମାନଙ୍କ ମୂଳ ଦରମା ୪୨ଶହ ଗ୍ରେଡ ପେ ଅନୁଯାୟୀ ପ୍ରଦାନ କରିବା ସହିତ ନୂତନ ପେନସନ ପ୍ରଥା ଉଚ୍ଛେଦ କରି ପୁରୁଣ ପେନସନ ଲାଗୁ କରିବାକୁ ଦାବି କରିଥିଲେ। ଉକ୍ତ ଦାବିଗୁଡ଼ିକୁ ପୂରଣ କରିବା ପାଇଁ ଶିକ୍ଷକ ସଂଘ ପକ୍ଷରୁ ବାରମ୍ବାର ଆନ୍ଦୋଳନ ଓ ସରକାରଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସରକାର ଦାବି ପୂରଣ କରିବାରେ ବିଫଳ ହେବାରୁ ଏବେ ସମଗ୍ର ରାଜ୍ୟରେ ଶିକ୍ଷକମାନେ ଆନ୍ଦୋଳାନତ୍ମକ ପନ୍ଥା ଗ୍ରହଣ କରିବାକୁ ସ୍ଥିର କରିଛନ୍ତି। ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ ଆଗାମୀ ୫ ତାରିଖରେ ବ୍ଲକ ସ୍ତରରେ ଆନ୍ଦୋଳନ ପ୍ରସ୍ତୁତି ବୈଠକ କରିବା ସହିତ ଦାବିପତ୍ର ପ୍ରଦାନ କରାଯିବ। ସେହିପରି ୧୧ ତାରିଖରେ ଜିଲ୍ଲାସ୍ତରରେ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଦାବି ପୂରଣ ନହେଲେ ୧୬ ଅଗଷ୍ଟରୁ ଶିକ୍ଷକମାନେ ସମୂହ ଛୁଟିରେ ରହିବା ସହିତ ବ୍ଲକସ୍ତରରୁ ଆନ୍ଦୋଳନ ଆରମ୍ଭ କରିବେ ବୋଲି ନିଷ୍ପତ୍ତି ହୋଇଛି। ଫଳରେ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଉକ୍ତ ବୈଠକରେ ବିଭିନ୍ନ ଶିକ୍ଷକ ସଂଗଠନ ତରଫରୁ ଶିକ୍ଷକ ନେତା ଅରବିନ୍ଦ ଦିକ୍ଷୀତ, ସମୀର କୁମାର ଜେନା, ରୂପେଶ କୁମାର ସାହୁ, ପ୍ରଣୟ ମହାପାତ୍ର, ତବରେଜ ଖାନ, ସତ୍ୟବ୍ରତ ରାଉତ, ପ୍ରଦୀପ ଦାସ, ପ୍ରଶାନ୍ତ ବେହେରା, ଆଶିଶ ସାହୁ, ସମସ୍ତ ବ୍ଲକ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବାଣିଦା ଆର୍‌ଡି ରାସ୍ତା ଓ ପୋଲ କାର୍ଯ୍ୟ ଅଧାପନ୍ତରିଆ : ଗ୍ରାମବାସୀଙ୍କ ଧାରଣା



ଜଳେଶ୍ୱର, ୩/୦୮ (ନି.ପ୍ର): ସୁଗୋ ପଂଚାୟତର ବାଣିଦା ଗ୍ରାମ୍ୟ ମୁଖ୍ୟ ରାସ୍ତା ଏବେ ମରଣଯନ୍ତାରେ ପରିଣତ ହୋଇଛି। ଲଗାଣ ବର୍ଷା ଯୋଗୁଁ ଅସ୍ଥାୟୀ ପୋଲ ଭାଂଗିଯିବାରୁ ଯାତାୟାତ ଠପ୍ ହୋଇଛି। ଫଳରେ ରୋଗୀ, ସ୍କୁଲ ପିଲା, ଗୃହପାଳିକ ପଶୁ ଏପରିକି ବଜାରହାଟକୁ ଯାତାୟାତ ବ୍ୟାହତ ହୋଇଛି। ଆଜି ପୋଲକାର୍ଯ୍ୟ କରୁଥିବା ଠିକାଦାର ନିର୍ମାଣରେ ବ୍ୟବହୃତ ସରଞ୍ଜାମ ଅନ୍ୟତ୍ର ନେଉଥିବା ଦେଖି ଗ୍ରାମବାସୀ ସନ୍ଦେହ ପ୍ରକଟ କରିଥିଲେ। ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ଠିକାଦାରଙ୍କୁ ଛାଡିନଦେବାଲାଗି ଧାରଣାରେ ବସିଥିଲେ। ଆସନ୍ତା ଦିନରେ କାର୍ଯ୍ୟ ଶେଷ କରିବେ ବୋଲି ଠିକାଦାରଙ୍କ ପକ୍ଷରୁ ପ୍ରତିଶୃତି ଦେବାପରେ ସୁଗୋ ଉନ୍ନୟନ କମିଟି ଓ ସୁରକ୍ଷା ମଂଚ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଏଥିରେ ପଲ୍ଟୁ ଦାସ, ତନୁଜ ମହାନ୍ତି, ପ୍ରଦୀପ ମହାନ୍ତି, ବିରେନ୍ଦ୍ର ପଣ୍ଡା, ବାଂଛାନିଧି ମହାନ୍ତି, ବିମଳ ଦାସ, ଗୌରୀକାନ୍ତ ମହାନ୍ତି, ଜୀବନ ବାରିକ, ଜଗନ୍ନାଥ ବାରିକ, ବିଦ୍ୟାଧର ପାତ୍ର, କୁନା ଟୁଡୁ, ବଂଶିଧର ମହାନ୍ତି ଓ ଚନ୍ଦ୍ର ମହାନ୍ତି ପ୍ରମୁଖ ଏହି ଧାରଣାରେ ବସିଥିଲେ।

## ଦିବ୍ୟାଙ୍ଗ ସଚେତନତା ଶିବିର

ଜଳେଶ୍ୱର, ୩/୦୮ (ନି.ପ୍ର): ଜଳେଶ୍ୱର ବ୍ଲକର କାଳୀକାପୁର ସରକାରୀ ଉନ୍ନିତ ଉପ୍ରା ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପୌରହିତ୍ୟରେ ଦିନିକିଆ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପାଇକସିଦା, ପଶ୍ଚିମବାର୍ଡ କ୍ଲଷ୍ଟରର ଶିକ୍ଷକମାନେ ତଥା ଦିବ୍ୟାଙ୍ଗ ବାପା-ମାଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆର୍‌ସିସି ଶ୍ରୀକାନ୍ତ ଧଳ, ସୂଚନା ପ୍ରଦାନ କରିଥିବା ବେଳେ ରାମଚନ୍ଦ୍ର ଜେନା ଯୋଗ ଦେଇ ବିଜ୍ଞାନର ଅଗ୍ରଗତି ସହିତ ସରକାରୀ ପ୍ରସ୍ୱାହତ ବଳରେ ଦିବ୍ୟାଙ୍ଗ ମାନେ ସୁସ୍ଥ ସବଳ ମଣିଷ ସହିତ ସମକକ୍ଷ ହୋଇ ପାରୁଛନ୍ତି। ପୁଣି ସମାଜର ମୁଖ୍ୟ ସ୍ରେତରେ ସେମାନଙ୍କୁ ସାମିଲ କରିବାଲାଗି ପଦକ୍ଷେପ ନିଆଯାଉଥିବା କହିଥିଲେ। ବିଆର୍‌ପି ସୁବ୍ରତ କୁମାର ସୂତାର ଓ ରଂଜିମା ମହାନ୍ତି ବକ୍ତବ୍ୟ ରଖିଥିବା ବେଳେ ବିକ୍ରମ କେଶରୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବାରିପଦା, ୩/୦୮ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲକ୍ଷପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହ ଠାରେ ଜିଲ୍ଲା ପ୍ରଶାସନ ତରଫରୁ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସିଂଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହିତ ସରକାରୀ ସେବା ପ୍ରଦାନ ରେ ଲୋକ ମାନଙ୍କ ପ୍ରତି ତାଙ୍କର ଉତ୍ତମ ବ୍ୟବହାର ଓ ଦାୟିତ୍ୱପୂର୍ଣ୍ଣ ପ୍ରଶାସନିକ କାର୍ଯ୍ୟଶୈଳୀ ପାଇଁ ସରକାର ତାଙ୍କୁ ଅଧିକ ଦାୟିତ୍ୱ ପ୍ରଦାନ କରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ବିଦାୟୀ ଶ୍ରୀ ସିଂ ଭାବବିହ୍ୱଳ ହୋଇ କାର୍ଯ୍ୟକ୍ଷେତ୍ର ରେ ଏଭଳି ଏକ ଟିମ କୁ ଛାଡି ଯିବା ପାଇଁ ପଡୁଥିବା ରୁ ଦୁଃଖ ପ୍ରକାଶ କରିବା ସହ ସମସ୍ତ ଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁଜୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି ବିଦାୟୀ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସିଂ ପଦନ୍ନତି ପାଇ ଅନୁଗୋଳ ଜିଲ୍ଲାର ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ଯୋଗଦାନ କରିବାକୁ ଯାଉଛନ୍ତି। ଆଜି ପୂର୍ବାହ୍ନ ରେ ଶ୍ରୀ ଦୌଲତ ଚନ୍ଦ୍ରକାର ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ଶ୍ରୀ ହେମନ୍ତ କୁମାର ସିଂ ଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ପେଟ୍ରୋଲ ପମ୍ପରେ ତେଲ ପକାଇ ଛିନତାଇ ଉଦ୍ୟମ

ନୀଳଗିରି, ୩/୦୮ (ନି.ପ୍ର): ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ ତେଲିପାଳ ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପରେ ଜଣେ ଯୁବକ ୧୦୧୧ ଟଙ୍କାର ପେଟ୍ରୋଲ ପକାଇ ଅତି ଚତୁରତା ସହ ଟଙ୍କା ବ୍ୟାଗ ଛିନ୍ ତାଇ କରିବା ଉଦ୍ୟମ କରିଥିବା ଜଣାପଡିଛି। ଗତକାଲି ରାତ୍ରରେ ଓଡ଼ି ୦୧କ୍ୟୁ-୭୫୯୪ ନମ୍ବର ଲେଖାଥିବା ବାଇକରେ ଆସି ୧୦୧୧ ଟଙ୍କାର ତେଲ ପକାଇଥିଲେ। ଫୋନ ଚାର୍ଜ କରିବା ପରେ ଅନଲାଇନରେ ଟଙ୍କା ଦେବ କହି ଫୋନ ଚାର୍ଜ କରିଥିଲା। ପରେ ଅଫିସ ରୁମକୁ ଯାଇ ଟଙ୍କା ବ୍ୟାଗ ଧରିଥିବା ସେଲସମ୍ୟାନ ଠାରୁ ଛଡ଼ାଇଥିଲା। ପରେ ଲୋକ ଭିଡ଼ ଥିବା ଦେଖି ବ୍ୟାଗ ଛଡାଇ ନପାରି ବାଇକ ଧରି ନୀଳଗିରି ଆଡକୁ ପଳାଇ ଯାଇଥିଲା। ପରେ ପେଟ୍ରୋଲ ପମ୍ପ ମାଲିକ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ଖୋଲତାଡ଼ କରୁଥିବା ଜଣାପଡିଛି।

# ବିରଳ ବଜ୍ରକାପ୍ତା ଉଦ୍ଧାର: ୮ ଗିରଫ



ବାରିପଦା, ୩/୦୮ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟ ରେ ଶିକାରୀଙ୍କ ଗୁଳିରେ ଦୁଇଜଣ ବନ କର୍ମଚାରୀ ନିହତ ହେବା ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ପରେ ଆକ୍ସନ ମୁଡ଼ କୁ ଆସିଛି ବନ ବିଭାଗ ଏବଂ ପୋଲିସ ବିଭାଗ। ଶିମିଳିପାଳ ରେ ବନ୍ୟଜନ୍ତୁ ଶିକାର ତଥା ଜନ୍ତୁ ତସ୍କରୀରେ ରୋକ ଲଗାଇବା ପାଇଁ ବନ ବିଭାଗ ଏବଂ ପୋଲିସ ମିଳିତ ଭାବରେ ପ୍ରୟାସ ଚଳାଇ ଥିଲେ ମଧ ଥମୁନି ବନ୍ୟଜନ୍ତୁ ତସ୍କରି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ଓ ରାଇରଙ୍ଗପୁର ବନଖଣ୍ଡ ପକ୍ଷରୁ ମିଳିତ ଭାବରେ ରାଇରଙ୍ଗପୁର ନିକଟରେ ବଜ୍ରକାପ୍ତା ବିକ୍ରି ପାଇଁ ଡିଲ ଚାଲିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଚଢାଉ କରାଯାଇ ଏକ ବିରଳ ବଜ୍ରକାପ୍ତା ଉଦ୍ଧାର କରାଯିବା ସହ ଘଟଣାରେ ସମ୍ପୃକ୍ତ ୮ଜଣ ଅଭିଯୁକ୍ତଙ୍କୁ ରାଇରଙ୍ଗପୁର ନିକଟରୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ଗୋଟିଏ ବଲେରୋ ଗାଡି, ଗୋଟିଏ ସ୍କୁଟି ଓ ୮ଟି ମୋବାଇଲ ଫୋନ ମଧ ଜବତ କରାଯାଇଛି। ଜବଦ ହୋଇ ଥିବା ବଜ୍ରକାପ୍ତା ଭାରତରେ ସବୁଠାରୁ ଅଧିକ ଚାଲାଣ ହେଉଥିବା ବିରଳ ବଜ୍ରକାପ୍ତା ବୋଲି ଜଣାଯାଇଛି। ତେବେ ଗିରଫ ବ୍ୟକ୍ତି ମାନଙ୍କୁ ଅଟକ ରଖି ପଚରା ଉଚରା କରାଯାଉଥିବା ବେଳେ ଘଟଣାରେ ଆନ୍ତରାଜ୍ୟ ରେକେଟର ସମ୍ପୃକ୍ତି ଥିବା ସନ୍ଦେହ ଥିବାରୁ ଘଟଣାର ଅଧିକ ତଦନ୍ତ କରାଯାଉ ଥିବାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି।

# ଲଘୁଚାପ ଜନିତ ବର୍ଷାର ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ ପ୍ରତାପ ଦେବ ଓ ବିଧାୟକ ସୁକାନ୍ତ କୁମାର ନାୟକ



ନୀଳଗିରି, ୩/୦୮ (ନି.ପ୍ର): ନୀଳଗିରି ନିର୍ବାଚନୀ ମଣ୍ଡଳୀର ବାହାନଗା ବ୍ଲକ ଅନ୍ତର୍ଗତ ପଥର ପେଣ୍ଠ ପଞ୍ଚାୟତରେ ଲଘୁଚାପ ଜନିତ ବର୍ଷାରେ ଅନେକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଅନେକ ଗ୍ରାମ ପାଣିଘେରରେ ରହିଛି। ଏହାର ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଓଡ଼ିଶାର ମାନ୍ୟବର ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଓ ନିଳଗିରି ବିଧାୟକ ସୁକାନ୍ତ କୁମାର ନାୟକଙ୍କ ସହ ବାହାନଗା ବ୍ଲକର ପୂର୍ବତନ ବ୍ଲକ୍ ଅଧକ୍ଷ ଶରତ ରାଜ ଗୁରୁବାର ବନ୍ୟା ପାଣିର ଅବସ୍ଥା ପରଖି ଥିବାବେଳେ ପାଣି ନିଷ୍କାସନ ପାଇଁ ଡ୍ରେନର ସୁବିଧା ନଥିବାର ଜାଣିବାକୁ ପାଇଥିଲେ। ଜାତୀୟ ରାଜପଥ ୧୬ରେକାର୍ଯ୍ୟ ଚାଲି ଥିବାରୁବର୍ଷା ଜଳ ନିଷ୍କାସନରେ ବାଧାସୃଷ୍ଟି ହେଉଥିବାରୁ ଏନେଇ ମାନ୍ୟବର ମନ୍ତ୍ରୀ ବିଭାଗର ଅଧିକାରୀଙ୍କ ସହ ସମାଧାନ ପାଇଁ ଯଥା ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଳମଗ୍ନ ଗ୍ରାମ ଗୁଡିକରେ ପରିବାରମାନଙ୍କୁ ସରକାରୀ ସହାୟତା ପାଇଁ ବିଧାୟକ ସୁକାନ୍ତ କୁମାର ନାୟକ ମାନ୍ୟବର ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଶରତ ରାଜ ବ୍ଲକର ବିଭିନ୍ନ ସମସ୍ୟା ଉପରେ ମଧ ଆଲୋକପାତ କରିଥିଲେ।

## ବିଦ୍ୟୁତ ସଜାଡୁଥିବା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ: ୩ଜଣଙ୍କ ନାମରେ ମାମଲା

ଖଇରା, ୩/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ଖଇରା କଲେଜ ଛକ ନିଟକରେ ବିଦ୍ୟୁତ ତାର ସଜାଡୁଥିବା ବେଳେ ଆକାଂକ୍ଷା-ଟାଟାପାଓ୍ୱାର କର୍ମଚାରୀ ମାନଙ୍କୁ ନିସ୍ଥୁକ ମାଡମାରି ରକ୍ତାକ୍ତ କରିବା ଅଭିଯୋଗରେ ଖଇରା ପୋଲିସ ଆଳଦା ଗ୍ରାମର ତପନ ବେହେରା ଓ ବଣ୍ଟି ଦାସ ଏବଂ ମିରିଗଗଡିଆ ଗ୍ରାମର କ୍ଷିରୋଦ କୁମାର ନାୟକଙ୍କ ନାମରେ ଏକ ମାମଲା(୨୪୪/୨୩)ରୁଜୁ କରିଛନ୍ତି। ମଙ୍ଗଳବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ବିଦ୍ୟୁତ ବିଭ୍ରାଟ କୁ କର୍ମଚାରୀ ମାନେ ସଜାଡୁଥିଲେ। ହେଲେ ହଠାତ ଏହି ଯୁବକ ମାନେ ପୂର୍ବ ଯୋଜନା ମୁତାବକ ଅତର୍କିତ ଆକ୍ରମଣ କରି ୨ଜଣଙ୍କୁ ଲହୁଲୁହାଣ କରିଥିଲେ। ଏଭଳି ସମାଧାନ ପାଇଁ ଆସିଥିବା ନଟାପଡା ଗ୍ରାମର ନିଶିକାନ୍ତ ମହାନ୍ତିଙ୍କୁ ବି ଛାଡିନଥିଲେ। ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ଦାବୀ ହୋଇଛି।

# ସରସ୍ୱତୀ ଶିଶୁ ମନ୍ଦିରରେ ମାଳତୀ ମଞ୍ଜରୀଙ୍କ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସଭା




ଲଙ୍ଗଳେଶ୍ୱର, ୩/୦୮ (ନି.ପ୍ର): ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମାଳତୀ ବିହାର ପରିସରରେ ଅନ୍ୟତମ ପ୍ରତିଷ୍ଠାତା ମାଳତୀ ମଞ୍ଜରୀ ଦଣ୍ଡପାଟଙ୍କ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପଣ୍ଡିତ ପଞ୍ଚାନନ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଜାମଶୂଳୀ କଲେଜ ଗଣିତ ବିଭାଗ ମୁଖ୍ୟ ଅଧାପକ ଡ଼ଃ ସୁକାନ୍ତ କୁମାର ଗିରି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମାଳତୀ ଦେବୀଙ୍କ ସେବା ଧର୍ମ ପରାୟଣ ଓ ଆଦର୍ଶ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ଶିକ୍ଷକ ଶଚିନ୍ଦ୍ର ନାଥ ନନ୍ଦୀ, ନଗେନ୍ଦ୍ର ନାଥ ଦଣ୍ଡପାଟ, ପୂର୍ଣ୍ଣ ଚନ୍ଦ୍ର ଜେନା, ହିମାଂଶୁ ଜେନା ପ୍ରମୁଖ ଯୋଗ ଦେଇ ମାଳତୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ବାରିକ ଅତିଥି ପରିଚୟ ଦେଇ ଥିବାବେଳେ ଅନୁଷ୍ଠାନର ସମ୍ପାଦକ ଡାକ୍ତର ଦେବବ୍ରତ ଦଣ୍ଡପାଟ ସ୍ୱାଗତ ଭାଷଣ ଓ ବିବରଣୀ ପ୍ରଦାନ କରିଥିଲେ। ଗୁରୁମା ସଞ୍ଜୁ ରାଣୀ ମହାନ୍ତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ନୀରବ ପ୍ରାଥନା କରାଯାଇଥିଲା।

# ବ୍ରାଉନସୁଗାର ଜବତ: ଗିରଫ ମାଫିଆକୁ କୋର୍ଟ ଚାଲାଣ



ନୀଳଗିରି, ୩/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ସ୍କ୍ୱାର୍ଡ ଇନ୍ସପେକ୍ଟର ଗାଲୁରାମ ସରେନ୍ ଙ୍କ ନେତୃତ୍ୱରେ ନୀଳଗିରି ଥାନା ରାଜନଗର ଗ୍ରାମର ଜଣେ ବ୍ରାଉନସୁଗାର୍ ମାଫିଆକୁ ଧରିବାରେ ସଫଳ ହୋଇଛି। ବିଶେଷ ସୂତ୍ରରୁ ଖବରପାଇ ରାଜନଗର ଗ୍ରାମର ଶ୍ରୀକାନ୍ତ କୁମାର ନାୟକଙ୍କୁ ତାଙ୍କ ଘରେ କାବୁ କରିବାରେ ସଫଳ ହୋଇଛି ମୋବାଇଲ ସ୍କ୍ୱାର୍ଡ ଟିମ୍। ଅଭିଯୁକ୍ତ ଶ୍ରୀକାନ୍ତଙ୍କ ଠାରୁ ୨୧୦ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରାଯାଇଛି। ଯାହାର ମୂଲ୍ୟ ୨୧ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି। ଅଭିଯୁକ୍ତକୁ ଗିରଫ କରାଯାଇ ବାଲେଶ୍ୱର ସେସନନ୍ସ କୋର୍ଟ ଚାଲାଣ କରାଯାଇଛି। ତେବେ ନୀଳଗିରି ଅଞ୍ଚଳ ଏବେ ନିଶା ବେପାରୀଙ୍କ କବଜାରେ। ଅଧିକାଂଶ ସମୟରେ ନୀଳଗିରି ଏବଂ ଏହାର ଆଖପାଖ ଅଞ୍ଚଳରେ ଡ୍ରଗସ ମାଫିଆ ଗିରଫ ହେଉଥିବା ବେଳେ ଅନେକ ଖସିଯିବାରେ ସକ୍ଷମ ହେଉଛନ୍ତି। ଏହାକୁ ରୋକା ନଗଲେ ଅଞ୍ଚଳର ଯୁବସମାଜ ପଥଭ୍ରଷ୍ଟ ହେବେବୋଲି ବୁଦ୍ଧିଜିବୀ ଆଶଙ୍କା କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo